بِسۡمِ اللّٰہِ الرَّحۡمٰنِ الرَّحِیۡمِ     نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ     وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ 3

ସଂଖ୍ୟା 42

ସାପ୍ତାହିକ

# ବଦର

The Weekly BADAR Qadian କାଦିଆନ

ODIA

ବାର୍ଷିକ ଦେୟ: ୫୦୦/-

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

18 ଅକ୍ଟୋବର୍ 2018    18 ଇଖା 1397 ହି.ଶ    08 ସଫର୍ 1440 ହି.କ


## ଅଲ୍ଲାଃତାଲାଙ୍କ ବାଣୀ

يٰۤاَيُّهَا الَّذِيۡنَ اٰمَنُوۡا

كُلُوۡا مِنۡ طَيِّبٰتِ مَا رَزَقۡنٰكُمۡ

وَاشۡكُرُوۡا لِلّٰهِ اِنۡ كُنۡتُمۡ اِيَّاهُ تَعۡبُدُوۡنَ

(سورۃ البقرہ:173)

ଅନୁବାଦ - ହେ ବିଶ୍ୱାସକାରୀମାନେ ! ଆମ୍ଭେ ତୁମମାନଙ୍କୁ ଯେଉଁ ସବୁ ବିଶୁଦ୍ଧ ଦ୍ରବ୍ୟ ଦେଇଅଛୁ ତନ୍ମଧ୍ୟରୁ ଖାଅ ଏବଂ ଯଦି ତୁମେମାନେ (ପ୍ରକୃତରେ) ଅଲ୍ଲାଃତାଲାଙ୍କର ଉପାସନା କରୁଅଛ ତେବେ ତାହାଙ୍କ ପ୍ରତି କୃତଜ୍ଞତା (ମଧ୍ୟ) ଜ୍ଞାପନ କର ।

(ବକ୍ରାଃ : ୧୭୩)

## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ[ଅ.ବ] କୁଶଳ ଓ ମଙ୍ଗଳରେ ଅଛନ୍ତି । (ଅଲ୍ହମ୍ଦୋଲିଲ୍ଲାଃ)

ହୁଜୁର ଅନ୍ଓ୍ୱର[ଅ.ବ]ଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁର[ଅ.ବ]ଙ୍କୁ ପ୍ରତ୍ୟେକ ମୁହୂର୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ଓ୍ୱ ବାରିକ୍ଲନା ଫି'ଉମ୍ରିହି ଓ୍ୱ ଅମ୍ରିହି ॥

## କୁର୍ଆନ୍ ଶରିଫ୍ ହେଉଛି ସମସ୍ତ ପ୍ରକାରର ତାତ୍ତ୍ୱିକ ଓ ବୌଦ୍ଧିକ ଜ୍ଞାନର ସଂଗ୍ରହାଳୟ ଏବଂ ସେ ଆଦ୍ର ଓ ଶୁଷ୍କ (ଉଚିତ୍ ଓ ଅନୁଚିତ୍)ର ଅନାବଶ୍ୟକ ଭଣ୍ଡାରକୁ ନିଜ ଭିତରେ ରଖେନାହିଁ ।

## କୁର୍ଆନ୍ କରିମ୍ ହେଉଛି ଏପରି ଏକ ପୁସ୍ତକ ଯାହା ମଧ୍ୟରେ ପ୍ରତ୍ୟେକ ପ୍ରକାରର ତତ୍ତ୍ୱଜ୍ଞାନ ଓ ରହସ୍ୟ ମହଜୁଦ୍ ରହିଛି ।

## ସୟଦ୍ନା ହଜ୍ରତ୍ ମସିହ୍ ମଉଦ୍ ଆ:ସଙ୍କ ନିତିବାଣୀ

### କୁର୍ଆନ୍ ମଜିଦ୍ର ବ୍ୟାପକତା:-

କୁର୍ଆନ୍ ଶରିଫ୍ ହେଉଛି ସମସ୍ତ ପ୍ରକାରର ବୌଦ୍ଧିକ ଓ ତତ୍ତ୍ୱଜ୍ଞାନର ସଂଗ୍ରହାଳୟ ଏବଂ ସେ ଆଦ୍ର ଓ ଶୁଷ୍କ (ଉଚିତ୍ ଓ ଅନୁଚିତ୍)ର ଅନାବଶ୍ୟକ ଭଣ୍ଡାରକୁ ନିଜ ଭିତରେ ଧରି ରଖେନାହିଁ । ପ୍ରତ୍ୟେକ କଥାର ତଫ୍ସିର୍ (ବ୍ୟାଖ୍ୟା) ସେ ନିଜେ ହିଁ କରିଥାଏ ଓ ପ୍ରତ୍ୟେକ ପ୍ରକାରର ଆବଶ୍ୟକତାର ସାମାନ୍ ତା ଭିତରେ ମହଜୁଦ୍ ରହିଛି । ସେ ପ୍ରତ୍ୟେକ ପାର୍ଶ୍ୱରୁ ନିଦର୍ଶନ ଓ ଚିହ୍ନ ଅଟେ । ଯଦି କେହି ଏକଥାକୁ ଅସ୍ୱୀକାର କରେ ତେବେ ଆମେ ପ୍ରତ୍ୟେକ ପାର୍ଶ୍ୱରୁ ଏହାର ଅଲୌକିକତା ପ୍ରମାଣ କରିବା ଓ ଦେଖାଇବା ପାଇଁ ପ୍ରସ୍ତୁତ ଅଛୁ । ଆଜିକାଲି ଏକେଶ୍ୱରବାଦ ଏବଂ ଇଶ୍ୱରଙ୍କ ଅସ୍ତିତ୍ୱ ଉପରେ ବହୁତ ତୀବ୍ରତାର ସହିତ ଆକ୍ରମଣ କରାଯାଉଅଛି । ଇସାଇମାନେ ମଧ୍ୟ ବହୁତ କିଛି ଚେଷ୍ଟା କରିଛନ୍ତି ଓ ଲେଖିଛନ୍ତି କିନ୍ତୁ ଯାହା କିଛି କହିଛନ୍ତି ଓ ଲେଖିଛନ୍ତି ତାହା ଇସ୍ଲାମ୍ର ଖୁଦାଙ୍କ ବାବଦରେ ହିଁ ଲେଖିଛନ୍ତି ନା କିଁ ଜଣେ ମୁର୍ଦାର, ଅକ୍ଷମ ଓ ଅସମର୍ଥ ଇଶ୍ୱରଙ୍କ ବାବଦରେ । ଆମେ ଦାବୀକରି ଏକଥା କହୁଅଛୁ କି ଯେଉଁ ବ୍ୟକ୍ତି ଅଲ୍ଲାଃତାଲାଙ୍କ ଅସ୍ତିତ୍ୱ ଓ ସତା ବାବଦରେ କଲମ ଉଠାଇବ ତାକୁ ପରିଶେଷରେ ସେହି ଖୁଦାଙ୍କ ଆଡକୁ ଆସିବାକୁ ହେବ, ଯାହାକୁ ଇସ୍ଲାମ୍ ଉପସ୍ଥାପନ କରିଅଛି । କାରଣ ପ୍ରକୃତିପୃଷ୍ଠର ଗୋଟିଏ ଗୋଟିଏ ପତ୍ରରେ ତାର ଠିକଣା ମିଳିଥାଏ ଏବଂ ମନୁଷ୍ୟ ତା ପ୍ରକୃତିରେ ସେହି ଖୁଦାଙ୍କ ଛବିକୁ ନିଜ ଭିତରେ ରଖିଥାଏ । ସୁତରାଂ ଏପରି ଲୋକମାନଙ୍କର ପାଦ ଯେବେ ଉଠିବ (ତେବେ) ତାହା ଇସ୍ଲାମ୍ର କ୍ଷେତ୍ରଆଡକୁ ଉଠିବ । ଏହା ମଧ୍ୟ ଗୋଟିଏ ମହାନ୍ ଚମତ୍କାର୍ ।

### କୁର୍ଆନ୍ ମଜିଦ୍ର ଚ୍ୟାଲେଞ୍ଜ୍:-

ଯଦି କୌଣସି ବ୍ୟକ୍ତି କୁର୍ଆନ୍ କରିମ୍ର ଏହି ଅଲୌକିକ ଚମତ୍କାରକୁ ଅସ୍ୱୀକାର କରେ ତେବେ ଗୋଟିଏ ପାର୍ଶ୍ୱରୁ ଆମେ ପରୀକ୍ଷା କରିନେବା ଅର୍ଥାତ୍ ଯଦି କୌଣସି ବ୍ୟକ୍ତି କୁର୍ଆନ୍ କରିମକୁ ଖୁଦାତାଲାଙ୍କ ବାଣୀ ବୋଲି ମାନୁନାହିଁ ତେବେ ଏହି ଆଲୋକ ଓ ବିଜ୍ଞାନର ଯୁଗରେ ଏପରି ମୁଦେଇ ଖୁଦାତାଲାଙ୍କ ଅସ୍ତିତ୍ୱ ଉପରେ ଦଲିଲ୍ ଲେଖନ୍ତୁ । ତା ମୁକାବିଲାରେ ଆମେ ସେହି ସମସ୍ତ ଦଲିଲ୍ ଗୁଡିକୁ କୁର୍ଆନ୍ କରିମ୍ ରୁ ହିଁ ବାହାର କରି ଦେଖାଇଦେବୁ ଏବଂ ଯଦି ସେହି ବ୍ୟକ୍ତି ଇଶ୍ୱରଙ୍କ ଏକେଶ୍ୱରବାଦ ହେବା ବାବଦରେ ଦଲିଲ୍ ଲେଖିବେ ତେବେ ସେହି ସମସ୍ତ ଦଲିଲ୍ ଗୁଡିକୁ ମଧ୍ୟ ଆମେ କୁର୍ଆନ୍ କରିମ୍ରୁ ମଧ୍ୟ ବାହାର କରି ଦେଖାଇଦେବୁ । ପୁଣି ସେ ଏପରି ଦଲିଲ୍ର ଦାବୀ କରି ଲେଖିବେ ଯାହା କୁର୍ଆନ୍ କରିମ୍ରେ ମିଳୁନାହିଁ ବା ତାର ସତ୍ୟତା ଓ ପବିତ୍ର ଶିକ୍ଷା ଉପରେ ଦଲିଲ୍ ଲେଖିବେ ଯାହାଙ୍କ ବାବଦରେ ତାର ଏ ଭାବନା ଥିବ କି ସେଗୁଡିକ କୁର୍ଆନ୍ କରିମ୍ରେ ନାହିଁ ବୋଲି, ତେବେ ଆମେ ଏପରି ବ୍ୟକ୍ତିଙ୍କୁ ସ୍ପଷ୍ଟ ରୂପେ ଦେଖାଇଦେବୁ କି ପବିତ୍ର କୁର୍ଆନ୍ର ଦାବୀ ହେଉଛି *ଫିହା କୁତୁବୁନ୍ କୈୟେମାଃ* (ଅଲ୍ ବୈୟେନାଃ:୪) । କେତେ ସତ୍ୟ ଓ କେତେ ସ୍ପଷ୍ଟ । ଯଦି ଅସଲ ଓ ପ୍ରକୃତ ଧର୍ମ ବାବଦରେ ଦଲିଲ୍ ଲେଖିବାକୁ ଚାହିଁବେ ତେବେ ଆମେ ପ୍ରତ୍ୟେକ ପାର୍ଶ୍ୱରୁ କୁର୍ଆନ୍ କରିମ୍ର ଚମତ୍କାରିତା ପ୍ରମାଣିତ କରି ଦେଖାଇଦେବୁ ଓ ବତାଇଦେବୁ କି ସମସ୍ତ ସତ୍ୟତା ଏବଂ ପବିତ୍ର ଶିକ୍ଷା ଗୁଡିକ କୁର୍ଆନ୍ କରିମ୍ରେ ମହଜୁଦ୍ ରହିଛି ।

ସୁତରାଂ କୁର୍ଆନ୍ କରିମ୍ ହେଉଛି ଗୋଟିଏ ଏପରି ପୁସ୍ତକ ଯାହା ମଧ୍ୟରେ ପ୍ରତ୍ୟେକ ପ୍ରକାରର ତତ୍ତ୍ୱଜ୍ଞାନ ଓ ରହସ୍ୟ ମହଜୁଦ୍ ରହିଛି କିନ୍ତୁ ସେଗୁଡିକ ହାସଲ କରିବା ପାଇଁ ମୁଁ ପୁଣି କହୁଅଛି କି ସେହି ପବିତ୍ର ଶକ୍ତିର ଆବଶ୍ୟକ ରହିଛି । ସୁତରାଂ ଅଲ୍ଲାଃତାଲା ସ୍ୱୟଂ କହୁଛନ୍ତି - *ଲା ୟମୁସ୍ସହୁ ଇଲ୍ଲଲ୍ ମୁତହ୍ହରୁନ୍* (ଅଲ୍ ଓ୍ୱାକେୟା:୮୦) ।

ସେହିପରି ଫସାହତ୍ ବଲାଗତ୍ (ସୁବାକ୍ୟ ଓ ସାହିତ୍ୟ)ରେ (ତାର ମୁକାବିଲା ଅସମ୍ଭବ) । ଉଦାହରଣ ସ୍ୱରୂପ (ଯଦି) ସୁରଃ ଫାତିହାରେ ଥିବା ବର୍ତମାନର କ୍ରମକୁ ଛାଡି ଅନ୍ୟ କୌଣସି କ୍ରମକୁ ବ୍ୟବହାର କରାଯାଏ ତେବେ ସେହି ଉତମ ଅର୍ଥ ଓ ମହାନ୍ ଉଦ୍ଦେଶ୍ୟ ଗୁଡିକ ଯାହା ଏହି କ୍ରମ ଭିତରେ ମହଜୁଦ୍ ଅଛି, ତାହା ଅନ୍ୟ କୌଣସି କ୍ରମରେ ବର୍ଣ୍ଣନା ହେବା ଅସମ୍ଭବ । କୌଣସି ସୁରଃ ନେଇନିଅନ୍ତୁ ତାହା *କୁଲ୍ ହୁଓ୍ୱଲ୍ଲାହୁ ଅହଦ୍* ହେଉ ପଛକେ, ଯେଉଁ ପ୍ରକାର ନମ୍ରତା (ସରଳତା) ଓ ଅନୁକମ୍ପାର ବିଚାରକୁ ଦୃଷ୍ଟିରେ ରଖି ଏଥିରେ ତତ୍ତ୍ୱଜ୍ଞାନ ଏବଂ ସତ୍ୟତା ପ୍ରତିପାଦନ ହୋଇଅଛି, ତାହା ଅନ୍ୟକେହି ବର୍ଣ୍ଣନା କରିପାରିବେ ନାହିଁ । ଏହା ମଧ୍ୟ କେବଳ ପବିତ୍ର କୁର୍ଆନ୍ର ହିଁ ଚମତ୍କାରିତା । ମୁଁ ବହୁତ ଆଶ୍ଚର୍ଯ୍ୟ ହେଉଛି, ଯେବେ କିଛି ଅଜ୍ଞାନ *ମକାମାତେ ହରିରି ବା ସବ୍ଆ ମୁଅଲ୍ଲକା* (ଆରବୀ ଭାଷାରେ ଦୁଇଟି ପୁରାତନ ପୁସ୍ତକ)କୁ ଅଦ୍ୱିତୀୟ ଓ ଅନୁପମ ବୋଲି କହୁଛନ୍ତି ଏବଂ ସେହିପରି କୁର୍ଆନ୍ କରିମ୍ର ନିଃସଦୃଶ ହେବା ଉପରେ ଆକ୍ରମଣ କରିବାକୁ ଚାହୁଁଛନ୍ତି ସେମାନେ ଏତିକି ବୁଝୁନାହାଁନ୍ତି କି ପ୍ରଥମତଃ *ହରିରି* ର ଲେଖକ ତାକୁ କେବେ ବି ଅଦ୍ୱିତୀୟ ହେବାର ଦାବି କରିନାହିଁ ଓ ଦ୍ୱିତୀୟତଃ *ହରିରି* ର ଲେଖକ ନିଜେ ହିଁ କୁର୍ଆନ୍ କରିମ୍ର ଚମତ୍କାରି ଭାଷାକୁ ସ୍ୱୀକାର କରୁଥିଲେ । ଏତଦ୍ବ୍ୟତୀତ ଅଭିଯୋଗକାରୀ ସତପଥ ଓ ସତ୍ୟତାକୁ ମୁଣ୍ଡ ଭିତରେ ରଖୁନାହାଁନ୍ତି ବରଂ ସେଗୁଡିକୁ ପରିତ୍ୟାଗ କରି କେବଳ ଶବ୍ଦପ୍ରତି ଧ୍ୟାନ ଦେଉଛନ୍ତି । ଉପରୋକ୍ତ ପୁସ୍ତକ ଗୁଡିକରେ ସତ୍ୟ ଏବଂ ବୌଦ୍ଧିକ ଜ୍ଞାନର ଅଭାବ ରହିଛି ।

### ଅଲୌକିକ ଚମତ୍କାରିତାର ଗୁଣ:-

ଚମତ୍କାରିତାର ଗୁଣ ଓ କାରଣ ତ ଏହା କି ପ୍ରତ୍ୟେକ ପ୍ରକାରର ରିଆୟତ୍ (ସମ୍ଭାବନା)କୁ ସେ ଦୃଷ୍ଟିରେ ରଖିବ । ବାକ୍ୟର ସରଳତା ଏବଂ ସାହିତ୍ୟକୁ ମଧ୍ୟ ହାତଛଡା କରିବନାହିଁ । ସତ୍ୟତା ଏବଂ ବୁଦ୍ଧିମତାକୁ ମଧ୍ୟ ପରିତ୍ୟାଗ କରିବନାହିଁ । ଏ ପ୍ରକାରର ଚମତ୍କାରିତା କେବଳ କୁର୍ଆନ୍ ଶରିଫରେ ରହିଛି, ଯାହା ସୂର୍ଯ୍ୟଙ୍କ ପରି ଜାଜ୍ୱଲ୍ୟମାନ ଓ ପ୍ରତ୍ୟେକ ପାର୍ଶ୍ୱରୁ ନିଜ ଭିତରେ ଚମତ୍କାର ଶକ୍ତି ବହନ କରି ରଖିଛି । ଇଞ୍ଜିଲ୍ ସଦୃଶ କେବଳ ମୁହଁର ହିସାବ ନିକାଶ ନୁହେଁ ଅର୍ଥାତ୍ ''ଯଦି ଗୋଟିଏ ଗାଲକୁ ଚାପୁଡ଼ା କିଏ ମାରେ ତେବେ ଦ୍ୱିତୀୟ ଗାଲ ମଧ୍ୟ ଦେଖାଇଦିଅ'' । ଏକଥାରେ ଦୃଷ୍ଟି ଦିଆଯାଇନାହିଁ କି ଏପରି ଶିକ୍ଷାର ସମ୍ପର୍କ ପ୍ରକୃତ କାର୍ଯ୍ୟ ସହିତ କେତେ ମାତ୍ରାରେ ସାମଞ୍ଜସ୍ୟ ରହିଛି ଓ ମନୁଷ୍ୟର ପ୍ରକୃତି ବିଷୟରେ କେତେ ଦୂର ଦୃଷ୍ଟି ଦିଆଯାଇଛି ?

ଏହା ମୁକାବିଲାରେ କୁର୍ଆନ୍ କରିମ୍ର ଶିକ୍ଷାକୁ ପଢ଼ିବେ ତ ଜାଣିପାରିବେ କି ମନୁଷ୍ୟର ଭାବନା ଏପରି ପ୍ରତ୍ୟେକ ପାର୍ଶ୍ୱ ଉପରେ ପ୍ରଭୁତ୍ୱ ରଖିପାରେନାହିଁ ଏବଂ ଏପରି ସମ୍ପୂର୍ଣ୍ଣ ଓ ଅତୃଟି ଶିକ୍ଷା ଯେପରିକି ପବିତ୍ର କୋରାନ୍ର (ଶିକ୍ଷା)ଅଛି (ସେହିପରି) ଭୂମି ଉପରେ ଥିବା ମସ୍ତିଷ୍କ ଓ ବୁଦ୍ଧିର ଫଳାଫଳ ହୋଇନପାରେ । କଣ ଏହା ସମ୍ଭବ ହେବ କି ଆମ ସମ୍ମୁଖରେ ଏକ ହଜାର ଅଭାବୀ ଲୋକ ଥିବେ ଏବଂ ସେମାନଙ୍କ ମଧ୍ୟରୁ କିଛି ଲୋକଙ୍କୁ ଆମେ କିଛିଟା ଦେଇଦେବା ଓ ବାକି ଲୋକମାନଙ୍କର ଧ୍ୟାନ ମଧ୍ୟ ଆମେ ରଖିବା ନାହିଁ ! ସେହିପରି ଇଞ୍ଜିଲ୍ ଗୋଟିଏ ପାର୍ଶ୍ୱରେ ପଡି ରହିଛି । ବାକି ପାର୍ଶ୍ୱଗୁଡିକ ଉପରେ ତାର କୌଣସି ଧ୍ୟାନ ମଧ୍ୟ ନାହିଁ । ଆମେ ଏ ଆରୋପ ଇଞ୍ଜିଲ୍ ଉପରେ ଲଗାଉନାହୁଁ କାରଣ ଏହା ହେଉଛି ୟୁହୁଦୀମାନଙ୍କର କର୍ମଫଳ । ଯେଉଁପ୍ରକାରର ସାମର୍ଥ୍ୟ ସେମାନଙ୍କର ଥିଲା ତାହା ମୁତାବକ ଇଞ୍ଜିଲ୍ ଆସିଛି । *''ଜୈସି ରୁହ୍ ଓ୍ୱସେ ଫରିଶ୍ତେ''* (ଯେଉଁଭଳି ଆତ୍ମା ସେହିଭଳି ଫରିଶ୍ତା) । ଏଥିରେ କାହାର କଣ ଦୋଷ ? (ମଲ୍ଫୁଜାତ୍ ପ୍ରଥମ ଖଣ୍ଡ, ପୃଷ୍ଠା-୫୨-୫୩, ଏଡ଼ିଶନ୍-୨୦୦୩)

ପ୍ରିନ୍ଟର ଓ ପବ୍ଲିସର: ଜମିଲ୍ ଅହମଦ ନାସିର,ଫଜଲେ ଉମର ପ୍ରିନ୍ଟିଙ୍ଗ୍ ପ୍ରେସ୍ ,କାଦିଆନରେ ମୁଦ୍ରଣ କରି ବଦର କାର୍ଯ୍ୟାଳୟ କାଦିଆନ୍ ଦ୍ୱାରା ପ୍ରକାଶିତ କରାଗଲା । ପ୍ରୋପ୍ରାଇଟର ,ତତ୍ତ୍ୱାବଧାରକ ବଦର ବୋର୍ଡ଼ କାଦିଆନ୍

## ମସ୍‌ଜିଦ୍ ନିର୍ମାଣ କରିବାର ଅସଲ ଉଦ୍ଦେଶ୍ୟ କେବଳ ସେତିକିବେଳେ ପୂରଣ ହୋଇପାରିବ, ଯେବେ ତାକୁ ନିଷ୍ଠାବାନ ଉପାସନାକାରୀଙ୍କ ଜରିଆରେ ଭରିଦେବା ପାଇଁ ଗମ୍ଭୀରତାର ସହିତ ଚେଷ୍ଟା କରାଯିବ ।

## ନିଜ ଇବାଦତ୍ (ଉପାସନା) କରିବାର ସ୍ତରକୁ ଅନବରତ ଉଚ୍ଚରୁ ଉଚ୍ଚତର କରିବା ପାଇଁ ଚେଷ୍ଟା କରିଚାଲ ।

## ନମାଜରେ ନିୟମିତ ରୁହ ଏବଂ ସମ୍ପୂର୍ଣ୍ଣ ନିଷ୍ଠା ଓ ମଗ୍ନତାର ସହିତ ପାଠ କର ।

### ମସ୍‌ଜିଦ୍ ବଇତୁଲ୍ ମୁକିତ୍ (ୱାଲ୍‌ସାଲ୍, ବ୍ରିଟେନ୍)ର ଉଦ୍‌ଘାଟନୀ ଉତ୍ସବ ଅବସରରେ ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନୀନ୍ ଖଲିଫତୁଲ୍ ମସିହ୍ ଖାମିସ୍ ଅ:ବ:ଅଙ୍କ ଜମାତ୍‌ର ସଦସ୍ୟମାନଙ୍କ ନିମନ୍ତେ ତାତ୍ତ୍ୱିକ ଏବଂ ମାର୍ମିକ **ଅଭିଭାଷଣ** ।

୧୨ ମଇ ୨୦୧୮ ତାରିଖ ଦିନ ସୟଦ୍‌ନା ହଜ୍‌ରତ୍ ଖାଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଜମାତ୍ ଅହେମଦୀୟା ୱାଲ୍‌ସାଲ୍ (Walsall) ୟୁ.କେ ର ନୂତନ ମସ୍‌ଜିଦ୍ ''ବଇତୁଲ୍ ମୁକିତ୍''ର ଶୁଭ ଉଦ୍‌ଘାଟନ କଲେ । ୱାଲ୍‌ସାଲ୍‌ରେ ମସ୍‌ଜିଦ୍ ନିର୍ମାଣ ନିମନ୍ତେ ୨୦୦୯ ମସିହାରେ ଜମି କିଣାଯାଇଥିଲା । ମାର୍ଚ୍ଚ ୨୦୧୨ ମସିହାରେ ହଜୁର୍ ଅନୁୱର୍ ଅ:ବ:ଅ ୱାଲ୍‌ସାଲ୍‌ରେ ପଦାର୍ପଣ କରି ଏହି ସ୍ଥାନରେ ମସ୍‌ଜିଦ୍‌ର ଭିତିପ୍ରସ୍ତର ସ୍ଥାପନ କରିଥିଲେ ଏବଂ ଏହି ମସ୍‌ଜିଦ୍‌ର ନାମକରଣ ''ବଇତୁଲ୍ ମୁକିତ୍'' କରିଥିଲେ । ଏହି ମସ୍‌ଜିଦ୍‌ଟି ସହରର ମଧ୍ୟସ୍ଥଳୀର ଗୋଟିଏ ପ୍ରମୁଖ ସ୍ଥାନରେ ଅବସ୍ଥିତ । ମସ୍‌ଜିଦ୍ ନିର୍ମାଣ ପାଇଁ ସ୍ଥାନୀୟ ଜମାତ୍ ଅସାଧାରଣ ମାଲି କୁର୍‌ବାନୀ ପେଶ୍ କରିଛନ୍ତି । ଏହି ମସ୍‌ଜିଦ୍‌ରେ ସାଢ଼େ ପାଂଚଶହ ଲୋକ ନମାଜ ପଢ଼ିପାରିବେ । ୱାଲ୍‌ସାଲ୍‌ଠାରେ ପହଂଚିବାରେ ଜମାତ୍‌ର ସଦସ୍ୟମାନେ ହଜୁର୍ ଅନୁୱର୍‌ଙ୍କୁ ବିମୁଗ୍ଧତାପୂର୍ଣ୍ଣ ସ୍ୱାଗତ ଜଣାଇଲେ । ଛୋଟ ଛୋଟ ପୁଅଝିଅମାନେ ସ୍ୱାଗତ କବିତା ପାଠ କରି ପ୍ରିୟ ଆକାଙ୍କୁ ସ୍ୱାଗତ ଜଣାଇଲେ । ହଜୁର୍ ଅନୁୱର୍ ମସ୍‌ଜିଦ୍‌ର ସ୍ମୃତିଫଳକ ଉନ୍ମୋଚନ କରି ଦୁଆ କରାଇଲେ । ଏହାପରେ ହଜୁର୍ ଅନୁୱର୍ ମସ୍‌ଜିଦ୍‌ର ପୁରୁଷମାନଙ୍କ ହଲ୍‌ରେ ପହଂଚି ନମାଜ ଅସର୍ ବାଜମାତ୍ ପଢ଼ାଇଲେ । ନମାଜ ପରେ ଜମାତ୍‌ର ସଦସ୍ୟମାନଙ୍କ ନିମନ୍ତେ ଗୋଟିଏ ସଂକ୍ଷିପ୍ତ ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହେଲା । ସେଥିରେ ହଜୁର୍ ଅନୁୱର୍ ଅ:ବ:ଅ ବହୁତ ସ୍ନେହର ସହିତ ଜମାତ୍‌ର ସଦସ୍ୟମାନଙ୍କୁ ସଂକ୍ଷିପ୍ତ ଭାଷଣ ପ୍ରଦାନ କଲେ । ହଜୁର୍ ଅନୁୱର୍‌ଙ୍କର ଏହି ତାତ୍ତ୍ୱିକ ମାର୍ମିକ ଅଭିଭାଷଣଟିକୁ ଅଲ୍‌ଫଜଲ୍ ଇଂଟର୍ ନ୍ୟାସ୍‌ନାଲ୍ ୭ ସେପ୍ଟେମ୍ବର୍ ୨୦୧୮କୁ ଧନ୍ୟବାଦ ଜଣାଇ ବଦର୍‌ର ପାଠକ ପାଠିକାଙ୍କ ନିମନ୍ତେ ଉପସ୍ଥାପନ କରାଯାଉଛି । (ଏଡ଼ିଟର)

ସୟଦ୍‌ନା ହଜୁର୍ ଅନୁୱର୍ ତଶହୁଦ୍, ତଉଜ ଏବଂ ସୁରା ଫାତିହା ଆବୃତି କରିବା ପରେ କହିଲେ ଅଲ୍‌ହମ୍‌ଦୋଲିଲ୍ଲାଃ । ଅଲ୍ଲାଃତାଲା ଆପଣମାନଙ୍କୁ ଗୋଟିଏ ନୁଆ ମସ୍‌ଜିଦ୍ ପ୍ରଦାନ କରିଛନ୍ତି, ଯାହା ବର୍ତମାନ ସମ୍ପୂର୍ଣ୍ଣ ହୋଇସାରିଛି ଓ ଆଜି ଏହାର ଶୁଭ ଉଦ୍‌ଘାଟନ ହେଉଅଛି ।

ହଜୁର୍ ଅନୁୱର୍ ଅ:ବ:ଅ କହିଲେ କି ମନେରଖ ମସ୍‌ଜିଦ୍ ନିର୍ମାଣ କରିବାର ଅସଲ ଉଦ୍ଦେଶ୍ୟ କେବଳ ସେତେବେଳେ ପୁରଣ ହୋଇପାରିବ ଯେତେବେଳେ ତାକୁ ନିଷ୍ଠାବାନ୍ ଓ ଉପାସନାକାରୀଙ୍କ ଦ୍ୱାରା ଗମ୍ଭୀରତାର ସହିତ ଭରିଦେବା ପାଇଁ ଚେଷ୍ଟା କରାଯିବ । ଏହି ଦୃଷ୍ଟିକୋଣରୁ ସ୍ଥାନୀୟ ଜମାତ୍‌ର ସଦସ୍ୟମାନଙ୍କ ଉପରେ ବହୁତ ବଡ ଦାରିତ୍ୱ ନ୍ୟସ୍ତ ହେଉଛି କି ସେମାନେ ନିଜ ଉପାସନାର ସ୍ତରକୁ ଧିରେଧିରେ ଉଚ୍ଚରୁ ଉଚ୍ଚତର କରିବା ପାଇଁ ଚେଷ୍ଟା କରିଚାଲନ୍ତୁ ।

ଦ୍ୱିତୀୟ କଥା ହେଉଛି ଏହା ଆପୋଷରେ ସୁସମ୍ପର୍କ ଏବଂ ଗଏର୍ ଅହେମଦୀ ଓ ଗଏର୍ ମୁସ୍‌ଲିମ୍ (ଅଣ ମୁସଲ୍‌ମାନ୍)ଙ୍କ ସହିତ ସମ୍ପର୍କ ସ୍ଥାପନ କରିବାରେ ଆପଣମାନେ ଭଲ ପାଇବା ଓ ସ୍ନେହର ପରିପ୍ରକାଶ କରନ୍ତୁ ଓ ଅନ୍ୟମାନଙ୍କର ଆବଶ୍ୟକତାର ଧ୍ୟାନ ରଖନ୍ତୁ । କେବଳ ଏହି ପ୍ରକାରରେ ଆପଣମାନେ ଏହି ମସ୍‌ଜିଦ୍‌ର ହକ୍‌କୁ ପ୍ରଦାନ କରିବା ବାଲା ହେବେ ।

ହଜୁର୍ ଅନୁୱର୍ ଅ:ବ:ଅ କହିଲେ କି ସର୍ବଦା ମନେ ରଖନ୍ତୁ କି ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ନିର୍ଦ୍ଦେଶ ଦେଇଛନ୍ତି କି ଏହା ଜରୁରୀ ଅଟେ କି ଆପଣମାନେ ସମସ୍ତ ପ୍ରକାର ସ୍ୱାର୍ଥପର ଅଭିଳାଷାରୁ ନିଜକୁ ବଂଚାଅ । ପ୍ରତ୍ୟେକ ଅପରିଚିତ ବ୍ୟକ୍ତି ଯିଏ ଆପଣମାନଙ୍କୁ ଦେଖୁଛନ୍ତି, ସେ ଆପଣଙ୍କ କଥା ଏବଂ ଆପଣଙ୍କ ଚରିତ୍ର ଏବଂ ବ୍ୟବହାର ଉପରେ ନଜର ରଖିବ ଓ ଆପଣଙ୍କ ଧୈର୍ଯ୍ୟ ଏବଂ ଅଲ୍ଲାଃତାଲାଙ୍କ ନିର୍ଦ୍ଦେଶାବଳୀ ଗୁଡିକ ଉପରେ ପରିଚାଳିତ ହେବାର ସ୍ତରକୁ ଦେଖିବ । ଯଦି ଆପଣମାନେ ଉଚ୍ଚତମ ସ୍ତରରେ ନଥିବେ ତେବେ ଏପରି ବ୍ୟକ୍ତି ଆପଣମାନଙ୍କର ଦୋଷ ଦୁର୍ବଳତାକୁ ଦେଖି ଠୋକର୍ ଖାଇବ । ତେଣୁ ପ୍ରତ୍ୟେକ ଅହେମଦୀକୁ ନିଜ ନିଜର ଇସ୍‌ଲାହ୍ କରିବା ଉଚିତ୍ ଓ ନିଜ ଦୋଷ ଦୁର୍ବଳତା ଗୁଡିକ ଉପରେ ଦୋଷ ଦେବା ଉଚିତ୍ ।




ହଜୁର୍ ଅନୁୱର୍ ଅ:ବ:ଅ କହିଲେ କି ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହିଛନ୍ତି କି ଯଦି କାହାର କାର୍ଯ୍ୟଶୈଳୀ ଇସ୍‌ଲାମୀୟ ଶିକ୍ଷା ମୁତାବକ ନାହିଁ ଏବଂ ସେ ନିଜ ଇମାନ୍‌ର ଆବଶ୍ୟକତାକୁ ପୂରଣ କରୁନାହିଁ, ତେବେ ସେ ଅନ୍ୟମାନଙ୍କ ହୃଦୟକୁ ଅସନ୍ତୁଷ୍ଟ କରାଇ ବିୟୁକ୍ତାତ୍ମକ ରୂପେ ନିଜ ଅକିଦା ଦ୍ୱାରା ସେମାନଙ୍କ ଉପରେ କୁପ୍ରଭାବ ପକାଇବାର କାରଣ ହୋଇଥାଏ । ତେଣୁ ଆମକୁ ସଦାସର୍ବଦା ଉତମ ନମୁନା (ଦୃଷ୍ଟାନ୍ତ) କାଏମ୍ କରିବା ପାଇଁ ଚେଷ୍ଟା କରିବା ଉଚିତ୍, ଯଦ୍ୱାରା ଅନ୍ୟଲୋକମାନେ ତକ୍‌ୱା (ଧର୍ମପରାୟଣତା) ପ୍ରତି ଧ୍ୟାନ ଦେବେ ।

ହଜୁର୍ ଅନୁୱର୍ ଅ:ବ:ଅ କହିଲେ କି ବର୍ତମାନ ଆପଣମାନଙ୍କୁ ଏହି ମସ୍‌ଜିଦ୍‌ଟି ପ୍ରଦାନ କରାଯାଇଛି । ଏବେ ଆପଣଙ୍କ ନିକଟରେ କୌଣସି ବାହାନା ରହିବନାହିଁ । ତେଣୁ ସ୍ଥାନୀୟ ଜମାତ୍‌ର ସମସ୍ତ ସଦସ୍ୟମାନଙ୍କୁ ଅଲ୍ଲାଃତାଲାଙ୍କ ସହିତ ସମ୍ପର୍କକୁ ସୁଦୃଢ଼ କରିବା ପାଇଁ ବିଶେଷ ଚେଷ୍ଟା କରିବା ଉଚିତ୍ ଏବଂ ଏହି ମହାନ୍ ନେମତ୍ (ବୈଭବ)ରୁ ସମ୍ପୂର୍ଣ୍ଣ ଲାଭ ଉଠାଇବା ଉଚିତ୍ ।

ହଜୁର୍ ଅନୁୱର୍ ଅ:ବ:ଅ କହିଲେ କି ଏତଦ୍‌ବ୍ୟତୀତ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଆମକୁ ବାରମ୍ବାର ନମାଜ ପାଠ କରିବାର ଗୁରୁତ୍ୱପ୍ରତି ଧ୍ୟାନ ଆକର୍ଷଣ କରାଇଛନ୍ତି । ପୁଣି ଏହା କି ଆମେ ତାକୁ ସମସ୍ତ ସାଂସାରିକ କାର୍ଯ୍ୟ ଗୁଡିକ ଉପରେ ଅଗ୍ରାଧିକାର ଦେବା ଉଚିତ୍ । ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି କି କିଛି ଲୋକେ ୫୦ବର୍ଷ କିମ୍ବା ତା ଠାରୁ ଅଧିକା ସମୟ ନମାଜ ପାଠ କରୁଛନ୍ତି କିନ୍ତୁ ସେଥିରୁ କିଛି ଲାଭ ଉଠାଉନାହାଁନ୍ତି । ଯେବେ କି ନମାଜ ଏପରି ମହାନ୍ ଜିନିଷ ତା ଜରିଆରେ ମନୁଷ୍ୟ କେବଳ ପାଂଚ ଦିନ ମଧ୍ୟରେ ବାସ୍ତବିକ ପବିତ୍ରତାକୁ ହାସଲ କରିପାରିବ । ଆପଣ କହୁଛନ୍ତି କି ମନେରଖ ଅଲ୍ଲାଃତାଲା କିଛି ନମାଜିଙ୍କ ଉପରେ ଲାନତ୍ (ଅଭିଷାପ) ପ୍ରେରଣ କରିଛନ୍ତି । ଯେପରି ପବିତ୍ର କୋରାନ୍ ବର୍ଣ୍ଣନା କରୁଛି କି *ୱଇଲୁଲ୍ ଲିଲ୍ ମୁସଲ୍ଲିନ୍* । ୱୈଇଲ୍ ଶବ୍ଦ ଭିତରେ ଲାନତ୍‌ର ଅର୍ଥ ନିହିତ ଅଛି । ତେଣୁ ଏହା ଜରୁରୀ ଅଟେ କି ମନୁଷ୍ୟ ଫର୍ଜ୍ ନମାଜ୍ (ଧାର୍ଯ୍ୟ ହୋଇଥିବା ନମାଜ) ଗୁଡିକ ପାଠ କରିବାରେ ଆଳସ୍ୟତା ଓ ଅବହେଳା ନକରୁ । ହଜୁର୍ ଆ:ସ ପୁଣି କହୁଛନ୍ତି କି ଯଦି ଆମ ଜମାତ୍ ପ୍ରକୃତରେ ନିଷ୍ଠାବାନ୍ ଜମାତ୍ ହେବାପାଇଁ ଚାହୁଁଛି ତେବେ ତାକୁ ଏକପ୍ରକାର ମୃତ୍ୟୁକୁ ବରଣ କରିବାକୁ ପଡ଼ିବ ଏବଂ ପ୍ରତ୍ୟେକ ପ୍ରକାରର ମନୋବାଞ୍ଛା ଏବଂ ସ୍ୱାର୍ଥପରତାରୁ ବଂଚିବାକୁ ହେବ । ପ୍ରତ୍ୟେକ ମାମଲାରେ ଅଲ୍ଲାଃତାଲାଙ୍କୁ ସମ୍ମୁଖରେ ରଖିବା ଉଚିତ୍ । ମୁନାଫିକତ୍ (କପଟତା) ଏବଂ ଛୋଟଛୋଟ ଅଭିଳାଷ ଗୁଡିକ ମଣିଷକୁ ନିଃଶେଷ କରିଦେଇପାରେ । ତେଣୁ ଆମକୁ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଉକ୍ତ ଚେତାବନୀ ଗୁଡିକୁ ସର୍ବଦା ସମ୍ମୁଖରେ ରଖିବା ଉଚିତ୍ ଓ ଏଥିପ୍ରତି ବହୁତ ଧ୍ୟାନ ଦେବା ଆବଶ୍ୟକ ।

ହଜୁର୍ ଅନୁୱର୍ ଅ:ବ:ଅ କହିଲେ କି ଏହି ମସ୍‌ଜିଦ୍‌ଟିର ଉଦ୍‌ଘାଟନ ହେବା ସହିତ ଆପଣମାନଙ୍କୁ ମନେ ରଖିବା ଉଚିତ୍ ହେବ କି ଆପଣମାନଙ୍କର ଦାୟିତ୍ୱ ପୂର୍ବାପେକ୍ଷା ଅନେକ ଗୁଣା ବଢ଼ିଯାଇଛି ଏବଂ ଆପଣମାନଙ୍କୁ ଉତମ ଶୈଳୀରେ ଏବଂ ନିଜ ଉତମ ସାମର୍ଥ୍ୟ ସହିତ ତାହା ପୁରଣ କରିବା ପାଇଁ ଦୃଢ଼ ଶପଥ କରିବା ଉଚିତ୍ । ସେଇଥିପାଇଁ ମୋର ଏ ଆଶା ଓ ଦୁଆ ଅଛି କି ଆପଣମାନେ ହୁକୁକୁଲ୍ଲାଃ (ଅଲ୍ଲାଃଙ୍କ ଅଧିକାର) ପ୍ରଦାନ କରିବା ପ୍ରତି ଧ୍ୟାନ ଦେବେ । ନମାଜ ଗୁଡିକ ନିୟମିତ ରୂପେ ଓ ପୁର୍ଣ୍ଣ ନିଷ୍ଠା ଓ ମଗ୍ନତାର ସହିତ ପାଠ କରନ୍ତୁ । ସେହିପରି ଜଣେ ଅନ୍ୟଜଣକ ସହିତ ଓ ଏହି ସୋସାଇଟିର ଅନ୍ୟାନ୍ୟ ଲୋକମାନଙ୍କ ସହିତ ମଧ୍ୟ ନିଜ ସମ୍ପର୍କରେ ପ୍ରେମ ଓ ସ୍ନେହ ଓ କରୁଣାର ବ୍ୟବହାର କରନ୍ତୁ ଓ ଇସ୍‌ଲାମ୍ ସମ୍ବନ୍ଧରେ ଥିବା ଅନ୍ୟମାନଙ୍କର କୁଧାରଣାକୁ ଦୂର କରିବା ପାଇଁ ଚେଷ୍ଟା କରନ୍ତୁ । ଈଶ୍ୱର ଆପଣମାନଙ୍କୁ ଏହି ଉଦ୍ଦେଶ୍ୟ ଗୁଡିକ ପୂରଣ କରିବା ପାଇଁ ଓ ଇସ୍‌ଲାମୀୟ ଶିକ୍ଷା ମୁତାବକ ଜୀବନ ବିତାଇବା ପାଇଁ ଶକ୍ତି ପ୍ରଦାନ କରନ୍ତୁ । ଅଲ୍ଲାଃତାଲା ସ୍ଥାନୀୟ ଜମାତ୍‌ର ସମସ୍ତ ସଦସ୍ୟଙ୍କୁ ବର୍‌କତ୍ ପ୍ରଦାନ କରନ୍ତୁ ଏବଂ ଆପଣ ସମସ୍ତଙ୍କୁ ଅହେମଦୀୟତ୍ ନିଷ୍ଠାବାନ୍ ଓ ଭକ୍ତିପୁର୍ଣ୍ଣ ଖାଦିମ୍ ବନାନ୍ତୁ । ଏହାପରେ ହଜୁର୍ ଅନୁୱର୍ ଇଜିତାମାଇ ଦୁଆ (ସାମୁହିକ ନୀରବ ପ୍ରାର୍ଥନା) କରାଇଲେ ।

# ଖୁତ୍‌ବା ଜୁମା

ବିଗତ ଦିନ ଅଲ୍ଲାଃତାଲା ଜଲ୍‌ସାସାଲାନା ଜର୍ମାନୀ ଏବଂ ଜଲ୍‌ସାସାଲାନା ବେଲଜିୟମ୍‌ରେ ଯୋଗ ଦେବାପାଇଁ ସୌଭାଗ୍ୟ ପ୍ରଦାନ କଲେ । ଯେପରିକି ପୃଥିବୀରେ ଏମ୍.ଟି.ଏ ଦେଖୁଥିବା ଲୋକମାନେ ଏହା ଦେଖିଥିବେ, ଆପଣମାନେ ମଧ୍ୟ ଦେଖିଥିବେ କି ଦୁଇଟିଯାକ ଜଲ୍‌ସା ଅଲ୍ଲାଃତାଲାଙ୍କ ଫଜଲ୍‌ରୁ ବହୁତ ବାବର୍‌କତ୍ ଥିଲା । ଜର୍ମାନୀରେ ଜମାତ୍ ବହୁତ ବଡ ଏବଂ ପୁଣି ବର୍ଷ ବର୍ଷ ଧରି ହଜ୍‌ରତ୍ ଖଲିଫତୁଲ୍ ମସିହ୍ ରାବେ ରହେମୁଲ୍ଲାଃ ଜର୍ମାନୀ ଜଲ୍‌ସାରେ ସାମିଲ୍ ହେଉଥିଲେ । ପୁଣି ମୁଁ ଏହି ଜଲ୍‌ସାରେ ସାମିଲ୍ ହେଉଅଛି । ଏ ଦୃଷ୍ଟିକୋଣରୁ ଜର୍ମାନୀ ଜମାତରେ ବର୍ତମାନ ଜଲ୍‌ସାର ନିଜାମ୍ ବହୁ ମାତ୍ରାରେ ସୁସଂଗଠିତ ହୋଇସାରିଛି । ଅତିଥିମାନେ ବାହାର ଦେଶଗୁଡିକରୁ ମଧ୍ୟ ବହୁମାତ୍ରାରେ ଆସୁଛନ୍ତି । ଆଖପାଖ ପୂର୍ବ ୟୁରୋପ୍‌ର ଲୋକମାନଙ୍କ ବ୍ୟତୀତ କିଛି ଅନ୍ୟଦେଶଗୁଡ଼ିକରୁ ମଧ୍ୟ ଲୋକମାନେ ଆସି ଏ ଜଲ୍‌ସାରେ ସାମିଲ୍ ଅଛନ୍ତି । ଏ ବର୍ଷ ଆଫ୍ରିକାର କିଛି ଦେଶରୁ ମଧ୍ୟ ଲୋକମାନେ ସେଠି ଜଲ୍‌ସାରେ ଯୋଗ ଦେଇଥିଲେ । ସବୁ ଜଲ୍‌ସା ପରି ବାହାରୁ ଆସିଥିବା ଅତିଥିମାନେ ଆମ ଜଲ୍‌ସାରୁ ବହୁତ ପ୍ରଭାବିତ ହୋଇଛନ୍ତି ଏବଂ ଏହାର ପରିପ୍ରକାଶ ମଧ୍ୟ କରିଛନ୍ତି । ସୁତରାଂ ଜର୍ମାନୀରେ ମଧ୍ୟ ଓ ବେଲଜିୟମ୍‌ରେ ମଧ୍ୟ ଯେଉଁ ଲୋକମାନେ ଜଲ୍‌ସାରେ ସାମିଲ୍ ହୋଇଥିଲେ, ସେମାନେ ଏ କଥାକୁ ପ୍ରକାଶ କରିଛନ୍ତି । ଜମାତ୍ ସମ୍ବନ୍ଧରେ ନିଜର ଶୁଭକାମନା ମନାସିଛନ୍ତି ।

ଆଜିଠାରୁ ଖୁଦାମୁଲ୍ ଅହେମଦୀୟା ୟୁ.କେର ଇଜ୍‌ତିମା ମଧ୍ୟ ଆରମ୍ଭ ହେଉଅଛି । ଏ ପ୍ରସଙ୍ଗରେ ମୁଁ ସାମିଲ୍ ହୋଇଥିବା ସମସ୍ତ ଖୁଦାମ୍ ମାନଙ୍କୁ ମନେପକାଇ ଦେଉଛି କି ନିଜର ବ୍ୟବହାରକୁ ଏପରି ରଖନ୍ତୁ ଯାହା ଏ ଇଲାକାର ଲୋକମାନଙ୍କୁ ଉପରେ ପୁଣ୍ୟ ପ୍ରଭାବ ପକାଇବ ।

ଅଲ୍ଲାଃତାଲା ସେମାନଙ୍କ ଇଜ୍‌ତେମାକୁ ମଧ୍ୟ ବାବର୍‌କତ୍ କରନ୍ତୁ ।

ମୋକରମ୍ ସୟଦ୍ ହସନାତ୍ ଅହେମଦ୍ ସାହେବ୍ କାନାଡା, ମୋକରମା ମୁବାରକା ଶୌକତ୍ ସାହିବା ସ୍ତ୍ରୀ ମୋକରମ୍ ହାଫିଜ୍ ଉଦ୍‌ରତୁଲ୍ଲାଃ ସାହେବ୍ (ମରହୁମ୍) ପୂର୍ବତନ ମୁବଲିଗ୍ ହଲାଣ୍ଡ ଓ ଇଣ୍ଡୋନେସିଆ ଏବଂ ମୋକରମ୍ ଚୌଧୁରୀ ଖଲିଦ୍ ସୈଫୁଲ୍ଲାଃ ସାହେବ୍ ନାଏବ୍ ଅମୀର୍ ଅଷ୍ଟ୍ରେଲିଆଙ୍କ ଦେହାନ୍ତ ମରହୁମୀନଙ୍କ ଉତମ ଗୁଣାବଳୀର ଚର୍ଚ୍ଚା ଏବଂ ନମାଜ ଯନାଜାଃ ଗାଏବ୍ ।

## ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍[ଅ.ବ]
## (ପ୍ରଦତ୍ତ: ୨୧ ସେପ୍ଟେମ୍ବର୍ ୨୦୧୮ ଅନୁଯାୟୀ ୨୧ ତବୁକ୍ ୧୩୯୭ ହିଜ୍‌ରି ଶମ୍‌ସି)

أَشْهَدُ أَنْ لَّا إِلٰهَ إِلَّا اللهُ وَحْدَهُ لَا شَرِيْكَ لَهُ وَأَشْهَدُ أَنَّ مُحَمَّدًا عَبْدُهُ وَرَسُوْلُهُ
أَمَّا بَعْدُ فَأَعُوْذُ بِاللهِ مِنَ الشَّيْطٰنِ الرَّجِيْمِ - بِسْمِ اللهِ الرَّحْمٰنِ الرَّحِيْمِ
اَلْحَمْدُ لِلّٰهِ رَبِّ الْعٰلَمِيْنَ . اَلرَّحْمٰنِ الرَّحِيْمِ . مٰلِكِ يَوْمِ الدِّيْنِ . اِيَّاكَ نَعْبُدُ وَاِيَّاكَ نَسْتَعِيْنُ .
اِهْدِنَا الصِّرَاطَ الْمُسْتَقِيْمَ . صِرَاطَ الَّذِيْنَ اَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ .

ବିଗତ ଦିନ ଅଲ୍ଲାଃତାଲା ଜଲ୍‌ସାସାଲାନା ଜର୍ମାନୀ ଏବଂ ଜଲ୍‌ସାସାଲାନା ବେଲଜିୟମ୍‌ରେ ଯୋଗ ଦେବାପାଇଁ ସୌଭାଗ୍ୟ ପ୍ରଦାନ କଲେ । ଯେପରିକି ପୃଥିବୀରେ ଏମ୍.ଟି.ଏ ଦେଖୁଥିବା ଲୋକମାନେ ଏହା ଦେଖିଥିବେ, ଆପଣମାନେ ମଧ୍ୟ ଦେଖିଥିବେ କି ଦୁଇଟିଯାକ ଜଲ୍‌ସା ଅଲ୍ଲାଃତାଲାଙ୍କ ଫଜଲ୍‌ରୁ ବହୁତ ବାବର୍‌କତ୍ ଥିଲା । ଜର୍ମାନୀରେ ଜମାତ୍ ବହୁତ ବଡ ଏବଂ ପୁଣି ବର୍ଷ ବର୍ଷ ଧରି ହଜ୍‌ରତ୍ ଖଲିଫତୁଲ୍ ମସିହ୍ ରାବେ ରହେମୁଲ୍ଲାଃ ଜର୍ମାନୀ ଜଲ୍‌ସାରେ ସାମିଲ୍ ହେଉଥିଲେ । ପୁଣି ମୁଁ ଏହି ଜଲ୍‌ସାରେ ସାମିଲ୍ ହେଉଅଛି । ଏ ଦୃଷ୍ଟିକୋଣରୁ ଜର୍ମାନୀ ଜମାତରେ ବର୍ତମାନ ଜଲ୍‌ସାର ନିଜାମ୍ ବହୁ ମାତ୍ରାରେ ସୁସଂଗଠିତ ହୋଇସାରିଛି । ଅତିଥିମାନେ ବାହାର ଦେଶଗୁଡିକରୁ ମଧ୍ୟ ବହୁମାତ୍ରାରେ ଆସୁଛନ୍ତି । ଆଖପାଖ ପୂର୍ବ ୟୁରୋପ୍‌ର ଲୋକମାନଙ୍କ ବ୍ୟତୀତ କିଛି ଅନ୍ୟଦେଶଗୁଡ଼ିକରୁ ମଧ୍ୟ ଲୋକମାନେ ଆସି ଏ ଜଲ୍‌ସାରେ ସାମିଲ୍ ଅଛନ୍ତି । ଏ ବର୍ଷ ଆଫ୍ରିକାର କିଛି ଦେଶରୁ ମଧ୍ୟ ଲୋକମାନେ ସେଠି ଜଲ୍‌ସାରେ ଯୋଗ ଦେଇଥିଲେ । ସବୁ ଜଲ୍‌ସା ପରି ବାହାରୁ ଆସିଥିବା ଅତିଥିମାନେ ଆମ ଜଲ୍‌ସାରୁ ବହୁତ ପ୍ରଭାବିତ ହୋଇଛନ୍ତି ଏବଂ ଏହାର ପରିପ୍ରକାଶ ମଧ୍ୟ କରିଛନ୍ତି । ସୁତରାଂ ଜର୍ମାନୀରେ ମଧ୍ୟ ଓ ବେଲ୍‌ଜିୟମ୍‌ରେ ମଧ୍ୟ ଯେଉଁ ଲୋକମାନେ ଜଲ୍‌ସାରେ ସାମିଲ୍ ହୋଇଥିଲେ, ସେମାନେ ଏ କଥାକୁ ପ୍ରକାଶ କରିଛନ୍ତି । ଜମାତ୍ ସମ୍ବନ୍ଧରେ ନିଜର ଶୁଭକାମନା ମନାସିଛନ୍ତି । ଜଲ୍‌ସାର ବ୍ୟବସ୍ଥା ଓ ଜଲ୍‌ସାର ପରିବେଶକୁ ବହୁତ ପ୍ରଶଂସା କରିଛନନ୍ତି କି ଆମକୁ ଏଠାରେ ଆସି ଜଣାଗଲା ବା କିଛି ଲୋକେ ଯେଉଁମାନେ ପୂର୍ବରୁ ଆସିସାରିଛନ୍ତି ସେମାନେ ଆସି ଏକଥାକୁ ପରିପ୍ରକାଶ କଲେ କି ଆପଣଙ୍କ ଜଲ୍‌ସାରୁ ଜଣାପଡ଼ିଲା ଯେ ଇସ୍‌ଲାମ୍‌ର ବାସ୍ତବିକ ଶିକ୍ଷା କଣ ଏବଂ ଆଜିକାଲି ମିଡିଆ ଯେଉଁଭଳି ଇସ୍‌ଲାମ୍ ସମ୍ବନ୍ଧରେ ପୃଥିବୀବାସୀଙ୍କୁ ଭୁଲ୍ ତଥ୍ୟ ଉପସ୍ଥାପନ କରୁଛନ୍ତି ତାହା ଅତ୍ୟନ୍ତ ଭୟଙ୍କର ଛବି । ଇସ୍‌ଲାମ୍‌ର ବାସ୍ତବିକ ଶିକ୍ଷା ଓ ସଚ୍ଚା ମୁସଲ୍‌ମାନ୍‌ର କାର୍ଯ୍ୟଶୈଳୀ ସମ୍ପୂର୍ଣ୍ଣ ରୂପେ ଏହାର ଓଲଟା । ଜଲ୍‌ସାରେ ସାମିଲ୍ ହୋଇ ଏହି ଲୋକମାନେ ପ୍ରତ୍ୟେକ କାର୍‌କୁନ୍, ପ୍ରତ୍ୟେକ ଅଫିସର୍ ବରଂ ପ୍ରତ୍ୟେକ ଅହେମଦୀଙ୍କୁ ବହୁତ ଧ୍ୟାନର ସହିତ ଦେଖୁଛନ୍ତି କି ଏମାନଙ୍କର କାର୍ଯ୍ୟଶୈଳୀ କି ପ୍ରକାର । ଯଦି ଶିକ୍ଷା ଭଲ ଥିବ କିନ୍ତୁ ସେହି ଶିକ୍ଷାକୁ ମାନିଥିବା ଲୋକମାନଙ୍କର କାର୍ଯ୍ୟକଳାପ ଭଲ ନଥିବ ତେବେ ସେ ତାଲିମ୍‌ର ପୁଣ୍ୟ ପ୍ରଭାବ ସ୍ଥାପନ ହୋଇପାରିନଥାଏ । ସୁତରାଂ ଏହି ଦୃଷ୍ଟିକୋଣରୁ ଜଲ୍‌ସାର ସମସ୍ତ ରଜାକାର (ସ୍ୱେଚ୍ଛାସେବକମାନେ) ଯେପରିକି ପୂର୍ବରୁ ମୁଁ ଅନେକ ଥର କହିସାରିଛି ଯେ କାର୍‌କୁନ୍‌ମାନେ ଓ ଜଲ୍‌ସାରେ ସାମିଲ୍ ହୋଇଥିବା ଲୋକମାନେ ଏକପ୍ରକାର ନୀରବ ତବ୍‌ଲିଗ୍‌ରେ ଭାଗ ନେଉଛନ୍ତି । ଅଣମୁସଲ୍‌ମାନଙ୍କ ମୁଣ୍ଡରେ ଇସ୍‌ଲାମ୍ ପ୍ରତି ଯେଉଁ ଭୁଲ୍ ଧାରଣା ଓ ଶଙ୍କା ରହିଛି ଏମାନେ ସେଗୁଡିକୁ ଦୂର କରୁଛନ୍ତି । ଏବଂ ମୁସଲ୍‌ମାନ୍‌ମାନଙ୍କ ମନଭିତରୁ ତଥାକଥିତ ଓ୍ୱଲେମାମାନେ ଯେଉଁ ଭ୍ରମ ଧାରଣା ଓ ଭୁଲ୍ ପ୍ରପଗଣ୍ଡା ସୃଷ୍ଟି କରିଛନ୍ତି, ସେଗୁଡିକୁ ଏମାନେ ଦୂର କରିଛନ୍ତି । ଲୋକମାନେ ତ ଆମକୁ ଏହା କହୁଛନ୍ତି ଆମେ ଅହେମଦୀ ମୁସଲ୍‌ମାନ୍‌ମାନେ ନଉଜୁବିଲ୍ଲାଃ ମୁସଲ୍‌ମାନ୍ ନୁହଁନ୍ତି ଓ କଲ୍‌ମା ପଢୁନାହାଁନ୍ତି । ଆଁ ହଜ୍‌ରତ୍ ସ:ଆ:ସଙ୍କୁ ଶେଷ ନବୀ ବୋଲି ମାନୁନାହାଁନ୍ତି । ଆପଣ ସ:ଆ:ସଙ୍କୁ ଖାତମୁନ୍ ନବୀଇନ୍ ବୋଲି ବିଶ୍ୱାସ ରଖୁନାହାଁନ୍ତି ବରଂ ଏପରି ମଧ୍ୟ ଆରୋପ ଲଗାଉଛନ୍ତି କି ଏମାନଙ୍କର କୋରାନ୍ ମଧ୍ୟ ଅଲଗା ବୋଲି କିନ୍ତୁ ମୁସଲ୍‌ମାନ୍‌ମାନ ମାନେ ଯେବେ ଅହେମଦୀମାନଙ୍କ ସହିତ ମିଶୁଛନ୍ତି ଓ ଜଲ୍‌ସାର ପରିବେଶକୁ ଦେଖୁଛନ୍ତି ସେତେବେଳେ ଏହି ସମସ୍ତ ମନୋଭାବ ଦୂର ହୋଇଯାଉଛି ଏବଂ ସେମାନେ ଏକଥାକୁ ମଧ୍ୟ ପ୍ରକାଶ କରୁଛନ୍ତି । ଜର୍ମାନୀ ଜଲ୍‌ସାରେ ଆସିଥିବା ମୁସଲ୍‌ମାନମାନେ ମଧ୍ୟ ଏକଥାକୁ ପ୍ରକାଶ କରିଛନ୍ତି । ଆରବ ଦେଶ ଗୁଡିକରୁ ମଧ୍ୟ, ହିନ୍ଦୁସ୍ତାନ୍‌ରୁ ମଧ୍ୟ ଏବଂ ଅନ୍ୟ ଦେଶଗୁଡିକରୁ ଆସିଥିବା ମୁସଲ୍‌ମାନେ ମଧ୍ୟ । ଏହିପରି ଏହି ଜଲ୍‌ସାରେ ସାମିଲ୍ ହୋଇଥିବା ଲୋକେ ଓ କାମ କରୁଥିବା ସ୍ୱେଚ୍ଛାସେବୀ କର୍ମୀମାନଙ୍କ କାର୍ଯ୍ୟଶୈଳୀକୁ ଦେଖି ସେମାନେ ବହୁତ ପ୍ରଶଂସା କରୁଛନ୍ତି ଓ କର୍ମୀମାନଙ୍କର ବ୍ୟବହାରକୁ ଦେଖି ବହୁତ ପ୍ରଶଂସା ମଧ୍ୟ କରୁଛନ୍ତି । ବେଲ୍‌ଜିୟମ୍‌ର ଜଲ୍‌ସାରେ ମଧ୍ୟ ଅଲ୍ଲାଃତାଲାଙ୍କ ଫଜଲ୍‌ରୁ ଏହି ସମସ୍ତ କଥା ଦେଖିବାକୁ ମିଳିଲା ଏବଂ ସେହି ଜଲ୍‌ସା ମଧ୍ୟ ବହୁତ ବାବର୍‌କତ୍ ଓ ସଫଳ ଜଲ୍‌ସା ଥିଲା । ଛୋଟିଆ ଜମାତ୍ ହେବା ସତ୍ତ୍ୱେ ମଧ୍ୟ ଏବଂ ଏକଥା ହେବା ସତ୍ତ୍ୱେ କି ସେଠାରେ ବେଲ୍‌ଜିୟମ୍ ଜମାତ୍‌ର ସଦସ୍ୟମାନଙ୍କ ତୁଳନାରେ ଅଧିକ ସଂଖ୍ୟକ ଅତିଥି ସାମିଲ୍ ହୋଇଥିଲେ । ଯାହା ମୁଁ ପୂର୍ବରୁ କହି ମଧ୍ୟ ସାରିଛି । ସେମାନଙ୍କର ଶେଷ ଉତ୍ସବରେ ସେମାନେ ବହୁତ ଉତମ ରୂପେ ସମସ୍ତ କାର୍ଯ୍ୟକୁ ସମ୍ଭାଳି ନେଲେ । ମୁଁ ୧୪ବର୍ଷ ପରେ ତାଙ୍କ ଜଲ୍‌ସାରେ ସାମିଲ୍ ହୋଇଥିଲି । ଏ ଦୃଷ୍ଟିକୋଣରୁ ସେମାନଙ୍କୁ ବହୁତ ଚିନ୍ତା ଥିଲା । ଅଭିଜ୍ଞତା ନଥିବା ଯୋଗୁ ସେମାନେ ଘାବରାଇ ଯାଇଥିଲେ କିନ୍ତୁ ଅଲ୍ଲାଃତାଲାଙ୍କ ଫଜଲ୍‌ରୁ ସେମାନେ ବହୁତ ସୁନ୍ଦର ବ୍ୟବସ୍ଥା କରିଥିଲେ । ସେଠାରେ ଯେଉଁ ଅଣ ମୁସଲ୍‌ମାନ୍‌ମାନେ ଆସିଥିଲେ, ସେମାନେ ବହୁତ କମ୍ ଥିଲେ ମଧ୍ୟ, ସେମାନେ ଜଲ୍‌ସାର ବ୍ୟବସ୍ଥା ଓ ଜଲ୍‌ସାର କାର୍ଯ୍ୟଗୁଡିକୁ ବହୁତ ପ୍ରଶଂସା କଲେ । ଜମାତ୍‌ର କାର୍ଯ୍ୟଶୈଳୀ ଓ ଶାନ୍ତି ସ୍ଥାପନ କରିବାରେ ଯେଉଁ ଚେଷ୍ଟା ସେଗୁଡିକ ମଧ୍ୟ ପ୍ରଶଂସା କଲେ । ସୁତରାଂ ଜମାତ୍ ଯେଉଁଠାରେ ମଧ୍ୟ ଥାଉ ଏବଂ ଯେଉଁଠିକାର ମଧ୍ୟ ହେଉ ଅଲ୍ଲାଃତାଲାଙ୍କ ଦୟାବଳରୁ ଅନ୍ୟମାନଙ୍କ ଉପରେ ନିଜର ପୁଣ୍ୟ ପ୍ରଭାବ ପ୍ରତିଷ୍ଠା କରୁଅଛି ଓ ତବ୍‌ଲିଗ୍‌ର ମାଧ୍ୟମ ହେଉଅଛି । ସୁତରାଂ ଜମାତ୍‌ର ପ୍ରତ୍ୟେକ ବ୍ୟକ୍ତିଙ୍କୁ ଏକଥା ସଦାସର୍ବଦା ନିଜ ସମ୍ମୁଖରେ ରଖିବା ଉଚିତ୍ କି ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ବୟତରେ ଆସି ସେମାନେ ନିଜର ଅବସ୍ଥାକୁ ସୁଧାରନ୍ତୁ ଓ ସୁଧାରିବାର ଆବଶ୍ୟକତା ରହିଛି । ଆମର ପ୍ରତ୍ୟେକ ଇଜିତିମା, ପ୍ରତ୍ୟେକ ଜଲ୍‌ସା ଯେଉଁ ଇଲାକାରେ ମଧ୍ୟ ହେଉଥାଉ ସେଠିକାର ଲୋକମାନଙ୍କ ଉପରେ ଏକପ୍ରକାର ଅସାଧାରଣ ପ୍ରଭାବ ପକାଇଥାଏ । ଆଜିଠାରୁ ଖୁଦାମୁଲ୍ ଅହେମଦୀୟା ୟୁ.କେର ଇଜ୍‌ତିମା ଆରମ୍ଭ ହେଉଅଛି । ଏ ପ୍ରସଙ୍ଗରେ ମୁଁ ସମସ୍ତ ସାମିଲ୍ ହୋଇଥିବା ଖୁଦାମ୍ ମାନଙ୍କୁ ଏକଥା ମନପକାଇ ଦେଉଛି କି ନିଜ ନିଜର ଆଚରଣ ଓ ବ୍ୟବହାରକୁ ଏପରି ରଖନ୍ତୁ ଯାହା ଏ ଇଲାକାର ଲୋକମାନଙ୍କ ଉପରେ ପୁଣ୍ୟ ପ୍ରଭାବ ପକାଇବ । ଅଲ୍ଲାଃତାଲା ସେମାନଙ୍କ ଇଜ୍‌ତିମାକୁ ମଧ୍ୟ ବାବର୍‌କତ୍ କରନ୍ତୁ ଓ ଖରାପ ମୌସମ ଯୋଗୁ ଯେଉଁସବୁ ଅସୁବିଧା ସୃଷ୍ଟି ହେଉଛି ଓ ଘାବରା ଛାନିଆଁ ଲାଗୁଛି ଅଲ୍ଲାଃତାଲା ସେ ସବୁକୁ ମଧ୍ୟ ଦୂର କରିଦିଅନ୍ତୁ ଓ ପାଗକୁ ଅନୁକୂଳ କରିଦିଅନ୍ତୁ ।

ଏବେ ଏହି ଦୁଇଟି ଜଲ୍‌ସାରେ କାମ କରିଥିବା କାର୍‌କୁନାନ୍ ମାନଙ୍କୁ ମଧ୍ୟ ମୁଁ ଧନ୍ୟବାଦ ଦେବାକୁ ଚାହୁଁଛି । ଜର୍ମାନୀରେ ଓ ବେଲ୍‌ଜିୟମ୍‌ରେ ମଧ୍ୟ ସେମାନେ ସମସ୍ତେ ନିଜ ଶକ୍ତି ଓ ସାମର୍ଥ୍ୟ ମୁତାବକ ଜଲ୍‌ସାରେ ସାମିଲ୍ ହୋଇଥିବା ଅତିଥିମାନଙ୍କର ସେବା କରିଛନ୍ତି । ଏହିପରି ସେ ଜଲ୍‌ସାରେ ସାମିଲ୍ ହୋଇଥିବା ସମସ୍ତ ଅହେମଦୀ ମାନଙ୍କୁ ମଧ୍ୟ ଧନ୍ୟବାଦ ପ୍ରଦାନ କରିବାକୁ ଚାହୁଁଛି । ବିଭିନ୍ନ ଗୋଷ୍ଠୀ ଓ ମିଜାଜ୍‌ର ଲୋକେ ଅଛନ୍ତି ଯେଉଁମାନେ ମସିହ୍ ମଉଦ୍ ଆ:ସଙ୍କ ଅତିଥିମାନଙ୍କ ସେବାପାଇଁ ନିଜକୁ ଉତ୍ସର୍ଗ କରିଦେଉଛନ୍ତି । ବେଲ୍‌ଜିୟମ୍‌ରେ ତ କାମ କରିବା କାର୍‌କୁନ୍‌ମାନେ ବହୁତ କମ୍ ଥିଲେ କିନ୍ତୁ ଏହା ସତ୍ତ୍ୱେ ମଧ୍ୟ ଯେପରିକି ମୁଁ କହିଲେ ବହୁତ ସୁନ୍ଦର ଶୈଳୀରେ ସେମାନେ ନିଜର କାର୍ଯ୍ୟଗୁଡିକୁ ସମ୍ପାଦନ କରିଛନ୍ତି । ସେହିପରି କାର୍‌କୁନ୍‌ମାନଙ୍କୁ ମଧ୍ୟ ଧନ୍ୟବାଦ ଦେବା ଉଚିତ୍ ହେବ କି ଅଲ୍ଲାଃତାଲା ସେମାନଙ୍କୁ ଖିଦ୍‌ମତ୍ କରିବା ପାଇଁ ମୌକା ପ୍ରଦାନ କରିଛନ୍ତି ଓ ଆସନ୍ତାକୁ ମଧ୍ୟ ନିଜକୁ ପ୍ରସ୍ତୁତ କରି ରଖନ୍ତୁ, ଯେଉଁ ଦୋଷ ଦୁର୍ବଳତା ରହିଯାଇଛି ସେ ସମ୍ବନ୍ଧରେ ନିଜେ ମଧ୍ୟ ଭାବନ୍ତୁ ଓ ଦେଖନ୍ତୁ କି ସେଗୁଡିକୁ ଆସନ୍ତା ବର୍ଷ ଗୁଡିକରେ କିପରି ସୁଚାରୁରୂପେ କାର୍ଯ୍ୟ କରିପାରିବେ । ବିଶେଷ ରୂପେ ଇନ୍ତେଜାମିଆକୁ, ଅଫିସର୍‌ମାନଙ୍କୁ ନିଜ ନିଜର ଅନୁଶୀଳନ କରିବା ଉଚିତ୍ । ନିଜର ଯୋଜନା ଗୁଡିକର ଜାଏଜା ନେବା ଉଚିତ୍ ଓ ସମସ୍ତ ଦୋଷ ତୃଟି ଗୁଡିକୁ ଗୋଟିଏ ଲାଲ୍ ପୁସ୍ତକରେ ଲେଖନ୍ତୁ ଯଦ୍ୱାରା

ଆସନ୍ତାକୁ ଏଗୁଡିକ ପୁନର୍ବାର ନହେବ ।

ଜର୍ମାନୀରେ କାମ କରୁଥିବା କାର୍‌କୁନ୍‌ଙ୍କ ସମ୍ବନ୍ଧରେ ଏ ଅଭିଯୋଗ ଆସୁଥିଲା କି ସେମାନଙ୍କ ଚେହେରାରେ ହସ ନଥିଲା ଓ ସେମାନେ ଭଲ ବ୍ୟବହାର କରୁନଥିଲେ ବୋଲି । ଡ୍ୟୁଟି ଦେବା ସମୟରେ ଠିକ୍ ଆଚରଣ କରୁନଥିଲେ । କିନ୍ତୁ ଏଥର ସାଧାରଣତଃ ସେମାନଙ୍କ ସମ୍ବନ୍ଧରେ ଭଲ ରିପୋର୍ଟ୍ ମିଳିଛି । ଆସନ୍ତା ବର୍ଷଗୁଡିକରେ ଏଥିରେ ଆହୁରି ଉନ୍ନତି ଆଣିବା ପାଇଁ ଚେଷ୍ଟା କରନ୍ତୁ । ଗୋଟିଏ ଭୁଲ୍ ପ୍ରତି ମୁଁ ଧ୍ୟାନ ଆକର୍ଷଣ କରାଉଛି ଓ ସେହି ଭୁଲ୍‌ଟି ଏହା ଥିଲା କି ପୁରୁଷମାନଙ୍କ ଜଲ୍‌ସାର ଗୋଟିଏ ସେଶନ୍‌ରେ ଘର ସମ୍ପର୍କିତ ଗୋଟିଏ ନଜମ୍ ପାଠ କରାଯାଇଥିଲା । ତାକୁ ପଢ଼ିବାର ଶୈଳୀ ଭୁଲ୍ ଥିଲା । ଆମ ଷ୍ଟେଜ୍ କୌଣସି ଡ୍ରାମା ଷ୍ଟେଜ୍ ନୁହେଁ, ଯେଉଁଠି ଏଭଳି ଶୈଳୀରେ ନଜମ୍ ପାଠ କରାଯିବ । ତେଣୁ ନିଜର ରିୱାୟାତ୍ (ପ୍ରଥା)କୁ ସଦାସର୍ବଦା ସମ୍ମୁଖରେ ରଖିବା ଉଚିତ୍ ଓ ଏହି ପ୍ରକାରର ଶୈଳୀକୁ ଆପଣାଇବା ଉଚିତ୍ ନୁହେଁ ଯାହା ଆମ ରିୱାୟାତ୍‌ଠାରୁ ଭିନ୍ନ ହୋଇଥିବ । ଦ୍ୱିତୀୟତଃ ଜଲ୍‌ସା ପ୍ରୋଗ୍ରାମ୍ ବନାଇବା ବାଲାଙ୍କୁ ସର୍ବଦା ଏକଥା ଧ୍ୟାନ ଦେବା ଉଚିତ୍ କି ଜଲ୍‌ସା ସେଶନ୍ ମଝିରେ ଯେଉଁ ନଜମ୍ ପାଠ କରାଯାଉଛି ତାହା କେବଳ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଓ ଖଲିଫା ମାନଙ୍କର ନଜମ୍ ହୋଇଥିବ, ବାକି ନଜମ୍ ଗୁଡିକ ପଢ଼ାନଯାଉ । ସୁତରାଂ ଏଥିପ୍ରତି ବିଶେଷ ରୂପେ ଧ୍ୟାନ ଦେବାର ଆବଶ୍ୟକତା ଅଛି । ମୁଁ ଅଫିସର୍ ଜଲ୍‌ସାସାଲାନାଙ୍କୁ ମଧ୍ୟ ସେଠାରେ ଧ୍ୟାନ ଆକର୍ଷଣ କରାଇଥିଲି ।

ଏହାପରେ ଏବେ ମୁଁ କିଛି ଅତିଥିମାନଙ୍କର ମନୋଭାବ ବ୍ୟକ୍ତକୁ ଉପସ୍ଥାପନ କରୁଅଛି ଯେଉଁଥିରୁ ଜଣାପଡୁଛି କି ଜଲ୍‌ସାର ବର୍‌କାତ୍ କେବଳ ଅହେମଦୀମାନଙ୍କ ଉପରେ ପ୍ରଭାବ ପକାଉନାହିଁ ବରଂ ଅନ୍ୟମାନଙ୍କ ଉପରେ ମଧ୍ୟ ପ୍ରଭାବ ପକାଉଛି । ବୋସ୍‌ନିଆରୁ ଜଣେ ଅଣଅହେମଦୀ ମସ୍‌ଜିଦ୍‌ର ଇମାମ୍ ଆସି ଜଲ୍‌ସାରେ ସାମିଲ୍ ହୋଇଥିଲେ । ଜଲ୍‌ସା ପୂର୍ବରୁ ଗୋଟିଏ ତବ୍‌ଲିଗ୍ ବୈଠକରେ ସେ କହିଲେ କି ମୁଁ ନିଜେ ଜମାତ୍ ସମ୍ବନ୍ଧରେ ଗବେଷଣା କରିବାକୁ ଚାହୁଁଛି ଯଦ୍ୱାରା ମୋ ନିଜ ବୁଦ୍ଧି ମୁତାବକ ଜମାତ୍ ସମ୍ବନ୍ଧରେ ସଠିକ୍ ରାୟ କାଏମ୍ କରିପାରିବି ।  ଏହି ଅତିଥିଜଣକ ବହୁତ ଖୋଲା ହୃଦୟର ଇମାମ୍ ଅଟନ୍ତି । ସେଥିଯୋଗୁ ଏହି ଜଲ୍‌ସାରେ ସାମିଲ୍ ହେବାପାଇଁ ତାଙ୍କୁ ନିମନ୍ତ୍ରଣ କରାଯାଇଥିଲା । ପୁଣି ଜଲ୍‌ସାରେ କିଛି ସମୟ ବିତାଇବା ପରେ ସେ କହୁଛନ୍ତି କି ଅହେମଦୀମାନଙ୍କ ମଧ୍ୟରେ କିଛି ସମୟ ବିତାଇବା ପରେ ମୁଁ ଏହି ସିଦ୍ଧାନ୍ତରେ ପହଂଚିଛି କିର ତୁମେମାନେ ହିଁ ସେହି ଲୋକ ଯେଉଁମାନେ ପ୍ରକୃତ ଶିକ୍ଷାର ତବ୍‌ଲିଗ୍ ସଠିକ୍ ରୂପେ କରିପାରୁଛନ୍ତି । ଜଲ୍‌ସାର ସମସ୍ତ କାର୍ଯ୍ୟକ୍ରମ ଗୁଡିକୁ ଧ୍ୟାନର ସହିତ ଓ ମଗ୍ନର ସହିତ ଦେଖୁଥିଲେ । ଜଲ୍‌ସା ଶେଷ ହେବା ପରେ ତାଙ୍କୁ ୱଫଦ୍‌ର ବାକି ସଦସ୍ୟମାନଙ୍କ ସହିତ ଜାମିଆ ଅହେମଦୀୟା ଜର୍ମାନୀ ମଧ୍ୟ ପରିଦର୍ଶନ କରାଗଲା । ସେ ଜାମିଆକୁ ଦେଖିବା ପରେ କହିଲେ କି ମୋର ଦୁଃଖର କଥା ମୁସଲ୍‌ମାନ୍ ଦୀନ୍ ଏବଂ ଦୁନିଆର ଶିକ୍ଷାରେ ବହୁତ ପଛରେ ଅଛନ୍ତି କିନ୍ତୁ ଗୋଟିଏ ପଟେ ଯେଉଁଠି ଜଲ୍‌ସାରେ ଯାଇ ମୁଁ ଦେଖିଲି ଯେ ଜମାତ୍ ଅହେମଦୀୟାର ଇମାମ୍ ସାଂସାରିକ ଶିକ୍ଷା କ୍ଷେତ୍ରରେ ସଫଳତା ଲାଭ କରିଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ଦେଉଥିଲେ ଏବଂ ଏଥିରେ ଜମାତ୍ ଅହେମଦୀୟାର ସଦସ୍ୟମାନଙ୍କୁ ସାଂସାରିକ ଜ୍ଞାନରେ ଆଗକୁ ବଢ଼ିବା ପାଇଁ ପ୍ରୋତ୍ସାହନ ଦେଉଥିଲେ । ଦ୍ୱିତୀୟ ପଟେ ଜାମିଆ ପରିଦର୍ଶନ କରିବା ପରେ ଏକଥା ମଧ୍ୟ ଜାଣିବାକୁ ପାଇଲେ କି ଜମାତ୍ ଅହେମଦୀୟା ଖିଲାଫତ୍‌ର ନେତୃତ୍ୱରେ କିପରି ଦିନୀ ଶିକ୍ଷାର ପ୍ରସାର ନିମନ୍ତେ ସୁସଂଗଠିତ ଶୈଳୀରେ ଚେଷ୍ଟା କରି ଚାଲିଛି ଓ କି ପ୍ରକାର ଅଭିନବ ଶୈଳୀରେ ସମାନତା ରକ୍ଷା କରି ଶିକ୍ଷା କ୍ଷେତ୍ରରେ ଆଗକୁ ବଢ଼ିଚାଲିଛି ଓ ମୁସଲ୍‌ମାନ୍ ମାନଙ୍କ ହଜିଯାଇଥିବା ଶାଖାକୁ ଫେରାଇ ଆଣିବା ପାଇଁ ଚେଷ୍ଟାରେ ଲାଗିଛନ୍ତି । ଏହାପରେ ସେ ମୋ ସହିତ ମଧ୍ୟ ସାକ୍ଷାତ୍ କରିଥିଲେ । ସାକ୍ଷାତ୍‌କାର୍ ସମୟରେ ବତାଇଲେ କି ମୁଁ 'ବରାହିନେ ଅହେମଦୀୟା' ଏବଂ 'ତଜ୍‌କରାଃ' ପଢ଼ିବାପାଇଁ ଚାହୁଁଛି । ଏଥିରେ ମୁଁ କହିଲି ତଜ୍‌କରାଃ ପଢ଼ିବା ପରିବର୍ତ୍ତେ 'ଇସ୍‌ଲାମୀ ଉସୁଲ୍ କି ଫଲାସଫି' ଏବଂ 'ଦାୱ୍‌ତୁଲ୍ ଅମୀର୍' Invitation to Ahmadiyat ପଢ଼ନ୍ତୁ । ଏହାଦ୍ୱାରା ଆପଣଙ୍କୁ ଅଧିକା ଜ୍ଞାନ ଜମାତ୍ ଅହେମଦୀୟା ସମ୍ପର୍କରେ ହାସଲ ହେବ ଏବଂ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ସମ୍ବନ୍ଧରେ ମଧ୍ୟ, ପରିସ୍ଥିତି ସମ୍ବନ୍ଧରେ ମଧ୍ୟ ଏବଂ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ତତ୍ତ୍ୱଜ୍ଞାନ ସମ୍ବନ୍ଧରେ ମଧ୍ୟ ଜ୍ଞାନ ହାସଲ ହେବ । ଅଲ୍ଲାଃତାଲା ଆପଣଙ୍କ ସହିତ ଯେଉଁ ସହଯୋଗ କରୁଛନ୍ତି ସେ ସମ୍ବନ୍ଧରେ ମଧ୍ୟ ଜ୍ଞାନ ଆହରଣ ହେବ ।

ପୁଣି ବୋସ୍‌ନିଆନ୍ ପ୍ରତିନିଧି ମଣ୍ଡଳରେ ଜଣେ ମହିଳା ମୋମରଃ ସାହିବା ମଧ୍ୟ ଥିଲେ । ସେ କହୁଛନ୍ତି କି ମୁଁ ପ୍ରଥମର ଥର ଏ ଜଲ୍‌ସାରେ ସାମିଲ୍ ହୋଇଛି ଏବଂ ଖଲିଫାଙ୍କ ସହିତ ସାକ୍ଷାତ୍‌କାର୍ କରିଛି । ଜଲ୍‌ସାର ଦିନଗୁଡିକ ଏତେ ଶିଘ୍ର ଚାଲିଗଲା ଯେ କିଛି ଜଣାପଡ଼ିଲା ନାହିଁ । ଆଉକିଛି ଦିନ ଏହା ଲମ୍ବା ହୋଇଥାଆନ୍ତା କି । ମୋର ଆନ୍ତରିକ ଇଛା କି ମୁଁ ପ୍ରତ୍ୟେକ ଜଲ୍‌ସାରେ କିପରି ଯୋଗଦେବି ।

ଜଣେ ଦୁର୍ବଳ ଦୃଷ୍ଟି ଶକ୍ତି ରଖିଥିବା ମୋଂଟେନେଗ୍ରୋ ନିବାସୀ ବ୍ୟକ୍ତି ଥିଲେ । ସେ କହୁଛନ୍ତି କି ମୁଁ ହେଉଛି ଜଣେ ଅଳ୍ପ ଦୃଷ୍ଟି ଶକ୍ତି ରଖିଥିବା ବ୍ୟକ୍ତି କିନ୍ତୁ ଏ ଜଲ୍‌ସାରେ ସାମିଲ୍ ହୋଇ ମୁଁ ସବୁକିଛି ହୃଦୟର ଆଖିଦ୍ୱାରା ଦେଖିବାକୁ ପାଇଲି ଓ ଏହି ଜଲ୍‌ସାରୁ ମୁଁ ମୋ ଆତ୍ମାକୁ ତୃପ୍ତ କରାଇ ଫେରିଯାଉଅଛି । ମୁଁ ଯେଉଁ ଦେଶ ବା ଇଲାକାର ସହିତ ସମ୍ପର୍କ ରଖିଛି ସେଠିକାର ଲୋକମାନେ ଦୀନ୍ ଓ ଧର୍ମଠାରୁ ବହୁତ ଦୂରରେ ଏବଂ ଆଧ୍ୟାତ୍ମିକ କଣ ? ଆମକୁ ଏ ବିଷୟରେ କିଛି ଜଣାନାହିଁ । କିନ୍ତୁ ଜଲ୍‌ସା ସମୟରେ ମୁଁ ଏକଥା ଅନୁଭବ କଲି କି ଇଶ୍ୱରଙ୍କ ଅସ୍ତିତ୍ୱ ଅଛି । ଏବଂ ତାର ବର୍‌କତ୍ ଏଠାରେ ଶାନ୍ତି, ସୌହାର୍ଦ୍ଦ୍ୟ, ଆତ୍ମସନ୍ତୋଷ ରୂପରେ ଅବତୀର୍ଣ୍ଣ ହେଉଅଛି, ଯେଉଁ ସବୁରୁ ମୁଁ ମଧ୍ୟ ଭାଗ ପାଇଲି ।

ଏବର୍ଷ ଜଲ୍‌ସାସାଲାନା ଜର୍ମାନୀରେ ବୁଲ୍‌ଗେରିଆ ଦେଶରୁ ୫୬ଜଣ ବିଶିଷ୍ଟ ପ୍ରତିନିଧି ମଣ୍ଡଳ ଯୋଗ ଦେଇଥିଲେ । ସେମାନଙ୍କ ମଧ୍ୟରୁ ୩୧ ଜଣ ଅଣ ଜମାତୀୟ ଅତିଥି ଥିଲେ । ସେମାନଙ୍କର ମୋ ସହିତ ସାକ୍ଷାତ୍ ମଧ୍ୟ ହେଲା । ପ୍ରତିନିଧି ମଣ୍ଡଳରେ ସାମିଲ୍ ହୋଇଥିବା ଜଣେ ମହିଳା କ୍ରିଲିକା ସାହିବା ନିଜ ମନୋଭାବକୁ ବ୍ୟକ୍ତ କରି କହୁଛନ୍ତି କି ମୁଁ ଅନେକ ପ୍ରୋଗ୍ରାମ୍‌ରେ ସାମିଲ୍ ହୋଇଛି କିନ୍ତୁ ଜମାତ୍ ଅହେମଦୀୟାର ଜଲ୍‌ସାରେ ଏକପ୍ରକାର ଆଧ୍ୟାତ୍ମିକ ପରିବେଶ ଥିଲା । ବହୁତ ଶାନ୍ତ ପରିବେଶ ଥିଲା ଯାହା ଜୀବନଯାକ ପାଇଁ ଶାନ୍ତିର ଖୋରାକ୍ ଥିଲା । ଲୋକମାନଙ୍କ ମନରେ ଆମପାଇଁ ସମ୍ମାନ ଓ ପ୍ରେମ ଥିଲା । ସେମାନଙ୍କ ଆଖିରୁ ସେମାନଙ୍କ ବିଶ୍ୱାସ ବାରି ହୋଇପଡୁଥିଲା କି କେଡେ ପୁଣ୍ୟବନ୍ତ ଲୋକ ଥିଲେ । ଖଲିଫାଙ୍କ ଅଭିଭାଷଣ ମୋ ମନ ଉପରେ ଗଭୀର ଛାପ ପକାଇଛି । ମୁଁ ଭାଷଣ ଚାଲିଥିବା ସମୟରେ କାନ୍ଦୁଥିଲି ଓ ମୋତେ ଏପରି ଲାଗୁଥିଲା କି ବର୍ତ୍ତମାନ ମୋର ନୁଆ ଜୀବନ ଆରମ୍ଭ ହେଉଅଛି । ମୁଁ ଚେଷ୍ଟା କରିବି କି ବାକି ଜୀବନତକ ସେହି ସବୁ କଥାର ଆଲୋକରେ ଜୀବନ ବିତାଇବି । ମୁଁ ଆପଣଙ୍କର କୃତଜ୍ଞତା ଜ୍ଞାପନ କରୁଛି କି ଆପଣମାନେ ମୋତେ ଏହି ଆଧ୍ୟାତ୍ମିକ ପରିବେଶରେ ଲାଭ ଉଠାଇବା ପାଇଁ ଅବସର ଦେଲେ । ତେବେ ଏହି ଲୋକମାନେ ଅହେମଦୀୟତ୍‌କୁ ମଧ୍ୟ ଜାଣିନାହାଁନ୍ତି କିନ୍ତୁ ଏଠାକୁ ଆସି ଏହି ପରିବେଶରୁ ପ୍ରଭାବିତ ହେଉଛନ୍ତି । ସେମାନଙ୍କ ପାଇଁ ମଧ୍ୟ ଏହି ଜଲ୍‌ସା ବାବର୍‌କତ୍ ହୋଇଯାଉଛି ।

ଆଉଜଣେ ଇସାଇ ମହିଳା କ୍ରେସିମିରା ସାହିବା କହୁଛନ୍ତି- ମୁଁ ନିଜ ସ୍ୱାମୀ ଓ ପିଲାମାନଙ୍କ ସହିତ ଜଲ୍‌ସାରେ ସାମିଲ୍ ହୋଇଛି । ମୁଁ ଏପରି ସୁସଂଗଠିତ ଅତିଥି ପରାୟଣତା ପୂର୍ବରୁ ଆଉ କେଉଁଠାରେ ଦେଖିନାହିଁ । ମା' ବାପାଙ୍କ ପାଇଁ ସମ୍ମାନ, ପିଲାମାନଙ୍କ ତର୍‌ବିୟତ୍ ସମ୍ବନ୍ଧରେ ଏଠାରୁ ବହୁତ କିଛି ଶିଖିବାକୁ ପାଇଲି । ଏବେ ସେହି ଶିକ୍ଷାକୁ ନିଜ ଜୀବନର ଅଂଶ ବନାଇବି । ପୁରୁଷମାନେ ଯେପରି ମହିଳାମାନଙ୍କର ସମ୍ମାନ କରୁଥିଲେ ଏହା ଦେଖି ମୁଁ ବହୁତ ଆଶ୍ଚର୍ଯ୍ୟ ହୋଇଗଲି । ଇସାଇୟତ୍‌ରେ ମହିଳାମାନଙ୍କ ପାଇଁ ଏତେ ମାତ୍ରାରେ ସମ୍ମାନ ମୁଁ କଦାପି ଦେଖିନାହିଁ । ଧନ୍ୟବାଦ ଅର୍ପଣ କରି ଆପଣମାନଙ୍କ ପାଇଁ ପ୍ରାର୍ଥନା କରୁଅଛି । ସୁତରାଂ ଏହା ପୁରୁଷ ମାନଙ୍କ ପାଇଁ ମଧ୍ୟ ଗୋଟିଏ ଶିକ୍ଷା କି କେବଳ ଜଲ୍‌ସା ଦିନଗୁଡିକରେ ନୁହେଁ ସଦାସର୍ବଦା ମହିଳାମାନଙ୍କର ଏପରି ସମ୍ମାନ ସେମାନଙ୍କ ହୃଦୟରେ ରହିବା ଉଚିତ୍ ଯେଉଁ ଶିକ୍ଷା ଆମକୁ ଅଲ୍ଲାଃତାଲା ପ୍ରଦାନ କରିଛନ୍ତି ।

ଆଉଜଣେ ମୁସଲ୍‌ମାନ୍ ବନ୍ଧୁ ମୁହମ୍ମଦ୍ ୟୁସୁଫ୍ ସାହେବ୍ ଏ ଜଲ୍‌ସାରେ ସାମିଲ୍ ହୋଇଥିଲେ । ସେ କହୁଛନ୍ତି କି ମୁଁ ପ୍ରଥମଥର ପାଇଁ ଏ ଜଲ୍‌ସାରେ ସାମିଲ୍ ହୋଇଛି । ଯେଉଁ କଥା ଜମାତ୍ ବିରୋଧରେ ମୁଁ ଶୁଣିଥିଲି ଏହି ଜଲ୍‌ସାର ପରିବେଶକୁ ଦେଖି ମୋର ହୃଦୟ ପ୍ରତ୍ୟେକ କ୍ଷେତ୍ରରୁ ସଫା ହୋଇଯାଇଛି । ଚାରିଆଡେ ଭଲ ଓ ପବିତ୍ର କୋରାନ୍ ଓ ହଦିସ୍‌ର ଶିକ୍ଷା ପ୍ରସାର ହୋଇଥିଲା ଓ ମହବତ୍ ସବ୍ କେ ଲିଏ, ନଫ୍‌ରତ୍ କିସି ସେ ନେହିଁ, ଅର୍ଥାତ୍ ପ୍ରେମ ସଭିଙ୍କ ପାଇଁ, ଘୃଣା କାହାକୁ ନାହିଁ ବାକ୍ୟଟି ମୋତେ ବହୁତ ପ୍ରଭାବିତ କରିଛି । ଚାରିଆଡେ ଶାନ୍ତି ହିଁ ଶାନ୍ତି ଥିଲା । ବିଶେଷ ରୂପେ ଖଲିଫାଙ୍କ ଅଭିଭାଷଣ ସମୟରେ ବହୁତ ଶାନ୍ତି ମିଳିଲା । ଜଲ୍‌ସା ସମୟରେ ମୁଁ ଏ ନିଷ୍ପତି କରିଥିଲି କି ଏବେ ମୁଁ ମଧ୍ୟ ଅହେମଦୀୟତ୍‌ରେ ଦାଖିଲ୍ ହୋଇଯିବି । ମୋର ଅନେକ ନିଜସ୍ୱ ଅସୁବିଧା ଥିଲା କିନ୍ତୁ ଯେତେବେଳେ ମୁଁ ଜଲ୍‌ସାରେ ସାମିଲ୍ ହେଲି ମୋ ଅସୁବିଧା ଗୁଡିକ ସ୍ୱତଃପ୍ରବୃତ ଭାବେ ଦୂରେଇ ଯିବା ଆରମ୍ଭ ହୋଇଗଲା । ବର୍ତ୍ତମାନ ମୁଁ ଜମାତ୍‌ର ବାର୍ତ୍ତାକୁ ଆଗକୁ ପ୍ରଚାର ଓ ପ୍ରସାର କରିବି ।

ପୁଣି ଲାଟୋଭିୟାରୁ ଆସିଥିବା ୱଫଦ୍‌ର ମନୋଭାବ ରହିଛି । ଲାଟୋଭିୟାରୁ ଜଣେ ମେଡିକାଲ ଛାତ୍ର ଆସିଥିଲେ । ସେ କହୁଛନ୍ତି କି ଜଲ୍‌ସାସାଲାନା ଜର୍ମାନୀରେ ସାମିଲ୍ ହେବା ମୋ ପାଇଁ ବଡ ସମ୍ମାନର କଥା । ମୋତେ ଏପରି ଅନୁଭବ ହେଉଥିଲା କି ଏହି ଜଲ୍‌ସା ସେହି ସମସ୍ତ ଲୋକମାନଙ୍କର ଇଜ୍‌ତିମା (ସମାବେଶ) ଯେଉଁମାନେ  ଦୃଢ଼ ବିଶ୍ୱାସୀ ଓ ଶାନ୍ତ ଆତ୍ମାର ମାଲିକ ଅଟନ୍ତି ଓ ଭାଇଚାରା ପ୍ରତିଷ୍ଠା କରିଥିବା ଶାନ୍ତିପ୍ରିୟ ଲୋକ ଅଟନ୍ତି । ମୋ ପାଇଁ ଏକଥା ବହୁତ ଆଶ୍ଚର୍ଯ୍ୟର କଥା ଥିଲା କି କିପରି ପ୍ରତ୍ୟେକ ବ୍ୟକ୍ତି ବହୁତ ମଗ୍ନର ସହିତ ଭାଷଣ ଗୁଡିକ ଶୁଣୁଛନ୍ତି ଓ ନିଜ ନିଜର କାର୍ଯ୍ୟରେ ମଗ୍ନ ରହୁଛନ୍ତି ଓ ସେହିପରି ମୋ ପାଇଁ ବହୁତ ସମ୍ମାନର କଥା ଏହା ଥିଲା କି ଖଲିଫାଙ୍କ ସହିତ ମଧ୍ୟ ମୋର ସାକ୍ଷାତ୍‌କାର୍ ହେଲା । ଖଲିଫା ଜର୍ମାନୀରେ ମୁହାଜିର୍‌ମାନଙ୍କ ସମ୍ବନ୍ଧରେ ଓ ଇସ୍‌ଲାମ୍ ସମ୍ପର୍କରେ ଲୋକମାନଙ୍କ ହୃଦୟରେ ଥିବା ଭୟ ବିଷୟରେ କଥା ହେଲେ ଓ ଏକଥାରେ ମୋତେ ବହୁତ ଆନନ୍ଦ ଲାଗିଲା କି ଜମାତ୍ ଅହେମଦୀୟା ପୃଥିବୀରେ ଶାନ୍ତି ଓ ଭାଇଚାରାର ବାର୍ତ୍ତା ଦେଉଅଛି ଏବଂ ଜର୍ମାନୀ ସମାଜରେ ବନ୍ଧୁତ୍ୱପୂର୍ଣ୍ଣ ପଡୋଶୀ ସୃଷ୍ଟି କରିବା ଓ ସମସ୍ତଙ୍କର ସେବା କରିବା ପାଇଁ ଜୋର୍ ଦେଉଅଛି ।

ଲାଟୋଭିୟାରେ ଜଣେ ଗଏର୍ ଅହେମଦୀ ପାକିସ୍ତାନୀ ଯିଏ ମାଷ୍ଟର୍‌ର ଶିକ୍ଷା ହାସଲ କରୁଛନ୍ତି, ସେ ମଧ୍ୟ ଏ ଜଲ୍‌ସାରେ ସାମିଲ୍ ହୋଇଥିଲେ । ସେ କହୁଛନ୍ତି କି ମୁଁ ପଛ ମାସରେ ଷ୍ଟଡି କରିବା ପାଇଁ ପାକିସ୍ତାନ୍‌ରୁ ଲାଟୋଭିୟା ଆସିଛି । ମୋତେ ଏହି ଜଲ୍‌ସାରେ ସାମିଲ୍ ହେବାପାଇଁ ନିମନ୍ତ୍ରଣ ଦିଆଗଲା, ଯାହାକୁ ମୁଁ ବହୁତ ଚିନ୍ତା କରିବା ପରେ ଗ୍ରହଣ କଲି । ଯେବେ ମୁଁ ଜଲ୍‌ସାଗାଃରେ ପହଂଚିଲି ସେଠାରେ ଇନ୍ତେଜାମିଆକୁ ଦେଖି ବହୁତ ଆଶ୍ଚର୍ଯ୍ୟ ଚକିତ ହେଲି । କାରଣ ସେଠାରେ ବହୁମାତ୍ରାରେ ଲୋକ ଥିଲେ । କିନ୍ତୁ ଇନ୍ତେଜାମିଆ ବହୁତ ସୁନ୍ଦରତାର ସହିତ ଓ ବୁଦ୍ଧିମତାର ସହିତ ସମସ୍ତଙ୍କୁ ସମ୍ଭାଳୁଥିଲେ । ଜଲ୍‌ସାଗାଃରେ ବହୁତ ଲୋକଥିଲେ ଯେଉଁମାନଙ୍କ ମଧ୍ୟରୁ  ଅନେକ ଲୋକେ ବିଭିନ୍ନ ଦେଶରୁ ଆସିଥିଲେ । ସେଥିରେ ଅଣ ମୁସ୍‌ଲିମ୍ ଅତିଥିମାନେ ଥିଲେ ଓ ସେ ସମସ୍ତଙ୍କୁ ଏହି ଜଲ୍‌ସାପାଇଁ ନିମନ୍ତ୍ରଣ ଦିଆଯାଇଥିଲା ଯଦ୍ୱାରା ସେମାନେ ଏଠାକୁ ଆସି ନିଜେ ଦୀନେ ଇସ୍‌ଲାମ୍ (ଇସ୍‌ଲାମ୍ ଧର୍ମ)କୁ ଦେଖନ୍ତୁ । ମୁଁ ଏତେ ମାତ୍ରାରେ ପ୍ରେମ, ସ୍ନେହ, ଭଲପାଇବା, ସମ୍ମାନ ଏବଂ ଅତିଥି ପରାୟଣତା  ମୋ ସମ୍ପୂର୍ଣ୍ଣ ଜୀବନରେ କଦାପି କେଉଁଠାରେ ଦେଖିନାହିଁ, ଯେତେ ମାତ୍ରାରେ ଏଠାରେ ଦେଖିବାକୁ ପାଇଲି ଓ ଏହା ଦେଖି ମୋତେ ବହୁତ ଭଲଲାଗିଲା କି ଏହାଦ୍ୱାରା ସମସ୍ତ ଅଣମୁସ୍‌ଲିମ୍ ଅତିଥିମାନଙ୍କ ଉପରେ ବହୁତ ଉତମ ପ୍ରଭାବ ପଡିବ । ଇସ୍‌ଲାମ୍ ଧର୍ମପ୍ରତି ଆସିବା ପାଇଁ ନିଶ୍ଚିତ ରୂପେ ଚେଷ୍ଟା କରିବେ । ଯେହେତୁ ମୁଁ ଅହେମଦୀ ନୁହେଁ ସେଥିପାଇଁ ମୋ ମନରେ ମଧ୍ୟ ବହୁତ କିଛି ଭୁଲ୍ ଧାରଣା ଥିଲା । ଯାହା ସବୁ ଅନ୍ୟ ମୁସଲ୍‌ମାନ୍ ଫିର୍‌କାଙ୍କ ହୃଦୟରେ ରହିଥାଏ । ସେଠାରେ ଯେବେ ମୁଁ ଭାଷଣ ଗୁଡିକ ଶୁଣିଲି ସେଠାରେ ଲେଖାଯାଇଥିବା କଲ୍‌ମାକୁ ଦେଖିଲି ଓ ନମାଜ ମଧ୍ୟ ପଢିଲି ଏଥିରୁ ମୋତେ କିଛି ଫରକ ଲାଗିଲା ନାହିଁ । ଏହ ସବୁକିଛି ଆମେ ମଧ୍ୟ କରୁଅଛୁ ଓ ଏହି ଅହେମଦୀମାନେ ମଧ୍ୟ କରୁଛନ୍ତି । ସେମାନଙ୍କର କଲ୍‌ମା ମଧ୍ୟ ଏକାପରି । ନମାଜ ମଧ୍ୟ ଏକାପରି, କୋରାନ୍ ମଧ୍ୟ ସମାନ୍ । ସବୁଠାରୁ ଅଧିକା ଚିନ୍ତା କରିବା କଥା ହେଉଛି ଖତ୍‌ମେ ନବୁୱ୍‌ତ୍ ମଧ୍ୟ ଥିଲା, ଯାହା ଉପରେ ବର୍ତ୍ତମାନ ଚିନ୍ତା କରିବା ପାଇଁ ମୁଁ ମଜ୍‌ବୁର୍ ହୋଇଗଲିଣି ଅର୍ଥାତ୍ ଏହା ଉପରେ ମୁଁ ଏ ଚିନ୍ତା କରିବି କି କେଣ ମୁଁ ନିଜ ଫିର୍‌କାକୁ ସଚ୍ଚା କହିପାରିବି ବା ଅହେମଦୀମାନଙ୍କୁ । ସବୁଠାରୁ ବଡ ଲାଭ ମୋତେ ଜଲ୍‌ସାରେ ଆସିବାର ଏହା ହେଲାକି ମୁଁ ଅହେମଦୀ ଲୋକମାନଙ୍କୁ  ଏଠାରେ ବସି ସବୁ କିଛି ନିଜ ଆଖିରେ ଦେଖିଲି ଓ ଶୁଣିଲି । ଏବେ ମୁଁ ନିଜ ଆଡୁ ଠିକ୍ ରୂପେ ଦେଖିବି କି ଅସଲ ଇସ୍‌ଲାମ୍ କଣ ଓ ଖତ୍‌ମେ ନବୁୱ୍‌ତ୍ କଣ । ଖଲିଫାଙ୍କ ଭାଷଣ ମୋତେ ବହୁତ ପସନ୍ଦ ଲାଗିଲା । ବିଶେଷ ରୂପେ ଶେଷ ଦିନର ଅଭିଭାଷଣ । ଏହି ଚାରିଦିନ ମୋ ଜୀବନର ବହୁତ ଭଲ ଦିନ ଥିଲା । ପୁଣି ସେ କହୁଛନ୍ତି ବାକି ମୁସଲ୍‌ମାନ୍ କେବଳ କଥା କହୁଛନ୍ତି, ଘୃଣା ପ୍ରସାର କରୁଛନ୍ତି କିନ୍ତୁ ଏଠାରେ ମୁଁ କେବଳ ପ୍ରେମ, ସ୍ନେହ ଓ ସୌହାର୍ଦ୍ଦ୍ୟ ଦେଖିବାକୁ ପାଇଲି । ମୋର ସହିତ କିଛି ଅଲମୁସ୍‌ଲିମ୍ ମଧ୍ୟ ଥିଲେ । ସେମାନେ ମୁସଲ୍‌ମାନ୍ ମାନଙ୍କର ଏପରି ବ୍ୟବହାର ଦ୍ୱାରା ଓ ଏପରି ସମ୍ମାନ ଯାହା ଅହେମଦୀୟା ଜମାତ୍  ସେମାନଙ୍କୁ ଦେଇଛନ୍ତି, ଏଥିରେ ବହୁତ ପ୍ରଭାବିତ ହେଲେ । ଇନ୍ତେଜାମି ଟିମ୍ ସେ କୌଣସି ମଧ୍ୟ ଟିମ୍ ହେଉ, ସମସ୍ତେ ବହୁତ ପ୍ରେମ, ସ୍ନେହ ଓ ସସମ୍ମାନର ସହିତ

କଥା ହେଉଥିଲେ ଓ ଗାଇଡ୍ ମଧ୍ୟ କରୁଥିଲେ ଓ ଏତେବଡ ଜଲ୍‌ସାକୁ ଏତେ ସୁନ୍ଦର ରୂପେ ମ୍ୟାନେଜ୍ କଲେ କି ଯଦ୍ୱାରା ମୁଁ ହୃଦୟର ଅନ୍ତରରୁ ଧନ୍ୟବାଦ ଅର୍ପଣ କରୁଛି ।

ପୁଣି ୟୁନିଭରସିଟି ଅଫ୍ ଏଗ୍ରିକଲ୍‌ଚର୍ ଲିଟୋଭିୟାର ଜଣେ ଶ୍ରୀଲଙ୍କୀୟ ଲେକ୍‌ଚରର୍ ଜଲ୍‌ସାରେ ସାମିଲ୍ ହୋଇଥିଲେ । ସେ କହୁଛନ୍ତି- ସତକଥା ହେଉଛି ଏହା କି ଯେତେବେଳେ ମୁଁ ଏହି ଜଲ୍‌ସାରେ ସାମିଲ୍ ହେବାପାଇଁ ନିଷ୍ପତି କଲି । ମୋତେ ଅଳ୍ପ ଅଳ୍ପ ଭୟ ଲାଗୁଥିଲା । କାରଣ ଏହି ଉତ୍ସବରେ କୌଣସି ପ୍ରକାରର ସନ୍ତ୍ରାସବାଦ ଆକ୍ରମଣ ନ ହୋଇଯାଉ । କିନ୍ତୁ ଯେବେ ମୁଁ ଏହି ଜଲ୍‌ସାର ସିକ୍ୟୁରିଟିକୁ ଦେଖିଲି ସେତେବେଳେ ମୁଁ ଏହା ଅନୁଭବ କଲି କୌଣସି ବ୍ୟକ୍ତି ଏହି ପ୍ରୋଗ୍ରାମ୍‌କୁ ବା ଏଥିରେ ଯୋଗଦେଇଥିବା କାହାକୁ ମଧ୍ୟ କ୍ଷତି ପହଂଚାଇ ପାରିବ ନାହିଁ । ସେ ଯାହା ହେଉ ଏହା ଅଲ୍ଲାଃତାଲାଙ୍କର ଦୟା କି ଅଲ୍ଲାଃତାଲ ସ୍ୱୟଂ ଏହାର ବ୍ୟବସ୍ଥା କରୁଛନ୍ତି ନଚେତ୍ ଆମ ସିକ୍ୟୁରିଟି କଣ କରିପାରିବ ।

ସେ ପୁଣି କହୁଛନ୍ତି କି ମୁଁ ସମ୍ପୂର୍ଣ୍ଣ ପ୍ରୋଗ୍ରାମ୍ ସମୟରେ ସିକ୍ୟୁରିଟି ବିଭାଗ ଦ୍ୱାରା ବହୁତ ପ୍ରଭାବିତ ହୋଇଛି । ତେଣୁ । ମୁଁ ତାଙ୍କୁ ଉତ୍ସାହିତ କରିବାକୁ ଚାହୁଁଛି । ମୋର ଅନେକ ଶ୍ରୀଲଙ୍କୀୟ ମୁସଲ୍‌ମାନ୍ ବନ୍ଧୁ ଅଛନ୍ତି । କିନ୍ତୁ ମୁଁ ଜଣେ ବୌଦ୍ଧ ପରିବାରରେ ଜନ୍ମ ହୋଇଥିବା ଯୋଗୁଁ ମୁଁ ବୌଦ୍ଧମତର ଅନୁଗାମୀ ଅଟେ । ମୋତେ ଇସ୍‌ଲାମ୍ ସମ୍ବନ୍ଧରେ କିଛି ଜ୍ଞାନ ନଥିଲା । ଏ ଜଲ୍‌ସା ମୋତେ ପ୍ରକୃତ ଇସ୍‌ଲାମ୍‌ର ଶିକ୍ଷା ଦେଇଛି ଏବଂ ଅନ୍ୟ ଇସ୍‌ଲାମୀୟ ସଂଗଠନ ଗୁଡିକ ସମ୍ବନ୍ଧରେ ମଧ୍ୟ ଶିକ୍ଷା ଦେଇଛି । ଏହିପରି ଅହେମଦୀୟା ଫିର୍‌କା ଓ ଅନ୍ୟ ସଂଗଠନ ମଧ୍ୟରେ ଫରକ ସ୍ପଷ୍ଟ କରାଇଛି । ଏହି ଉତ୍ସବରେ ଯେଉଁ ବହୁତ ଉତମ କଥା ମୁଁ ଗ୍ରହଣ କରିପାରିଛି ତାହା ହେଉଛି ଏହା କି ଅହେମଦୀୟା ଜମାତ୍ ଗୋଟିଏ ପ୍ରେମ ଓ ଭଲପାଉଥିବା ଜମାତ୍ ଅଟେ । ତେଣୁ ମୁଁ ଏ କଥାକୁ ବହୁତ ପ୍ରଶଂସା କରିବାକୁ ଚାହିଁବି । ମୁଁ ଆପଣଙ୍କ ଜମାତ୍‌ର ଇନ୍ତେଜାମି ସଲାହିୟତ୍ (ବ୍ୟବସ୍ଥାପିକା ସାମର୍ଥ୍ୟ) କୁ ଦେଖିକରି ବହୁତ ଆଶ୍ଚର୍ଯ୍ୟ ଚକିତ ହେବାଛଡା ମୁଁ ରହିପାରିଲି ନାହିଁ । ଓ ଏ କଥା ସ୍ପଷ୍ଟ ରୂପେ ଇଙ୍ଗିତ କରୁଅଛି କି ଆପଣମାନେ ପୃଥିବୀକୁ ସଠିକ୍ ଦିଗରେ ମାର୍ଗଦର୍ଶନ କରିପାରିବେ ।

ଲିଟୋଭିୟାରୁ ଗ୍ଲୋରିଆ ନାମକ ଜଣେ ଛାତ୍ରୀ ପ୍ରଥମଥର ଏହି ଜଲ୍‌ସାରେ ସାମିଲ୍ ହୋଇଥିଲେ । ଏହା ତାଙ୍କ ପାଇଁ କୌଣସି ଇସ୍‌ଲାମୀୟ ପ୍ରୋଗ୍ରାମ୍‌ରେ ଯୋଗଦେବା ଥିଲା ପ୍ରଥମଥର । ସେ କହୁଛନ୍ତି ମୋତେ ଏଠାରେ ସବୁକିଛି ଭଲଲାଗିଲା । ଖାଇବା ପିଇବା ଇତ୍ୟାଦି ଇତ୍ୟାଦି ସବୁକିଛି ଭଲଲାଗିଲା । ଏଠିକାର ଲୋକମାନେ ବହୁତ ଚରିତ୍ରବାନ । ଡ୍ୟୁଟିରେ କାର୍ଯ୍ୟରତ ଲଜ୍‌ନାମାନେ ସର୍ବଦା ହସ ହସ ଚେହେରାରେ କାର୍ଯ୍ୟ କରୁଥିଲେ । ଲୋକମାନଙ୍କୁ ଲଜନାଙ୍କ ସମ୍ବନ୍ଧରେ ଅଧିକା ଅଭିଯୋଗ ଥିଲା । (କିନ୍ତୁ) ଏହି ଛାତ୍ରୀଜଣକ କହୁଛନ୍ତି କି ଏଠାରେ ଲଜ୍‌ନାମାନେ ସର୍ବଦା ହସହସ ଚେହେରା ସହିତ ମିଶୁଥିଲେ । ମୋତେ ଏହା ଦେଖି ବହୁତ ଭଲ ଲାଗିଲା । ଛୋଟରୁ ବଡ ଯାଏ ସମସ୍ତେ ପରିବେଶକୁ ସ୍ୱଚ୍ଛ ରଖିବା ପାଇଁ ଚେଷ୍ଟା କରୁଥିଲେ । ଏ କଥା ମୋତେ ମଧ୍ୟ ବହୁତ ଭଲ ଲାଗିଲା । ମୁଁ ନିଜକୁ ଏଠାରେ ସହଜତା ଅନୁଭବ କଲି । ମୋତେ ସେହି ଦୃଶ୍ୟଟି ଭଲଭାବେ ମନେଅଛି ଯେତେବେଳେ ମୋର ଦୃଷ୍ଟି ପରଦା ଉପରେ ପଡ଼ିଲା ଓ ମୁଁ ଦେଖିବାକୁ ପାଇଲି କି ପୁରୁଷ ମାନଙ୍କ ଟେଂଟ୍ ଭିତରେ ସମସ୍ତ ଲୋକେ ଜଣେ ଅନ୍ୟଜଣକ କାନ୍ଧ ଉପରେ ହାତ ରଖିଥିଲେ । ସେ ବୟତ୍ ବେଳର କଥା କହୁଛନ୍ତି । ଏହି କନ୍‌ଫରେନ୍‌ସରେ ସାମିଲ୍ ହୋଇ ଇସ୍‌ଲାମ୍ ସମ୍ବନ୍ଧରେ ମୋର ସମସ୍ତ ଭାବନା ଓ ଧାରଣା ସମ୍ପୂର୍ଣ୍ଣ ରୂପେ ପରିବର୍ତନ ହୋଇଗଲା ଓ ଏହା ଜାଣି ମୋତେ ବହୁତ ଖୁସି ଲାଗିଲା କି ବର୍ତମାନ କିଛି ଲୋକ ଏପରି ଏଠାରେ ଉପସ୍ଥିତ ଅଛନ୍ତି ଯେଉଁମାନେ ଏ ସଂସାରର ଭଲ ଚାହୁଁଛନ୍ତି ।

ଲିଟୋଭିୟା ପ୍ରତିନିଧି ମଣ୍ଡଳରେ ସାମିଲ୍ ହୋଇଥିବା ଆଉଜଣେ ଝିଅ ଆନାସ୍‌ତାସିଆ (Anastasia) ସାହିବା ଥିଲେ । ମୁଁ ଅଣ ମୁସଲ୍‌ମାନ୍ ମାନଙ୍କ ପାଇଁ ଅଲଗା ଯେଉଁ ଅଭିଭାଷଣ ଦେଇଥାଏ ସେ ସମ୍ବନ୍ଧରେ ଏ ଝିଅଟି କହୁଛନ୍ତି କି ଏହା ତାଙ୍କୁ ବହୁତ ପସନ୍ଦ ଲାଗିଲା । ଖଲିଫା ଯାହା କହୁଛନ୍ତି ବିଲ୍‌କୁଲ୍ ଠିକ୍ କହୁଛନ୍ତି । ପୁଣି ସେ ଝିଅ କହୁଛନ୍ତି କି ଏହି ଅଭିଭାଷଣଟି ଶୁଣିବା ପାଇଁ ମୁଁ ପୁରୁଷ ମାନଙ୍କ ଜଲ୍‌ସାଗାଃକୁ ଆସିଥିଲି । କାରଣ ମହିଳା ପୁରୁଷ ଗୋଟିଏ ଯାଗାରେ ବସିଥାନ୍ତି । ବିଭିନ୍ନ ଜାତିର ପାଖାପାଖି ୧ ହଜାର ଅତିଥି ଥିଲେ ଓ ଜର୍ମାନୀ ଜାତିର ଲୋକେ ବିଶେଷ ରୂପେ ୪ ରୁ ୫ ଶହ ଥିଲେ । ପୁଣି ସେ କହୁଛନ୍ତି- ବାକି ସମୟତକ ମୁଁ ଲଜ୍‌ନାମାନଙ୍କ ପାଇଁ ଥିବା ଟେଂଟ୍‌ରେ ବିତାଇଲି । କାରଣ ପୁରୁଷମାନଙ୍କ ପାଖରେ ବସିଲା ବେଳେ ମୋତେ ଲଜ୍ଜା ଲାଗୁଥିଲା ଓ ମୋ ମୁଣ୍ଡରେ ଓଢ଼ଣୀ ନଥିବାରୁ ମୋତେ ଅଜବ ପ୍ରକାର ଅନୁଭବ ହେଉଥିଲା । (ହଜୁର୍ ଅନୁଓ୍ୱର୍ ଅ:ବ:ଅ କହୁଛନ୍ତି) କି ସୁତରାଂ ଏକଥା ସେହି ଝିଅମାନଙ୍କ ଭିତରେ ମଧ୍ୟ ସାହସ ସୃଷ୍ଟି କରିବ ଯେଉଁମାନେ ଏକଥା କହୁଛନ୍ତି କି ଏଠାକୁ ଆସିବା ପରେ ମୁଣ୍ଡରେ ଓଢ଼ଣୀ ବା ସ୍କାର୍ଫ୍ ଢ଼ାଙ୍କିବାକୁ ଆମକୁ ଲାଜ ଲାଗୁଛି ବୋଲି । ଯଦିଚ ସେହି ଇସାଇ ଝିଅଟି ଏଠାକୁ ଆସି ଏକଥା କହୁଛନ୍ତି କି ତାଙ୍କୁ ଲାଜ ଲାଗୁଛି ଯେ ସେ ପୁରୁଷ ମାନଙ୍କ ନିକଟରେ ବିନା ଓଢ଼ଣୀରେ କାହିଁକି ବସିଲେ ।

କୋସୋଭରୁ ଜଣେ ଓକିଲ ସାହେବ ନିଜ ମନୋଭାବକୁ ବ୍ୟକ୍ତି କରି କହୁଛନ୍ତି କି ଜଲ୍‌ସାର ବ୍ୟବସ୍ଥାକୁ ଦେଖି ଏପରି ଲାଗୁଥିଲା ଯେ ପ୍ରତ୍ୟେକ ବ୍ୟକ୍ତି ଖିଲାଫତ୍‌ର ଆଜ୍ଞାପାଳନ କରିବାରେ ନିଜକୁ ସମର୍ପିତ କରି ନିଜ ନିଜର କାର୍ଯ୍ୟ କରୁଥିଲା । ଏହି ସମସ୍ତ ଇତାଅତ୍ ଏହି ବ୍ୟକ୍ତିବିଶେଷଙ୍କ ପ୍ରେମ ଥିଲା ଯିଏ ଖଲିଫାଙ୍କ ରୂପରେ ଜମାତ୍ ଅହେମଦୀୟାକୁ ପ୍ରାପ୍ତ ହୋଇଛନ୍ତି ଏବଂ ମୋତେ କହୁଛନ୍ତି ଖଲିଫାଙ୍କ ସହିତ ସାକ୍ଷାତ୍ କରିବାର ଅବସର ମିଳିଲା । ଜମାତ୍‌ର ପ୍ରତ୍ୟେକ ବ୍ୟକ୍ତି ଗୋଟିଏ ମାଳରେ ଗୁନ୍ଥା ହୋଇଛନ୍ତି । କୋସୋଭରେ ମଧ୍ୟ ଏହିପରି ଇଜ୍‌ତିମା ଇତ୍ୟାଦି ହେଉଅଛି । କିନ୍ତୁ ଏ ଜଲ୍‌ସାରେ ସାମିଲ୍ ହେବା ପରେ ଗୋଟିଏ ଅଲଗା ପ୍ରକାରର ପ୍ରଭାବ ମନୁଷ୍ୟ ଉପରେ ପଡ଼ିଲା । ଅର୍ଥାତ୍ ପ୍ରତ୍ୟେକ ଜାତି ବର୍ଣ୍ଣର ଲୋକେ ଏହି ଜଲ୍‌ସାରେ ସାମିଲ୍ ହେଉଛନ୍ତି ଏବଂ ପ୍ରତ୍ୟେକଙ୍କ ଆବଶ୍ୟକ ମୁତାବକ ତାଙ୍କ ଧ୍ୟାନ ରଖାଯାଉଛି । ଏହି ଓକିଲ ଜଣକ ଅହେମଦୀ ନଥିଲେ ।

କୋସୋଭୋ ପ୍ରତିନିଧି ମଣ୍ଡଳରେ ଜଣେ ଫିଜିକ୍‌ସର ପ୍ରଫେସର୍ ଥିଲେ Arber ସାହେବ୍ । ସେ କହୁଛନ୍ତି କି ଏ କଥା ମୋ ପାଇଁ ଅବିଶ୍ୱସନୀୟ ଥିଲା କି ଏତେ ସଂଖ୍ୟକ ଲୋକେ ଗୋଟିଏ ଯାଗାରେ ଏକତ୍ରିତ ହୋଇଥିଲେ ଓ ସେ ସମସ୍ତଙ୍କର ଆବଶ୍ୟକତାକୁ ପୂରଣ କରାଯିବା ସମ୍ଭବ ମଧ୍ୟ ହେଉଥିଲା । ଜଲ୍‌ସାରେ ସାମିଲ୍ ହୋଇ ସମସ୍ତ ବ୍ୟବସ୍ଥାକୁ ଧ୍ୟାନର ସହିତ ଦେଖିଲି କି କିପରି ପ୍ରତ୍ୟେକ ଜିନିଷ ଗୋଟିଏ ନିଜାମ୍ ସହିତ ଚାଲୁଅଛି ଓ ଆବଶ୍ୟକତାର ଧ୍ୟାନ ରଖାଯାଉଛି । ପ୍ରତ୍ୟେକ କାମ ପାଇଁ ଜଣେ ଜଣେ ଖାଦିମ୍ (ସେବକ) ନିୟୋଜିତ ଥିଲେ । ଲଙ୍ଗର୍‌ଖାନା ଯିବାପାଇଁ ମୋତେ ମୌକା ମିଳିଲା । ସେଠାରେ ଜଣେ ବ୍ୟକ୍ତିଙ୍କ ସହିତ ମୋର ସାକ୍ଷାତ୍ ହେଲା । ଯିଏ ବିଗତ ୨୨ବର୍ଷ ହେବ ପିଆଜ ଛେଲିବାର କାର୍ଯ୍ୟ କରୁଛନ୍ତି ଓ ବିଗତ ୨୨ବର୍ଷ ହେବ ତାଙ୍କ ନିକଟରେ ଗୋଟିଏ ଛୁରୀ ମଧ୍ୟ ଅଛି । ସେ ମୋତେ ବତାଇଲେ କି ଏହି ଛୁରୀଟିକୁ ମୁଁ ୨୨ ବର୍ଷ ହେବ ଏଇଥିପାଇଁ ରଖିଛି କି ଖଲିଫତୁଲ୍ ମସିହ୍ ରାବେ ଏହି ଛୁରୀଟିକୁ ବ୍ୟବହାର କରୁଥିଲୋ ଓ ଏଥିରେ ହାତ ଲଗାଇଥିଲେ । ସେଇଥିଯୋଗୁ ଏହି ଦୃଷ୍ଟିକୋଣରୁ ତାଙ୍କର ଏହାଙ୍କ ଉପରେ ବହୁତ ଭଲ ପ୍ରଭାବ ପଡ଼ିଛି ।

ଜର୍ଜିଆରୁ ୩୮ଜଣ ବିଶିଷ୍ଟ ପ୍ରତିନିଧି ମଣ୍ଡଳ ଜର୍ମାନୀ ଜଲ୍‌ସାରେ ସାମିଲ୍ ହୋଇଥିଲା । ସେଥିରେ ଦୁଇଜଣ ପାଦ୍ରୀ ଥିଲେ, ଦୁଇଜଣ ମୁଫ୍‌ତି ଥିଲେ । ସିହା ଏବଂ ସୁନି ଲିଡର୍ ଥିଲେ । ଏହିଭଳି ଅନ୍ୟାନ୍ୟ ୩୦ଜଣ ଗଏର୍ ଅହେମଦୀ ସଦସ୍ୟ ମଧ୍ୟ ଥିଲେ । ଏହି ଓ୍ୱଫଦ୍‌ରେ ଜଣେ ଗଏର୍ ଅହେମଦୀ ମସ୍‌ଜିଦ୍‌ର ଇମାମ୍ ଜମ୍ବୁଲ୍ (Jambul) ସାହେବ୍ ବର୍ଣ୍ଣନା କରୁଛନ୍ତି କି ମୁଁ ଜର୍ଜିଆରେ ଗୋଟିଏ ମସ୍‌ଜିଦ୍‌ର ଇମାମ୍ ଓ ମୁଁ ଅହେମଦୀୟା ଜମାତ୍‌ର ନିମନ୍ତ୍ରଣ ରକ୍ଷା କରି ଜର୍ମାନୀ ଆସିଛି । ମୁଁ ଏଠାରେ ଇସ୍‌ଲାମ୍ ସମ୍ବନ୍ଧରେ ବହୁତ ନୁଆ ନୁଅ କଥା ଶିଖିବାକୁ ପାଇଲି ଯାହା ପୂର୍ବରୁ ମୁଁ ଜାଣିନଥିଲି ଓ ପୁଣି ସେ ମୋ ସମ୍ବନ୍ଧରେ କହୁଛନ୍ତି କି ତାଙ୍କର ଗୋଟିଏ ବାକ୍ୟ ମୋତେ ମନେରହିବ ଅର୍ଥାତ୍ ଆମର ଏ ଦାୟିତ୍ୱ କି ଆମେ ମାନବ ଜାତିର ସାହାଯ୍ୟ କରିବା । ଇସ୍‌ଲାମ୍ ଧର୍ମ କେବଳ ହିଁ କେବଳ ଶାନ୍ତିର ଧର୍ମ ଅଟେ । ଏଠାକୁ ଆସି ମୋତେ ଇସ୍‌ଲାମ୍‌ର ବାସ୍ତବିକ ଶିକ୍ଷା ଜଣାପଡ଼ିଲା ।

ଆଉଜଣେ ମହିଳା ଲକୋ (Lako) ସାହିବା କହୁଛନ୍ତି କି ଜଲ୍‌ସାର ବ୍ୟବସ୍ଥା ଯୋଗୁ ମୁଁ ସମସ୍ତ କାର୍‌କୁନ୍‌ମାନଙ୍କୁ ଧନ୍ୟବାଦ ଜଣାଇବାକୁ ଚାହୁଁଛି । ପୁଣି ଆଉଜଣେ ମହିଳା ଇର୍‌ମା (Irma)ସାହିବା କହୁଛନ୍ତି କି ଆଜି ମହିଳାମାନଙ୍କ ପ୍ରୋଗ୍ରାମ୍‌ରେ ମୁଁ ସାମିଲ୍ ହୋଇଥିଲି ଏବଂ ମୁଁ ଆଶ୍ଚର୍ଯ୍ୟ ହୋଇଥିଲି କି ମହିଳାମାନେ ଏ ସମସ୍ତ ପ୍ରୋଗ୍ରାମ୍ କିପରି ମ୍ୟାନେଜ୍ କରିବେ । ଏହା ବହୁତ ଆଶ୍ଚର୍ଯ୍ୟପୂର୍ଣ୍ଣ ବିଷୟ ଥିଲା କି ସିକ୍ୟୁରିଟି ଚେକ୍ ମଧ୍ୟ ମହିଳାମାନେ କରୁଥିଲେ । ତେଣୁ ଏହା ସବୁକିଛି ଦେଖି ମୋତେ ବହୁତ ଭଲ ଲାଗିଲା । ମୁଁ ଆପଣଙ୍କୁ ଧନ୍ୟବାଦ ଅର୍ପଣ କରୁଛି ଓ ପୁଣି ସେ କହୁଛନ୍ତି- ମୁଁ ମହିଳାମାନଙ୍କର ପ୍ରୋଗ୍ରାମ୍‌ରେ ଆଜି ଯୋଗ ଦେଇଥିଲି ଓ ବହୁତ ଆଶ୍ଚର୍ଯ୍ୟର କଥା ଏହା ଥିଲା କି ସେଥିରେ ମହିଳାମାନଙ୍କର ଶିକ୍ଷା ଓ ତର୍‌ବିୟତ୍‌ର କେତେ ମାତ୍ରାରେ ଧ୍ୟାନ ରଖାଯାଉଛି ଓ ସବୁଠାରୁ ବଡ କଥା ଏହା ଥିଲା କି ଖଲିଫା ନିଜ ହାତରେ ତାଲିମ୍ ଆଓ୍ୱାର୍ଡ୍ (ଶିକ୍ଷା ପୁରସ୍କାର) ଗୁଡିକୁ ମହିଳାମାନଙ୍କୁ ପ୍ରଦାନ କରୁଥିଲେ ।

ପୁଣି ଜର୍ଜିଆରୁ ଆସିଥିବା ଆଉ ଜଣେ ସାହେବ୍ ବର୍ଣ୍ଣନା କରିଛନ୍ତି, ସେ ନିଜେ ମଧ୍ୟ ଜଣେ ମୁସଲ୍‌ମାନ୍ ଓ ଗୋଟିଏ ମୁସଲ୍‌ମାନ୍ ସଂଗଠନର ଚେୟାର୍‌ମ୍ୟାନ୍ ଅଛନ୍ତି, ଏହି ଜଲ୍‌ସାରେ ଯୋଗଦେବା ଆମପାଇଁ ବହୁତ ସମ୍ମାନର ବିଷୟ ଥିଲା । ମୁଁ ଏଠାରେ ଆଧ୍ୟାତ୍ମିକତା ଓ ଭାଇଚାରାକୁ ଦେଖିବାକୁ ପାଇଲି । ମୁଁ ଭାବୁଛି କି ଏହା ବହୁତ ବଡ ଅବସର ଆମପାଇଁ ଥିଲା କି ଆମେ ଏଠାକୁ ଆସିଲୁ ଓ ଏଥିରୁ ଲାଭ ଉଠାଇଲୁ ।

ଆଉଜଣେ ବନ୍ଧୁ ମୁହମ୍ମଦ୍ ଅକ୍‌ବର୍ ସାହେବ୍ କହୁଛନ୍ତି କି ଆମେ ପିଲାଦିନୁ ଏ କଥା ଶୁଣିଆସୁଛୁ ଯେ କୌଣସି ଜଣେ ମେହ୍‌ଦୀ ଆସିବେ ଓ ସେ ଏ ପୃଥିବୀରେ ପରିବର୍ତନ ଆଣିବେ । ଏବଂ ଆମେ ତାଙ୍କ ଅପେକ୍ଷାରେ ଥିଲୁ । ଏବେ ପ୍ରଥମଥର ପାଇଁ ଏହା ଶୁଣୁଅଛୁ କି ଯେଉଁ ମେହ୍‌ଦୀଙ୍କ ଅପେକ୍ଷାରେ ଆମେ ଥିଲୁ ସେ ଆସି ଚାଲି ମଧ୍ୟ ଗଲେଣି ଓ ଏବେ ତାଙ୍କ ଖଲିଫାଙ୍କ ସିଲ୍‌ସିଲା ଜାରି ରହିଛି । ବର୍ତମାନ ମୁଁ ଜମାତ୍‌ର ଲିଟ୍‌ରେଚର୍‌କୁ ଅଧ୍ୟୟନ କରିବି ଓ ମୁଁ ଆଶା କରୁଛି କି ମୋତେ ଆତ୍ମସନ୍ତୋଷ ଲାଭ ହେବ ।

ପୁଣା ବିଶପ୍ ସାହେବ୍ ନିଜର ଭାବନାକୁ ବ୍ୟକ୍ତି କରି କହିଲେ କି ଏ ଜଲ୍‌ସାକୁ ଦେଖି ମୁଁ ବହୁତ ପ୍ରଭାବିତ ହୋଇଛି । ସେହି ନୀଳ ପରିଧାନ ଗ୍ରହଣ କରିଥିବା ବ୍ୟକ୍ତିଜଣକ ବିଶପ୍ ସାହେବ୍ ଥିଲେ ।

ହଙ୍ଗେରୀରୁ ଜଣେ ପ୍ରୋଟେଷ୍ଟାଂଟ୍ ଚର୍ଚ୍ଚର ପାଦ୍ରୀ ଏ ଜଲ୍‌ସାରେ ଆସି ଯୋଗ ଦେଇଥିଲେ । ସେ ଧର୍ମ କାର୍ଯ୍ୟ ଗୁଡିକ ବ୍ୟତୀତ ଉନ୍ନତି ମୁଳକ କାର୍ଯ୍ୟରେ ମଧ୍ୟ ବହୁତ ଆକ୍ଟିଭ୍ ଅଛନ୍ତି । ସେ କହୁଛନ୍ତି କି ମୁଁ ତ ହେଉଛି ଜଣେ ଇସାଇ, କିନ୍ତୁ ଆପଣମାନଙ୍କ ଜଲ୍‌ସାରେ ଯୋଗ ଦେବା ଯୋଗୁଁ ମୋତେ ଇମାନ୍‌ର ସତେଜତା ମିଳୁଛି ଓ ମୁଁ ସତେଜ୍ ହୋଇ ସେଠାରୁ ଫେରୁଛି । ଏହି ଚାର୍ଜିଂ (Charging) ସମସ୍ତ କାର୍ଯ୍ୟରେ ମୋତେ ସାହାଯ୍ୟ କରୁଛି । ମୁଁ ପୂର୍ବରୁ ମଧ୍ୟ ଆସିସାରିଛି । ସେ କହୁଛନ୍ତି କି ଏଠାରୁ ଚାର୍ଜ୍ ହୋଇକରି ଯାଉଛି । ପୁଣି ବର୍ଷ ତମାମ୍ ଏହା ମୋତେ ସାହାଯ୍ୟ କରୁଛି । ମୁରବୀ ସାହେବ୍ କହୁଛନ୍ତି କି ସେହି ପାଦ୍ରୀଙ୍କ ଯୋଗୁ ନାଁ କେବଳ ତାଙ୍କ ଗାଁରେ ବରଂ ତାଙ୍କର ସମସ୍ତ ସାଙ୍ଗସାଥି ଗହଣରେ ଚିହ୍ନା ପରିଚିତ ହୋଇଛି ଏବଂ ଜମାତ୍‌ର ବାର୍ତାକୁ ତାଙ୍କ ଜରିଆରେ ପହଂଚାଇବା ପାଇଁ ନୁଆ ନୁଆ ମାର୍ଗ ଖୋଲୁଛି ।

ହଙ୍ଗେରୀରୁ ଜଣେ ସାହେବ୍ ଆସିଥିଲେ, ଯାହାଙ୍କ ନାମ ହେଉଛି ଓ୍ୱାର୍‌ଗା (Varga) ସାହେବ୍ । ସେ ରିଫ୍ୟୁଜି କ୍ୟାମ୍ପ୍‌ର ଦଫ୍‌ତର୍‌ରେ କାର୍ଯ୍ୟ କରୁଛନ୍ତି । ସେ କହୁଛନ୍ତି କି ଏହି ଜଲ୍‌ସା ଏପରି ଏକ ଅବସର ଯେପରି ମନୁଷ୍ୟ କୌଣସି ମହାନ୍ ବସ୍ତୁକୁ ଦେଖିବା ବେଳେ ଆଶ୍ଚର୍ଯ୍ୟର ସହିତ ଭିତରୁ ଥରି ଉଠିଥାଏ, ବିଲ୍‌କୁଲ୍ ସେହିପରି ଯେତେବେଳେ ଆପଣମାନେ ନାରା ଲଗାଉଥିଲେ, ଏପରି ଲାଗୁଥିଲା କି ବର୍ତମାନ ଇମାମ୍ ନିର୍ଦ୍ଦେଶ ଦେବେ ଓ ଆପଣମାନେ ଲବ୍‌ବେକ୍ କହି କିଛି କରିଦେବେ । ଯେପରିକି ଆପଣମାନେ ତାଙ୍କ ହୁକୁମ୍‌ର ଅପେକ୍ଷାରେ ବସିଛନ୍ତି । ପ୍ରାରମ୍ଭରେ ତ ମୋତେ ବହୁତ ଭୟ ଅନୁଭବ ହେଉଥିଲା । ହଙ୍ଗେରୀରେ ଏପରି ସମାବେଶ ତ ଦୂରର କଥା, ଯଦି ୧୦୦ଜଣ ଏକାଠି ହୋଇଯିବେ ତେବେ ଘଂଟାଏ ମଧ୍ୟରେ ଲଢ଼ାଇ ଝଗଡ଼ା ହୋଇଯାଉଛି କିନ୍ତୁ ଏଠାରେ ହଜାର ହଜାର ଲୋକେ ଏପରି ଶାନ୍ତିପୁର୍ଣ୍ଣ ସମାବେଶରେ ବସିଥିଲେ ଯାହା ମୁଁ ପୂର୍ବରୁ କେବେ ଦେଖିନାହିଁ ।

ହଙ୍ଗେରୀରୁ ଗୋଟିଏ ରିଫ୍ୟୁଜି କ୍ୟାମ୍ପ୍‌ର ଆର୍ଥିକ ଅବସ୍ଥାକୁ ନିରୀକ୍ଷଣ କରିଥିବା ଜଣେ ମହିଳା ଏଲୋନା (Illona) ସାହିବା କହୁଛନ୍ତି କି ସେ ଜଲ୍‌ସାର ବ୍ୟବସ୍ଥା ଗୁଡିକ ଦେଖିବା ପରେ ପ୍ରଶ୍ନ କଲେ କି ଜଲ୍‌ସାରେ ଏତେ ମାତ୍ରାରେ ଖର୍ଚ୍ଚ କିପରି ବହନ କରାଯାଉଛି ? ତାଙ୍କୁ ଜମାତ୍‌ର ଖିଦ୍‌ମତ୍ (ସେବା) ଚାନ୍ଦାର ବ୍ୟବସ୍ଥା ବିଷୟରେ ବତାଗଲା । ଏଥିରେ ସେ ବହୁତ ଆଶ୍ଚର୍ଯ୍ୟ ହେଲେ । ପୁଣି କହୁଛନ୍ତି କି ଜଲ୍‌ସା ହେଉଛି ଗୋଟିଏ ଏପରି ଉତ୍ସବ, ଯାହା ମନୁଷ୍ୟର ଅନ୍ତରକୁ ଧୋଇ ହାଲ୍‌କା କରିଦିଏ । (ହଜୁର୍ ଅନୁଓ୍ୱର୍ କହୁଛନ୍ତି) ଇଏ ଅହେମଦୀ ନୁହଁନ୍ତି, ମୁସଲ୍‌ମାନ୍ ନୁହଁନ୍ତି କିନ୍ତୁ କହୁଛନ୍ତି ଯେ ଏହି ଜଲ୍‌ସାରେ ସାମିଲ୍ ହେବା ପରେ ଏପରି ଲାଗୁଛି ଯେପରି ମଣିଷର ଅନ୍ତର ଧୋଇହୋଇ ବହୁତ ହାଲ୍‌କା ହୋଇଯାଉଛି ।

ଯେପରି ଆରମ୍ଭରେ ପିଲାମାନଙ୍କୁ ଗାଧୋଇବାକୁ ଭୟ ଲାଗେ କିନ୍ତୁ ତା ପାଇଁ ଏହା ବହୁତ ଜରୁରୀ ହୋଇଥାଏ । ସେହିପରି ଅବସ୍ଥା ମଣିଷର ଜଲ୍‌ସାକୁ ଦେଖି ହୋଇଥାଏ । ତେଣୁ ମୁଁ ଯେପରି କରିସାରିଛି କି ଏ ଜଲ୍‌ସା ଅନ୍ୟମାନଙ୍କ ଉପରେ ମଧ୍ୟ ବହୁତ ବଡ ପ୍ରଭାବ ପକାଉଛି ।

ହଙ୍ଗେରୀର ପ୍ରତିନିଧି ମଣ୍ଡଳରେ ୟମନ୍ ଦେଶ ସହିତ ସମ୍ପର୍କ ରଖିଥିବା ଜଣେ ମେଡିକାଲ୍ ଡାକ୍ତର ୱଫା ସାହିବା ଥିଲେ । ଜଲ୍‌ସାରେ ସାମିଲ୍ ହେବା ଯୋଗୁଁ ବହୁତ ଉତ୍ସାହିତ ଥିଲେ । ଦ୍ୱିତୀୟ ଦିନ ଜଲ୍‌ସାରେ ଲଜ୍‌ନାଙ୍କ ନିମନ୍ତେ ମୋର ଯେଉଁ ଅଭିଭାଷଣ ଥିଲା ସେ ତାକୁ ମହିଳାମାନଙ୍କ ନିମନ୍ତେ ଥିବା ଟେଂଟ୍ ଭିତରେ ରହି ଶୁଣିଛନ୍ତି । ତା ପରେ ପୁରୁଷ ଜଲ୍‌ସାଗାଃରେ ଅତିଥିମାନଙ୍କ ନିମନ୍ତେ ମୋର ଯେଉଁ ଅଭିଭାଷଣ ଥିଲା ସେଠାରେ ଆସି ମଧ୍ୟ ସେ ଭାଷଣ ଶୁଣିଲେ କିନ୍ତୁ କିଛି ସମୟ ପରେ ସେ କହିଲେ- ଲଜନାଙ୍କ ଟେଂଟ୍ ଭିତରେ ମୁଁ ବହୁତ ଖୁସିରେ ଥିଲି । ତେଣୁ ମୋତେ ଲଜ୍‌ନାଙ୍କ ଟେଂଟ୍ ଭିତରେ ଛାଡିବାର ବ୍ୟବସ୍ଥା କରାଯାଉ । ଜାମିଆ ପରିଦର୍ଶନ ସମୟରେ ବହୁତ ଆଗ୍ରହର ସହିତ ଲାଇବ୍ରେରୀକୁ ଦେଖିଲେ । ଇସ୍‌ଲାମୀୟ ପୁସ୍ତକ ଗୁଡିକୁ ଦେଖିଲେ । ବାହାରକୁ ଆସି କହିଲେ ପ୍ରତ୍ୟେକ ଆୟତ ଗୁଡିକ ସଠିକ୍ ସ୍ଥାନରେ ରହିଛି । ତତ୍‌ସହିତ ଜାମିଆର ଅଟ୍ଟାଳିକାରେ ଲେଖାଯାଇଥିବା ଆୟତ ପ୍ରତି ଇସାରା କରି କହିଲେ କି ଏ ଦେଖନ୍ତୁ ଏହା କିପରି ସଠିକ୍ ସ୍ଥାନରେ ଲେଖାଯାଇଛି । ସେହି ଆୟତଟି ଏପରି ଥିଲା – *ୱ ଅଶ୍‌ରକତିଲ୍ ଅର୍‌ଜୁ ବେନୁରି ରବ୍‌ବିହା*

ପୁଣି ମକ୍‌ଦୁନିଆର ୱଫଦ୍ । ଜର୍ମାନୀ ଜଲ୍‌ସାସାଲାନାରେ ମକ୍‌ଦୁନିଆରୁ ୮୩ଜଣ ବିଶିଷ୍ଟ ପ୍ରତିନିଧି ମଣ୍ଡଳ ସାମିଲ୍ ହୋଇଥିଲେ । ୫୦ଜଣ ଗୋଟିଏ ବସ୍ ଜରିଆରେ ୨୦୦୦କି.ମି ଯାତ୍ରା ୩୪ ଘଂଟା ସମୟରେ ଅତିକ୍ରମ କରି ଏଠାରେ ଆସି ପହଂଚିଥିଲେ । ଯେବେ କି ଅନ୍ୟ ସଦସ୍ୟମାନେ ଆଉକିଛି ମାଧ୍ୟମ ଦ୍ୱାରା ଏଠାରେ ଆସି ପହଂଚିଥିଲେ । ସେମାନଙ୍କ ମଧ୍ୟରୁ ୨୧ଜଣ ଅହେମଦୀ ଥିଲେ, ୨୯ଜଣ ଗଏର୍ ଅହେମଦୀ ମୁସଲ୍‌ମାନ୍ ଥିଲେ । ୧୪ଜଣ ଇସାଇ ଥିଲେ । ଏହି ଅତିଥିମାନଙ୍କ ମଧ୍ୟରେ ଜଣେ ବଡ ସହରର ମେୟର୍ ମଧ୍ୟ ଥିଲେ । ଚାରିଗୋଟି ଟି.ଭି ଚ୍ୟାନେଲ୍‌ର ଛଅଜଣ ସାମ୍ବାଦିକ ମଧ୍ୟ ଥିଲେ । ସେମାନେ ଏହି ତିନିଦିନ ଜଲ୍‌ସାରେ ଜଲ୍‌ସାର ଦୃଶ୍ୟଗୁଡିକ ରେକର୍ଡିଂ କଲେ । ବିଭିନ୍ନ ଅତିଥିମାନଙ୍କ ଇଂଟରଭ୍ୟୁ ନେଲେ ଓ ସେମାନେ କହିଲେ ନିଜ ନିଜ ଟେଲିଭିଜନ୍ ପାଇଁ ସେମାନେ ଏ ବିଷୟରେ ଡକ୍ୟୁମେଂଟାରୀ ପ୍ରସ୍ତୁତ କରିବେ । ଜଲ୍‌ସାରେ ତିନିଜଣ ମୁସଲ୍‌ମାନ୍ ପ୍ରଫେସର୍ ମଧ୍ୟ ସାମିଲ୍ ହୋଇଥିଲେ । ସେମାନେ ଆପୋଷରେ ସାଙ୍ଗ ଥିଲେ । ସେମାନଙ୍କ ଭିତରୁ ଜଣେ ଆଇ.ଟି ବିଭାଗର ପ୍ରଫେସର୍ ଥିଲେ ଯାହାଙ୍କ ନାମ ହେଉଛି ଜିଲାଦିନୀ (Djeladini) । ସେ କହୁଛନ୍ତି ମୁଁ ଜଲ୍‌ସାସାଲାନାର ବ୍ୟବସ୍ଥାପକଙ୍କ ଏବଂ ମକ୍‌ଦୁନିୟାରେ ରହୁଥିବା ଅହେମଦୀ ସଦସ୍ୟମାନଙ୍କର କୃତଜ୍ଞତା ଜ୍ଞାପନ କରୁଛି, ଯାହାଙ୍କ ନିମନ୍ତ୍ରଣରେ ମୁଁ ଏହି ଜଲ୍‌ସାରେ ସାମିଲ୍ ହେଲି । ଏ ସ୍ଥାନରେ ପ୍ରକୃତ ଇସ୍‌ଲାମୀୟ ଶିକ୍ଷାର ପରିପ୍ରକାଶ ହେଉଅଛି । ଯଦିଚ ଏହା ପୂର୍ବରୁ ମୁଁ ଜମାତ୍ ଅହେମଦୀୟା ଓ ତା ଖଲିଫାଙ୍କ ସମ୍ବନ୍ଧରେ ପଢ଼ିଥିଲି ଓ ଶୁଣିଥିଲି ଏବଂ ଜମାତ୍ ବିରୋଧରେ ମଧ୍ୟ ଅନେକ କଥା ଶୁଣିଥିଲି କିନ୍ତୁ ଏଠାକୁ ଆସି ସେହି ସମସ୍ତ କଥାର ଉତର ମିଳିଗଲା । ମୋ ଜମାତ୍‌ର ଖଲିଫାଙ୍କ ଦେଖିଲି, ତାଙ୍କ କଥା ଶୁଣିଲି, ତାଙ୍କଠାରୁ ବହୁତ ଜ୍ଞାନ ମଧ୍ୟ ହାସଲ କଲି । ଯେଉଁ କଥାଗୁଡିକ ଜମାତ୍‌ର ଖଲିଫା ବର୍ଣ୍ଣନା କରିଛନ୍ତି ସେଥିରୁ ମୁଁ ବହୁତ ପ୍ରଭାବିତ ହୋଇଛି । ପୁଣି କହୁଛନ୍ତି କି ଖଲିଫାଙ୍କ କଥା ଶୁଣି ମୋ ଠାରେ ଏ ବିଶ୍ୱାସ ଜନ୍ମିଛି କି ସମଗ୍ର ସଂସାରର ଲୋକେ ଏହି ବାର୍ତା ଓ ଏହି ମାର୍ଗକୁ ଆପଣାଇନେବେ ଯାହା ଅଲ୍ଲାଃ ମହିୟାନ୍‌ଙ୍କ ତରଫରୁ ଆରମ୍ଭ ହୋଇଅଛି । ମୋ ତରଫରୁ ଆପଣଙ୍କୁ ସଲାମ୍ ଏବଂ ଶାନ୍ତି ମିଳୁ ।

ଲିଥୁଆନିୟାରୁ ୫୦ଜଣ ବିଶିଷ୍ଟ ପ୍ରତିନିଧ ମଣ୍ଡଳ ଜଲ୍‌ସାରେ ସାମିଲ୍ ହୋଇଥିଲା । ସେଥିରେ ୪୦ଜଣ ଅଣ ଜମାତୀୟ ବନ୍ଧୁ ଥିଲେ ଓ ଦଶଜଣ ଅହେମଦୀ ଥିଲେ । ତାଙ୍କ ମଧ୍ୟରୁ ଜଣେ ମହିଳା କହୁଛନ୍ତି କି ଜଲ୍‌ସା ସମୟରେ ଏପରି ଅନୁଭବ ହେଉଥିଲା ଯେପରି ମୁଁ ଜମାତ୍‌ର ହେଉଛି ଜଣେ ଅଂଶବିଶେଷ । ଏ ଜଲ୍‌ସା ଆମକୁ ସମାନତା, ପ୍ରେମ ଓ ଭଲପାଇବା ଏବଂ ଅନ୍ୟମାନଙ୍କ ସେବା କରିବାର ଶିକ୍ଷା ଦେଉଅଛି, ଯାହାର କାର୍ଯ୍ୟ ନମୁନା ଏହି ଜଲ୍‌ସାରେ ଆମେ ଦେଖିପାରିଲୁ ।

ଲିଥୁଆନିଆର ଆଉଜଣେ ବନ୍ଧୁ ଜେରୁନିମାସ୍ (Jaronimas) ସାହେବ୍ କହୁଛନ୍ତି-ମୁଁ ହେଉଛି ଜଣେ ଲେଖକ । ତେଣୁ ଏଠାକୁ ଇସ୍‌ଲାମ୍ ସମ୍ବନ୍ଧରେ ଶିଖିବା ପାଇଁ ଆସିଛି । ଇଶ୍ୱରଙ୍କ ଏକେଶ୍ୱରବାଦ ବିଷୟରେ ଶିକ୍ଷାକୁ ଯେଉଁ ଶୈଳୀରେ ଖଲିଫା ବର୍ଣ୍ଣନା କଲେ ତାହା ମୋ ଉପରେ ବହୁତ ପ୍ରଭାବ ପକାଇଛି । ପୁଣି କହୁଛନ୍ତି କି ଖଲିଫା କହିଲେ କେବଳ ଇବାଦତ୍ (ଉପାସନା) ହିଁ ନ କରାଯାଉ ବରଂ ଇଶ୍ୱରଙ୍କୁ ଖୁସି କରାଇବାର ଉଦ୍ଦେଶ୍ୟ ହେବା ଉଚିତ୍ । ଏକଥା ମୋ ମନ ଜିଣିନେଲା । ମୁଁ ଏଠାରୁ ଫେରିଯାଇ ଜମାତ୍ ସମ୍ବନ୍ଧରେ ଖବରକାଗଜ ଗୁଡିକରେ ଆର୍ଟିକିଲ୍ ଲେଖିବି ଏବଂ ନିଜ ମାଗାଜିନ୍‌ର ଗୋଟିଏ ସମ୍ପୂର୍ଣ୍ଣ ଅଙ୍କ କେବଳ ଏହି ଜମାତ୍ ସମ୍ବନ୍ଧରେ ଛପାଇ ପ୍ରକାଶ କରିବି । ମୁଁ ଏକଥା ଭଲଭାବେ ଆକଳି କରିସାରିଛି ଏପରି କରିବା ଦ୍ୱାରା ମୋତେ ବିରୋଧର ସମ୍ମୁଖୀନ ହେବାକୁ ପଡ଼ିବ କିନ୍ତୁ ମୁଁ ସତ୍ୟ ସାଥିରେ ରହି ଏପରି କରିବାକୁ ଚାହୁଁଛି । ମୋ ହୃଦୟ ଏଠାକୁ ଆସି ଅତ୍ୟଧିକ ଆନନ୍ଦିତ ଓ ସନ୍ତୋଷ ଲାଭ କରିଛି । ତେଣୁ ଆପଣ ସମସ୍ତଙ୍କ ପାଇଁ ଓ ଜମାତ୍ ପାଇଁ, ଶୁଭକାମନାର ପରିପ୍ରକାଶ କରୁଛି ।

ତଜାକିସ୍ତାନ୍‌ରୁ ଆସିଥିବା ଜଣେ ଅଣ ଅହେମଦୀ ସାହେବ ରହିମ୍ ସାହେବ୍ ଯିଏ ହେଉଛନ୍ତି ଜଣେ ରାଜନୈତିଜ୍ଞ, ସେ କହୁଛନ୍ତି ଏ ଜଲ୍‌ସାରେ ମୁଁ ପ୍ରଥମ ଥର ପାଇଁ ସାମିଲ୍ ହୋଇଛି ଓ ଏଠାରେ ଜମାତ୍ ଅହେମଦୀୟାକୁ ଅତି ନିକଟରେ ଦେଖିବା ପାଇଁ ଅବସର ମିଳିଲା । ସମସ୍ତ କାର୍‌କୁନ୍ ମାନଙ୍କର ଉତ୍ସାହ ମୋ ପାଇଁ ଗୋଟିଏ ଉଦାହରଣ ଥିଲା କି କିପରି ସେମାନେ ଦିନରାତି କାମ କରୁଛନ୍ତି । ଜମାତ୍ ଅହେମଦୀୟାର ଖଲିଫାଙ୍କ ସହିତ ସାକ୍ଷାତ୍ କରିବା ପରେ ମୋ ମନ ଭିତରେ ଉଙ୍କି ମାରୁଥିବା ସମସ୍ତ ପ୍ରଶ୍ନର ଉତର ମିଳିଗଲା ଓ ତାଙ୍କ ପାଖରେ ବସି ଏପରି ଲାଗୁଥିଲା ଯେପରି ବର୍ତମାନ ସମୟରେ ଏକତା ଏହି ଜମାତ୍ ନିକଟରେ ରହିଛି । ମୁସଲ୍‌ମାନ୍‌ମାନଙ୍କର ଆଜିକାଲି ଯେଉଁ ଅବସ୍ଥା ସେ ବିଷୟରେ ପଚାରିବାରୁ ଖଲିଫା ବହୁତ ଠୋସ୍ ଓ ସୁନ୍ଦର ଉତର ଦେଇ ମୋତେ ପ୍ରଭାବିତ କଲେ । ମୁଁ ଜାଣୁଛି କି ଜମାତ୍ ଅହେମଦୀୟା ଭବିଷ୍ୟତରେ ସମସ୍ତ ମୁସଲ୍‌ମାନ୍ ଉମ୍ମତ୍ ମାନଙ୍କୁ ଏକତ୍ରିତ କରିପାରିବ । ମୋତେ ଏ ଜମାତ୍ ବହୁତ ଗମ୍ଭୀର ଜଣାପଡୁଛି । ମୁଁ ଏହି ଜଲ୍‌ସା ଏବଂ ଖଲିଫାଙ୍କ ସହିତ ଯେଉଁ ସୁନ୍ଦର ସାକ୍ଷାତ୍‌କାର୍ କରିଛି ତାହା ସବୁବେଳ ପାଇଁ ମନେ ରହିବ ।

ତଜାକିସ୍ତାନ୍‌ର ଗୋଟିଏ ୟୁନିଭରସିଟିର ଲେକ୍‌ଚର୍ କହୁଛନ୍ତି କି ମୁଁ ଜମାତ୍ ଅହେମଦୀୟାର ଜଲ୍‌ସା ଓ ବ୍ୟବସ୍ଥା ଗୁଡିକ ଦେଖି ବହୁତ ଆନନ୍ଦିତ । ଅତିଥିପରାୟଣତା ଓ ସାହାଯ୍ୟ ସହଯୋଗର ଏପରି ଦୃଷ୍ଟାନ୍ତ ମୁଁ ମୋ ଜୀବନରେ ପ୍ରଥମଥର ପାଇଁ ଦେଖିଲି । ଜମାତ୍ ଅହେମଦୀୟାକୁ ଏଠାରେ ବହୁତ ସ୍ୱାଧିନତା ମିଳିଛି ଓ ଖଲିଫାଙ୍କର ଲଜ୍‌ନା ନିମନ୍ତେ ଥିବା ଅଭିଭାଷଣରେ ବର୍ତମାନ ସମୟର ସମସ୍ତ ସମସ୍ୟା ଗୁଡିକର ପ୍ରକୃତ ସମାଧାନ ଥିଲା । କାଳେ ସାରା ସଂସାର ଏହା ଉପରେ ଅମଳ କରିପାରନ୍ତା କି । ଇମାମ୍ ଜମାତ୍‌ଙ୍କ ସହିତ ମୋତେ ସାକ୍ଷାତ୍ କରିବାର ମୌକା ମିଳିଲା । ତାଙ୍କର ସାମ୍ବାଦିକତା ଏବଂ ବର୍ତମାନ ସମୟର ସମସ୍ୟାଗୁଡିକ ଉପରେ ବହୁତ ଜ୍ଞାନ ଅଛି । ମୁଁ ସାକ୍ଷାତ୍ କରିବା ପୂର୍ବରୁ ଏକଥା ଭାବୁଥିଲି କି ଖଲିଫା କେବଳ ଜଣେ ଧାର୍ମିକ ବ୍ୟକ୍ତି ବୋଲି କିନ୍ତୁ ଯେବେ ମୁଁ କଥା ହେଲି ବହୁତ ଜ୍ଞାନ ତାଙ୍କଠାରୁ ମୋତେ ହାସଲ ହେଲା । ସେ ବିଲ୍‌କୁଲ୍ ଠିକ୍ କହିଛନ୍ତି କି ଏ ପୃଥିବୀରେ ମିଡିଆ ଫସାଦ୍ (ବିଭ୍ରାଟ) ପ୍ରସାର କରିବାରେ ସାମିଲ୍ ହୋଇଛି । ଯଦି ମିଡିଆ ଚାହିଁବେ ତେବେ ଶାନ୍ତି ପ୍ରସାର କରିବା ଦିଗରେ ନିଜର କର୍ତବ୍ୟ ସମ୍ପାଦନ କରିପାରିବ । ଜମାତ୍ ଅହେମଦୀୟା ଏବଂ ଇମାମ୍ ଜମାତ୍ ଅହେମଦୀୟାଙ୍କ ସହିତ ମୋର ଶୁଭକାମନା ରହିଛି ।

ସିନିଗାଲ୍‌ର ଗୋଟିଏ ବଡ ସହର ଅମ୍ବୁରର ମେୟର୍ ମଧ୍ୟ ଆସିଥିଲେ ଯିଏ ସିନିଗାଲ୍‌ର ଗୋଟିଏ ବଡ ଫିର୍‌କା 'ମୁରିଦ' ର ଖଲିଫାଙ୍କ ପ୍ରତିନିଧି ରୂପେ ଏ ଜଲ୍‌ସାରେ ସାମିଲ୍ ହୋଇଥିଲେ । ସେ ଷ୍ଟେଜ୍‌ରେ ମୋତେ ଗୋଟିଏ ଉପହାର ମଧ୍ୟ ଦେଇଥିଲେ । ସେ କହୁଛନ୍ତି କି ମୁଁ ଆମ ଖଲିଫାଙ୍କର ମଧ୍ୟ ବୟତ କରିଛି । କିନ୍ତୁ ଏଠାରେ ବୟତ କରିବାର ଯେଉଁ ଦୃଶ୍ୟ ମୁଁ ଦେଖିଲି ତାହା ମୋ ଜୀବନରେ କଦାପି ଦେଖିନାହିଁ । ସେ ଯେତେବେଳେ ଏକଥା କହୁଥିଲେ ବହୁତ ଭାବବିହ୍ୱଳ ହୋଇଗଲେ । ତାଙ୍କ ଆଖିରୁ ଅଶ୍ରୁ ବହିବାକୁ ଲାଗିଲା । ପୁଣି ସେ କହିଲେ-ଆମର ଜଣେ ମଧ୍ୟ ଖଲିଫା ଅଛନ୍ତି । କିନ୍ତୁ ଖିଲାଫତ୍ ସହିତ ଏତେ ମାତ୍ରାରେ ପ୍ରେମ ମୁଁ କଦାପି ଦେଖିନାହିଁ । ଏପରି ଦୃଶ୍ୟ ନା ପୂର୍ବରୁ କେବେ ଦେଖିଛି ନା ଖିଲାଫତ୍ ସହିତ ଏଭଳି ପ୍ରେମ କେବେ ଦେଖିଛି । ଆଜି ମୋତେ ଜଣାପଡ଼ିଗଲା କି କିପରି ସାହାବାମାନେ ଜୀବନ ଉତ୍ସର୍ଗ କରିଦେଉଥିଲେ । ଏଠାରେ ଲୋକମାନଙ୍କ ମନରେ ଯେଉଁ ଉତ୍ସାହ ଓ ପ୍ରେମ ମୁଁ ଦେଖିବାକୁ ପାଇଲି ମୋତେ ଏପରି ଲାଗିଲା କି ଯଦି ଖଲିଫା ଗୋଟିଏ ଇସାରା କରିବେ ତେବେ ଏପରି କୌଣସି ବ୍ୟକ୍ତି ନାହାଁନ୍ତି ଯିଏ କାମରୁ ପଛକୁ ଘୁଂଚିଯିବ । ଏତେ ମାତ୍ରାରେ ପ୍ରେମ ଓ ଆଜ୍ଞାବହତା ମୁଁ ଏଠାରେ ଦେଖିଲି । ପୁଣି କହୁଛନ୍ତି କି ଆମର ମଧ୍ୟ ତିନିଦିନିଆ ଜଲ୍‌ସା ହେଉଛି । ଯେତେବେଳେ ଆମର ଖଲିଫା ଆସୁଛନ୍ତି ସେତେବେଳେ କୌଣସି ବ୍ୟକ୍ତି ଚୁପ୍ ହୋଇ ବସିନଥାନ୍ତି । କିନ୍ତୁ ଖଲିଫା ଏଠାକୁ ଯେତେବେଳେ ଆସୁଛନ୍ତି ତ ସମସ୍ତେ ଚୁପ୍ ହୋଇ କେବଳ ଏବଂ କେବଳ ଖଲିଫାଙ୍କର କଥାକୁ ଶୁଣିବା ପାଇଁ ପ୍ରସ୍ତୁତ ହୋଇ ବସିଛନ୍ତି । ଏହା ନା ତ ମୁଁ କୌଣସି ସାଂସାରିକ ନେତା ଓ ନା କୌଣସି ଧାର୍ମିକ ନେତାକୁ ମାନୁଥିବା ଲୋକମାନଙ୍କ ନିକଟରେ କେବେ ଦେଖିଛି ।

ଜଲ୍‌ସାର ତୃତୀୟ ଦିନ ଯେଉଁ ବୟତ ଉତ୍ସବ ହୋଇଥିଲା ସେଠି ଯେଉଁ ନୂତନ ବୟତ କରିବା ୪୨ଜଣ ସଦସ୍ୟ ଥିଲେ ସେମାନେ ବୟତ କଲେ ଓ ସେମାନଙ୍କର ସମ୍ପର୍କ ୧୭ଟି ବିଭିନ୍ନ ଜାତି ସହିତ ଥିଲା ।

ଆଲ୍‌ବାନିଆରୁ ଆସିଥିବା ଜଣେ ବନ୍ଧୁ ବର୍କ୍ ସାହେବ୍ କହୁଛନ୍ତି ମୁଁ ଅହେମଦୀୟତ୍‌ର ଭୀଷଣ ବିରୋଧି ଥିଲି । ମୋ ଭାଇ ଓ ମୋର ସାଙ୍ଗ ଅହେମଦୀୟତ୍‌ରେ ଦାଖିଲ୍ ହୋଇସାରିଥିଲେ । ମୁଁ ଯଥାସମ୍ଭବ ଏ ଚେଷ୍ଟା କରୁଥିଲି କି ମୋ ଭାଇକୁ ଅହେମଦୀୟତ୍ ସହିତ ଘୃଣାଭାବ ସୃଷ୍ଟି ହୋଇଯାଉ । ପରିଶେଷରେ ଆମ ମଧ୍ୟରେ ଏହା ଧାର୍ଯ୍ୟପାଇଲା କି ଚାଲ ଆମେ ଦୁଇଜଣ ଦୁଆ କରିବା, ଯିଏ ସତ୍‌ପଥରେ ଥିବ ସେ ଜିତିଯିବ । ପୁଣି କହୁଛନ୍ତି ଅନବରତ ଦୁଆ କରିବା ପରେ ମୋ ମନର ଏହା ଚାହିଁଲା କି ସର୍ବପ୍ରଥମେ ଯାଇ ନିଜ ଆଖିରେ ଜଲ୍‌ସା ସାଲାନା ଓ ଖଲିଫାଙ୍କୁ ଦେଖିବି ଯଦ୍ୱାରା ଯାହାକିଛି ମୁଁ ନିଷ୍ପତି କରିବି ତାହା ଅସମ୍ପୂର୍ଣ୍ଣ ଜ୍ଞାନର ଆଧାରରେ ନହେଉ । ସୁତରାଂ ପଛବର୍ଷ ମୁଁ ଜଲ୍‌ସାରେ ସାମିଲ୍ ହୋଇଥିଲି । ଏଥିରେ ମୋତେ କିଛି ଆତ୍ମସନ୍ତୋଷ ଲାଭ ହୋଇଥିଲା କିନ୍ତୁ ପୁଣି କିଛିଟା ଶୋଷ ବାକି ରହିଥିଲା । ସୁତରାଂ ନିଷ୍ପତି ନେବାର ସମୟ ଆସିଗଲା । ଯେତେବେଳେ ଖଲିଫାଙ୍କ ଚେହେରା ଉପରେ ମୋର ଆଖି ପଡ଼ିଲା ସେତେବେଳେ ମୋର ସବୁ ପ୍ରକାରର ଘୃଣାଭାବ, ଶତୃଭାବ ଓ ବିଦ୍ୱେଷଭାବ ଏବଂ ସମସ୍ତ ପ୍ରକାରର ସନ୍ଦେହ ମନଭିତରୁ ବାହାରି ଚାଲିଗଲା । ବର୍ତମାନ ମୋ ପାଖରେ ସେ ସବୁର ସ୍ଥାନ ନଥିଲା । ତେଣୁ ଜଲ୍‌ସାରୁ ଫେରିଯାଇ ମୁଁ ବୟତ ଫର୍ମ୍ ପୂରଣ କରିଦେଲି । ଏଥରକ ମୁଁ ଆସିଛି ଓ ଏଠାରେ ବୟତ କରିବାର ସୌଭାଗ୍ୟ ପ୍ରାପ୍ତ କଲି । ପୁଣି ସେ କହୁଛନ୍ତି କି ଏହି ଅବଧିରେ ମୋତେ ଆଉଗୋଟିଏ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଲା କି ଯାହା ସହିତ ମୋର ନିର୍ବନ୍ଧ ହୋଇଥିଲା ସେ ଅହେମଦୀ ହେବାକୁ ଚାହୁଁନଥିଲା । ତେଣୁ ବହୁତ ଚେଷ୍ଟା କରି ତାଙ୍କୁ ମୋ ନିଜ ସହିତ ନେଇଆସିଛି । ଯେତେବେଳେ ସେ ଖଲିଫାଙ୍କର ଅଭିଭାଷଣ ଲଜ୍‌ନାଙ୍କ ନିମନ୍ତେ ଶୁଣିଲେ ସେହିକ୍ଷଣି ସେ ଅହେମଦୀ ହେବାର ନିଷ୍ପତି କରିନେଲେ । ସେ କହିଲେ ଯେଉଁ ଜମାତ୍ ନିକଟରେ ଏଭଳି ସ୍ନେହି ଓ ଭଲ ପାଉଥିବା ଖଲିଫା ଅଛନ୍ତି ଏବଂ ସେହି ଜଣଙ୍କ ଠାରୁ ସମସ୍ତ ବର୍‌କତ୍ ପ୍ରାପ୍ତ ହେଉଛି ଏପରି ଅନ୍ୟ କୌଣସି ମୁସଲ୍‌ମାନଙ୍କ ନିକଟରେ ନାହିଁ । ଏବେ ଆମେ ଖୁବ୍ ଶିଘ୍ର ଅହେମଦୀ ରୂପେ ବିବାହ କରିବୁ ।

ଜଲ୍‌ସାସାଲାନା ଜର୍ମାନୀର ମିଡିଆ କଭ୍‌ରେଜ୍‌ର ରିପୋର୍ଟ୍ ଏପରି । ଇଂଟର୍‌ନ୍ୟାସ୍‌ନାଲ୍ ମିଡିଆରେ ଏପରି ରାଇଟର୍‌ସ୍ ୱାର୍ଲଡ୍, ୟୁରୋପିଆନ୍ ନ୍ୟୁଜ୍ ଏଜେନ୍‌ସି, ମେସିଡୋନିଆ ଟି.ଭିର ତିନିଜଣ ଜର୍ନାଲିଷ୍ଟ, ଲିଥୁଆନିଆ, ଇସ୍‌ରାଇଲ୍ ଏବଂ କିଛି ଅନ୍‌ଲାଇନ୍ ଖବରକାଗଜର ପ୍ରତିନିଧି ଏଥିରେ ସାମିଲ୍ ହୋଇଥିଲେ । ଜାତୀୟ ସ୍ତରରେ ଜର୍ମାନୀର ଚାରିଗୋଟି ଟି.ଭି ଷ୍ଟେସନ୍ ଓ ଦୁଇଗୋଟି ପ୍ରିଂଟ୍ ମିଡିଆ ଓ ଜଣେ ରେଡିଓ ପ୍ରତିନିଧି ଉପସ୍ଥିତ ଥିଲେ । ଏତଦ୍‌ଭିନ୍ନ ନ୍ୟାସ୍‌ନାଲ୍ ନ୍ୟୁଜ୍ ଏଜେନ୍‌ସିର ପ୍ରତିନିଧି ମଧ୍ୟ ସାମିଲ୍ ହୋଇଥିଲେ । ସ୍ଥାନୀୟ ସ୍ତରରେ ଦୁଇଗୋଟି ଟି.ଭି ଚ୍ୟାନେଲ୍, ଦୁଇଗୋଟି ରେଡିଓ ଷ୍ଟେସନ୍, ଦୁଇଗୋଟି ପ୍ରିଂଟ୍ ମିଡିଆ ଏବଂ ଗୋଟିଏ ଖବରକାଗଜର ପ୍ରତିନିଧି ମଧ୍ୟ ସାମିଲ୍ ହୋଇଥିଲେ । ମୋଟାମୋଟି ଭାବେ ଜର୍ମାନୀର ଜଲ୍‌ସାସାଲାନାର ଏହି ତିନିଦିନକୁ କଭ୍‌ରେଜ୍ ଦିଆଗଲା । ରିପୋର୍ଟ୍ ମୁତାବକ ଚାରୋଟି ଟି.ଭି ଚ୍ୟାନେଲ୍, ଦୁଇଟି ରେଡିଓ ଚ୍ୟାନେଲ୍ ଓ ୪୬ଟି ଖବରକାଗଜ ଏବଂ ଅନ୍ୟାନ୍ୟ ମିଡିଆ ମାଧ୍ୟମରେ ୬କୋଟି ୨୮ ଲକ୍ଷ ୫୭ ହଜାର ଲୋକଙ୍କ ନିକଟରେ ବାର୍ତା ପହଂଚିଲା । ଏତଦ୍‌ବ୍ୟତୀତ ଆହୁରି ମଧ୍ୟ ଆର୍ଟିକିଲ୍ ପ୍ରକାଶ ହେଉଅଛି ।

ଜଲ୍‌ସାସାଲାନା ବେଲ୍‌ଜିୟମ୍‌ର ମିଡିଆ କଭ୍‌ରେଜ୍ । ଏଠାରେ ମଧ୍ୟ କିଛି ମନୋଭାବ ବ୍ୟକ୍ତ ଥିଲା ଯାହା ସଠିକ୍ ରୂପେ ବର୍ତମାନ ସୁଧା ଏକାଠି କରାଯାଇପାରିନାହିଁ । ପରେ ମାଜିଦ୍ ସାହେବ୍‌ଙ୍କ

ରିପୋର୍ଟ୍‌ରେ ସେ ସବୁ ଆସିଯିବ କିନ୍ତୁ ସେ ଯାହା ହେଉ ଯେଉଁ ସବୁ ମିଡିଆ କଭ୍‌ରେଜ୍ ଥିଲା ସେଗୁଡିକ ହେଉଛି ବେଲ୍‌ଜିୟମ୍ ଟି.ଭି ଚ୍ୟାନେଲ୍ ଏବଂ ତିନୋଟି ଖବରକାଗଜରେ ଖବର ପ୍ରସାରଣ କରାଗଲା । ଯଦ୍ୱାରା ଦୁଇ ମିଲିୟନ୍ ଲୋକମାନଙ୍କ ନିକଟରେ ବାର୍ତା ପହଂଚିଲା । ବେଲ୍‌ଜିୟମ୍ ଟି.ଭି ଏବଂ ଖବରକାଗଜ ଗୁଡିକରେ ଜଲ୍‌ସା ପ୍ରସଙ୍ଗରେ ଖବର ପ୍ରସାରଣ ହେଲା । ଦିଲ୍‌ବେକ୍ ଯେଉଁଠି ଜଲ୍‌ସା ଅନୁଷ୍ଠିତ ହେଉଥିଲା ତାହା ଛୋଟ ତ ନୁହଁ ଗୋଟିଏ ମଧ୍ୟମ ଧରଣର କସ୍‌ବା ଥିଲା । ୪୬ହଜାର୍ ଲୋକ ସେଠିକାର ଲୋକସଂଖ୍ୟା । ଏବେ ତ ତାହା ଗୋଟିଏ ସହର ହୋଇଗଲାଣି । ବିଗତ ୧୦-୧୨ ବର୍ଷ ମଧ୍ୟରେ ବହୁତ ବଢ଼ିଗଲାଣି । କିଛି ଲୋକେ ଫୋନ୍ କରି ଆଶ୍ଚର୍ଯ୍ୟ ପ୍ରକାଶ କଲେ କି ଦିଲ୍‌ବେକ୍‌ଠାରେ ୪ହଜାର ମୁସଲ୍‌ମାନ୍ ଏକାଠି ହୋଇଗଲେ ଓ ଆମେ କିଛି ଜାଣିପାରିଲୁ ନାହିଁ । ସେମାନଙ୍କ ନିକଟରେ ୪ହଜାର୍ ମୁସଲ୍‌ମାନ୍ ଯେଉଁଠି ଏକାଠି ହୋଇଯାଆନ୍ତି ସେଠାରେ ନିଶ୍ଚିତ ରୂପେ କିଛି ବିଭ୍ରାଟ ଉପୁଜିବା କଥା ବା ହଙ୍ଗାମା ଉପୁଜିବାର କଥା କିନ୍ତୁ କହୁଛନ୍ତି କି ୪ହଜାର ମୁସଲ୍‌ମାନ୍ ଏକାଠି ହୋଇଯିବା ସତ୍ତ୍ୱେ ଆମକୁ କିଛି ଜଣାପଡ଼ିଲା ନାହିଁ । ଏହି ଇଜ୍‌ତିମା ଦ୍ୱାରା କୌଣସି ପ୍ରକାରର ଅସୁବିଧା ବା କୋଳାହଳ ଦେଖିବାକୁ ମିଳିଲା ନାହିଁ ।

ପୁଣି ଏମ୍.ଟି.ଏ ଆଫ୍ରିକା ମାଧ୍ୟମରେ ଆଫ୍ରିକାର ବିଭିନ୍ନ ଦେଶଗୁଡିକରେ ଏମ୍.ଟି.ଏ ଚ୍ୟାନେଲ୍‌ରେ ପ୍ରୋଗ୍ରାମ୍ ପ୍ରସାରଣ କରାଗଲା । ରିଭ୍ୟୁ ଅଫ୍ ରିଲିଜିଅନ୍‌ସ୍ ଗୋଟିଏ ନୁଆ ପ୍ରୋଗ୍ରାମ୍ ଅନ୍‌ଲାଇନ୍‌ରେ ଆରମ୍ଭ କରିଛି । ତା ମାଧ୍ୟମରେ ପାଖାପାଖି ୨ ମିଲିୟନ୍ (୧.୯୮ମିଲିୟନ୍) ଲୋକମାନଙ୍କ ନିକଟରେ ଜଲ୍‌ସାର କାର୍ଯ୍ୟକ୍ରମ ଗୁଡିକ ପହଂଚିଲା । ଲୋକମାନଙ୍କର ଅନେକ ମନୋଭାବ ରହିଛି । ଖବରକାଗଜ ଓ ମିଡିଆରେ ପ୍ରସାରଣ ହୋଇଥିବା ଖବରର ବ୍ୟାଖ୍ୟା ମଧ୍ୟ ଏପରି ରହିଛି ଯଦ୍ୱାରା ଇସ୍‌ଲାମ୍‌ର ପ୍ରକୃତ ସ୍ୱରୂପ ସଂସାର ସମ୍ମୁଖରେ ଉପସ୍ଥାପନ ହେଉଛି ଓ ସଂସାରବାସୀଙ୍କୁ ଜଣାପଡୁଛି । ଅଲ୍ଲାଃତାଲା ଏହି ଜଲ୍‌ସାର ପୁଣ୍ୟ ପ୍ରଭାବ ପ୍ରତିଷ୍ଠା କରିଚାଲନ୍ତୁ ।

ନମାଜ ପାଠ ପରେ ମୁଁ କିଛି ଯନାଜାଃ ଗାଏବ୍ ପଢ଼ାଇବି । ପ୍ରଥମ ଯନାଜାଃ ହେଉଛି ସୈୟଦ୍ ହସନାତ୍ ଅହେମଦ୍ ସାହେବ୍ (କାନାଡା)ଙ୍କର । ୨୭ ଅଗଷ୍ଟ ଦିନ ୯୨ବର୍ଷ ବୟସରେ ତାଙ୍କର ଦେହାନ୍ତ ହେଲା । *ଇନ୍ନା ଲିଲ୍ଲାହେ ୱ ଇନ୍ନା ଇଲୈହେ ରାଜେଉନ୍* । ସେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ସାହାବୀ ହଜ୍‌ରତ୍ ଡାଃ ସୟଦ୍ ଶଫି ଅହେମଦ୍ ସାହେବ୍ ମୋହକିକ୍ ଦେହଲ୍‌ୱି ଏବଂ ସୟଦା କୁରୈଶା ତାହିର୍ ସାହିବା ଅଲ୍‌ମାରୁଫ୍ ବେଗମ୍ ଶଫି ସାହେବ୍‌ଙ୍କ ସୁପୁତ୍ର ଥିଲେ । ସିଲ୍‌ସିଲାର ଦରଦ ରଖୁଥିବା ଜଣେ ଅତ୍ୟନ୍ତ ନିଷ୍ଠାବାନ୍ ବ୍ୟକ୍ତି ଥିଲେ । ମରହୁମ୍ ମୁସି ଥିଲେ । ୭୦ ଦଶକରେ ଯେଉଁ ଲୋକମାନେ କାନାଡା ଆସିଥିଲେ ଆପଣ ସେହି ପ୍ରାରମ୍ଭିତ ଲୋକମାନଙ୍କ ମଧ୍ୟରୁ ଥିଲେ । ସେ କାନାଡା ମିଡିଆରେ, ସଂଘିୟ ସ୍ତରରେ, ପ୍ରାଦେଶିକ ଏବଂ ସ୍ଥାନୀୟ ସ୍ତରରେ ଜମାତ୍‌କୁ ପରିଚୟ କରାଇଛନ୍ତି । ପାକିସ୍ତାନ୍‌ରେ ଅହେମଦୀମାନଙ୍କ ଉପରେ ଯେଉଁ ଅତ୍ୟାଚାରୀମାନେ ଅତ୍ୟାଚାର କରୁଛନ୍ତି ତାଙ୍କ ବିରୋଧରେ ସ୍ୱର ଉତୋଳନ କରିଛନ୍ତି ଓ ସମସ୍ତ ସଂଖ୍ୟାଲଘୁ ସମ୍ପ୍ରଦାୟର ଅଧିକାର ପାଇଁ ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ଲଢ଼ିଛନ୍ତି । ସେ ହ୍ୟୁମାନ୍ ରାଇଟସ୍ ଆଣ୍ଡ୍ ରେସ୍ ରିଲେସନ୍ ସେଂଟର୍‌ର ପ୍ରତିଷ୍ଠାତା ଥିଲେ । ନିଉ କାନାଡା ଖବରକାଗଜର ପବ୍ଲିସର୍ ଏବଂ ଚିଫ୍ ଏଡ଼ିଟର୍ ଥିଲେ । ଅନେକ ପୁସ୍ତକର ରଚୟିତା ଥିଲେ । ୧୯୮୨ ମସିହାରେ ସେ କାନାଡିଆନ୍ ଟି.ଭି ରାଜର୍ଜ୍ ଚ୍ୟାନେଲ୍‌ରେ ବିନା ପାରିଶ୍ରମିକ ନେଇ ଜମାତ୍‌ର ପ୍ରୋଗ୍ରାମ୍ ଉପସ୍ଥାପନ କରିବାର ସିଲ୍‌ସିଲା ଆରମ୍ଭ କରିଥିଲେ ଓ ସାରା ପୃଥିବୀରେ ସର୍ବପ୍ରଥମେ ୧୨ଡିସେମ୍ବର୍ ୧୯୮୨ ଦିନ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଓ ଖଲିଫାମାନଙ୍କର ଫଟୋ ଏବଂ ଇସ୍‌ଲାମୋ ଅହେମଦୀୟତ୍‌ର ପ୍ରୋଗ୍ରାମ୍ କାନାଡିଆନ୍ ଟି.ଭିରେ ଉପସ୍ଥାପନ କରିବାର ସୌଭାଗ୍ୟ ପାଇଛନ୍ତି । ୧୯୮୫-୮୬ ରେ ଅହେମଦୀୟା ଗେଜେଟ୍ କାନାଡାର ଏଡିଟର୍ ରହିଛନ୍ତି । ମାନବିକ ଅଧିକାରର ସେବା କରିବା ଯୋଗୁ କାନାଡା ସରକାର ତାଙ୍କ ନାମରେ ଡାକ ଟିକେଟ୍, ଫଟୋ ସହିତ ଜାରି କରିଛନ୍ତି । କାନାଡା ସରକାର ଏବଂ ବିଭିନ୍ନ ତନ୍‌ଜିମ୍ (ଗୋଷ୍ଠୀ ସମୂହ) ଅନେକ ପୁରସ୍କାର ଓ ଆୱାର୍ଡ୍ ଦେଇ ତାଙ୍କୁ ସମ୍ମାନିତ କରିଛନ୍ତି । କାନାଡା ଜମାତ୍‌ରେ ସେ ତିନିଥର ନ୍ୟାସ୍‌ନାଲ୍ ସେକ୍ରେଟାରୀ ଉମୁରେ ଖାରଜାଃ ରୂପେ ଖିଦ୍‌ମତ୍ କରିବାର ସୌଭାଗ୍ୟ ପାଇଛନ୍ତି । ୧୯୮୮ ମସିହାରେ ସେ କାନାଡାରେ ଶରଣ ନେଇଥିବା ଅହେମଦୀମାନଙ୍କ ଅଧିକାରର ସୁରକ୍ଷା ନିମନ୍ତେ ଗୋଟିଏ ୧୫ ଦିନିଆ (ପାକ୍ଷିକ) ଖବରକାଗଜ ନ୍ୟୁଜ୍ କାନାଡା ପ୍ରକାଶ କରିବା ଆରମ୍ଭ କରିଥିଲେ । ତାହାର ଏଡିଟରିଆଲ ପେଜ ମାଧ୍ୟମରେ ସରକାରଙ୍କ ଠାରୁ କାନାଡାକୁ ନୁଆ ନୁଆ ଆସୁଥିବା ଲୋକମାନଙ୍କ ଅଧିକାରକୁ ମନାଇବା ପାଇଁ ସୌଭାଗ୍ୟ ପାଉଥିଲେ । ସେହି ଖବରକାଗଜଟି ଅହେମଦୀୟତ୍‌ର ପ୍ରଥା ଏବଂ ଅହେମଦୀ ମାନଙ୍କର ଅଧିକାରର ସୁରକ୍ଷା ନିମନ୍ତେ ଗୋଟିଏ ନିର୍ଭୀକ ପତ୍ରକାରିତାର ଦାୟିତ୍ୱ ତୁଲାଇଥିଲା । ସେହିପରି ସେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ପୁସ୍ତକ ଗୁଡିକର ପୁସ୍ତକ ପରିଚୟ ମଧ୍ୟ ଲେଖିଛନ୍ତି ଏବଂ ସେଗୁଡିକ Compile ମଧ୍ୟ କରିଛନ୍ତି । ଏହା ଦିନୀ ଶିକ୍ଷା ପ୍ରତି ତାଙ୍କର ବହୁତ ବଡ ଅବଦାନ । ଅଲ୍ଲାଃତାଲା ତାଙ୍କର ପଦମର୍ଯ୍ୟାଦାକୁ ଉଚ୍ଚରୁ ଉଚ୍ଚତର କରିଚାଲନ୍ତୁ ଓ ତାଙ୍କ ସହିତ ମଗ୍‌ଫିରତ୍ ଓ ରହମ୍ (କରୁଣା)ର ବ୍ୟବହାର କରନ୍ତୁ ।

ଦ୍ୱିତୀୟ ଯନାଜାଃ ହେଉଛି ମୋବାରକା ଶୌକତ୍ ସାହିବାଙ୍କର, ଯିଏ ହେଉଛନ୍ତି ହାଫିଜ୍ କୁଦ୍‌ରତୁଲ୍ଲାଃ ସାହେବ୍ ପୂର୍ବତନ ମୁବଲ୍ଲିଗ୍ ହଲାଣ୍ଡ୍ ଏବଂ ମାଲେସିୟାଙ୍କ ସ୍ତ୍ରୀ । ୮ ସେପ୍ଟେମ୍ବର୍ ଦିନ ୯୪ବର୍ଷ ବୟସରେ ତାଙ୍କର ଦେହାନ୍ତ ହେଲା । ଇନ୍ନା ଲିଲ୍ଲାହେ ୱ ଇନ୍ନା ଇଲୈହେ ରାଜେଉନ୍ । ସେ ମୋହତ୍‌ରମ୍ ବାବୁ ଅବ୍‌ଦୁଲ୍ ଲତିଫ୍ ସାହେବ୍‌ଙ୍କର ଝିଅ ଥିଲେ । ତାଙ୍କ ବିବାହ ୧୯୪୦ ମସିହାରେ ହାଫିଜ୍ କୁଦ୍‌ରତୁଲ୍ଲାଃ ସାହେବ୍‌ଙ୍କ ସହିତ ହୋଇଥିଲା ଯିଏ ଜଣେ ୱାକିଫେ ଜିନ୍ଦେଗୀ ଥିଲେ ଓ ସିଲ୍‌ସିଲାର ପ୍ରାରମ୍ଭିକ ମୁବଲିଗ୍ ମଧ୍ୟରୁ ଥିଲେ । ତାଙ୍କ ସହିତ ୫୩ ବର୍ଷ ଜିବନ କଟାଇଲେ । ପାଖାପାଖି ୨୦ ବର୍ଷର ଅବଧି ଯେବେ ହାଫିଜ୍ ସାହେବ୍ କର୍ମକ୍ଷେତ୍ରରେ ଥିବା ଯୋଗୁ, ତବ୍‌ଲିଗ୍ କ୍ଷେତ୍ରରେ କାର୍ଯ୍ୟ କରିବା ଯୋଗୁ, ଦେଶବାହାରେ ରହି ଖିଦ୍‌ମତ୍ କରିବା ଯୋଗୁ ସେ ନିଜ ପିଲାମାନଙ୍କର ତାଲିମ୍ ଓ ତର୍‌ବିୟତ୍ କରିବାର ଦାୟିତ୍ୱ ନିର୍ବାହ କରିଥିଲେ । ପୁରୁଣା ମୁବଲିଗ୍ ମାନଙ୍କ ସ୍ତ୍ରୀମାନେ ମଧ୍ୟ ବହୁତ କୁର୍ବାନୀ ଦେଇଛନ୍ତି । ୧୫-୨୦ ବର୍ଷ ପର୍ଯ୍ୟନ୍ତ ନିଜ ସ୍ୱାମୀଙ୍କ ଠାରୁ ଦୂରରେ ଅଲଗା ରହିଥିଲେ । ବହୁତ ପୁଣ୍ୟବାନ୍, ବୁଜ୍‌ରୁଗ୍, ଦୁଆଗୁ, ଇବାଦତ୍ ଗୁଜାର୍ ମହିଳା ଥିଲେ । ପିଲାମାନଙ୍କୁ ପବିତ୍ର କୋରାନ୍ ଶିଖାଉଥିଲେ । ଅଭାବି ଲୋକମାନଙ୍କୁ ଯଥାସମ୍ଭବ ସାହାଯ୍ୟ କରୁଥିବା ନିଷ୍ଠାବାନ୍ ମହିଳାଥିଲେ । ତହଜୁଦ୍ ନମାଜ୍‌କୁ ନିୟମିତ ପାଠ କରୁଥିଲେ । ଖିଦ୍‌ମତ୍ ଦୀନ୍‌ର କାର୍ଯ୍ୟକୁ ଭର୍‌ପୁର୍ ସମ୍ପାଦନ କରୁଥିଲେ । ଖିଲାଫତ୍ ସହିତ ଦୃଢ଼ ଓ ଉଚ୍ଚତମ ସମ୍ପର୍କ ଥିଲା । କତ୍‌ଲାନ୍ (Catalan) ଭାଷାରେ ଜମାତ୍‌ର ତରଫରୁ ପ୍ରକାଶିତ ହେଉଥିବା ପବିତ୍ର କୋରାନ୍‌ର ଅନୁବାଦର ସମସ୍ତ ଖର୍ଚ୍ଚ ନିଜ ତରଫରୁ, ହାଫିଜ୍ ସାହେବ୍ ଏବଂ ଫ୍ୟାମିଲି ତରଫରୁ ବହନ କରିବାର ସୌଭାଗ୍ୟ ପାଇଛନ୍ତି । ଇଣ୍ଡୋନେସିଆରେ ଗୋଟିଏ ମସ୍‌ଜିଦ୍‌ର ନିର୍ମାଣର ସମସ୍ତ ଖର୍ଚ୍ଚ ମଧ୍ୟ ଫ୍ୟାମିଲି ତରଫରୁ ବହନ କରିବାର ସୌଭାଗ୍ୟ ପାଇଛନ୍ତି । ତାଙ୍କ ଅନ୍ତେ ତାଙ୍କର ବଡପୁତ୍ର ଅଜିଜୁଲ୍ଲାଃ ସାହେବ୍ ଏବଂ ତିନିଜଣ ଝିଅ ଅଛନ୍ତି । ଅଲ୍ଲାଃତାଲା ସମସ୍ତଙ୍କୁ ତାଙ୍କ ପୁଣ୍ୟ କାର୍ଯ୍ୟକୁ ଜାରି ରଖିବା ପାଇଁ ସୌଭାଗ୍ୟ ପ୍ରଦାନ କରନ୍ତୁ । ତାଙ୍କ ସହିତ ମଗ୍‌ଫିରତ୍ ଏବଂ ରହେମ୍ (କରୁଣା)ର ବ୍ୟବହାର କରନ୍ତୁ । ସେ ଅତାଉଲ୍ ମୁଜିବ୍ ରାଶିଦ୍ ସାହେବ୍‌ଙ୍କ ମୁମାନୀ (ମାଇଁ) ଥିଲେ ।

ତୃତୀୟ ଯନାଜାଃ ହେଉଛି ଚୌଧୁରୀ ଖାଲିଦ୍ ସୈଫୁଲ୍ଲାଃ ସାହେବ୍ ନାଏବ୍ ଅମୀର ଜମାତ୍ ଅଷ୍ଟ୍ରେଲିଆଙ୍କର, ଯିଏ ୧୬ ସେପ୍ଟେମ୍ବର୍ ଦିନ ୮୭ବର୍ଷ ବୟସରେ ମୃତ୍ୟୁବରଣ କଲେ । ଇନ୍ନା ଲିଲ୍ଲାହେ ୱ ଇନ୍ନା ଇଲୈହେ ରାଜେଉନ୍ । ଆପଣଙ୍କ କୁଟୁମ୍ବରେ ଆପଣଙ୍କର ଦାଦା ଚୌଧୁରୀ ମୁହମ୍ମଦ୍ ଖାନ୍ ସାହେବ୍ ନମ୍ବର୍‌ଦାର୍ ମୌଜା-ଗୁଲ୍‌ମଞ୍ଜ, ଜିଲ୍ଲା-ଗୁର୍‌ଦାସ୍‌ପୁର୍‌ଙ୍କ ମାଧ୍ୟମରେ ଅହେମଦୀୟତ୍ ଆସିଥିଲା । ସେ ୧୮୯୦ ମସିହାରେ ଯୁବକ ଅବସ୍ଥାରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ହାତରେ ବୟତ କରିବାର ସୌଭାଗ୍ୟ ପାଇଥିଲେ । ଚୌଧୁରୀ ମୁହମ୍ମଦ୍ ଖାନ୍ ସାହେବ୍‌ଙ୍କ ଏ ସୌଭାଗ୍ୟ ମଧ୍ୟ ପ୍ରାପ୍ତ ହୋଇଥିଲା କି ତାଙ୍କୁ ଅହେମଦୀୟତ୍‌ର ବାର୍ତା ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ସ୍ୱୟଂ ନିଜେ ହିଁ ଦେଇଥିଲେ । ସେ କାଦିଆନ୍ ଗଲେ । ସେଠାରେ ନମାଜ ଅସର୍‌ର ସମୟ ଗଡିଯାଉଥିଲା । ଏତିକିବେଳେ ସେ କହିଲେ କି ଚାଲ ନମାଜ ପଢ଼ିନେବା । ମସ୍‌ଜିଦ୍ ଅକ୍‌ସାରେ ନମାଜ ପଢ଼ିବା ପାଇଁ ଯେତେବେଳେ ପହଂଚିଲେ ସେଠାରେ ନମାଜ ସରିଯାଇଥିଲା ଏବଂ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ବାହାରକୁ ଆସୁଥିଲେ । ସଲାମ୍ କଲେ । ଏମାନେ ନମାଜ ପଢ଼ିବାକୁ ଲାଗିଗଲେ । ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ସେହିଠାରେ ବସିରହିଲେ । ଯେତେବେଳେ ଏମାନେ ନମାଜ ପଢ଼ିସାରିଲେ ସେମାନଙ୍କୁ କହିଲେ କି ଆପଣମାନଙ୍କୁ ମୋର ବାର୍ତା ପହଂଚିଛି । ସେମାନେ କହିଲେ ନାଇଁ । କୌଣସି ଏଲାନ୍ ଇତ୍ୟାଦି ପହଂଚିନାହିଁ । ଏଥିରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ତାଙ୍କୁ ନିଜ ସାଥିରେ ଘର ଭିତରକୁ ନେଇଗଲେ । କହୁଛନ୍ତି- ସେଠି ଆଲ୍‌ମିରାରେ ଲିଟେର୍‌ଚର୍ ରଖାଯାଇଥିଲା । ସେ କହିଲେ ତମ ଗାଁରେ ଯେତେକ ପଢ଼ାଲେଖା ଲୋକ ଅଛନ୍ତି ସେମାନଙ୍କ ପାଇଁ ଏହି ଲିଟରେଚର୍ ନେଇଯାଅ । ତେବେ ଇଏ କହିଲେ କି ପଢ଼ାଲେଖା ଲୋକ ତ ତିନିଚାରିଜଣ ଥିଲେ । ମୁଁ ୧୪-୧୫ଟି ସଂଖ୍ୟାରେ ଲିଟରେଚର୍ ଉଠାଇ ଆଣିଲି । ଆପଣଙ୍କର ଦାୱା (ଦାବି ସମ୍ବନ୍ଧୀୟ) ଯେଉଁ ଏଲାନ୍ ଥିଲା ତାହା ମଧ୍ୟ ନେଇ ଆସିଲି । ଆଣି ତାକୁ ପଢ଼ିଲି ଓ ସେଥିରୁ ବହୁତ ପ୍ରଭାବିତ ହେଲି ଏବଂ ପୁଣି ସେଖୁଆଁ ଗ୍ରାମରେ ହଜ୍‌ରତ୍ ମିଆଁ ଜମାଲୁଦିନ୍ ସାହେବ୍ ଏବଂ ହଜ୍‌ରତ୍ ମିଆଁ ଖୈରୁଦ୍ଦିନ୍ ସାହେବ୍ ରହୁଥିଲେ । ତାଙ୍କ ସହିତ ଚିହ୍ନା ପରିଚୟ ଥିଲା । ତେବେ ଏମାନେ ଲିଟ୍‌ରେଚର୍ ପଢ଼ିବା ପରେ ତାଙ୍କ ପାଖକୁ ନେଇଗଲେ । ସେମାନେ କହିଲେ କି ହଁ ଆମେ ତ ମାନିସାରିଛୁ । ତୁମେମାନେ କବୁଲ୍ କରିନିଅ । ସୁତରାଂ ଚୌଧୁରୀ ମୁହମ୍ମଦ୍ ଖାନ୍ ସାହେବ୍ ସେଖୁଆଁରୁ ସିଧାସିଧା କାଦିଆନ୍ ଚାଲିଆସିଲେ । କାଦିଆନ୍‌ରେ ପହଂଚି ବୟତ୍ କରିବା ପାଇଁ ନିବଦେନ ଜଣାଇଲେ ଓ ତାହା ଗ୍ରହଣ କରାଗଲା ଓ ଏହିଭଳି ବୟତ୍ କରି ସେ ଜମାତ୍ ଅହେମଦୀୟାରେ ଦାଖିଲା ହୋଇଗଲେ । ବୟତ କରିବା ପରେ ସେ କହୁଛନ୍ତି କି ଗୋଟିଏ ଦିନ ଚୌଧୁରୀ ମୁହମ୍ମଦ୍ ଖାନ୍ ସାହେବ୍ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ପାଦ ଦବାଉଥିଲେ ଏବଂ ଅଳ୍ପ କିଛି ଶଙ୍କୋଚ ଅବଲମ୍ବନ କରି କହିଲେ କି ହଜୁର୍ ମୋତେ ଏପରି କୌଣସି ୱଜିଫା (କାର୍ଯ୍ୟଶୈଳୀ) ବତାନ୍ତୁ ଯଦ୍ୱାରା ମୋର ଦୀନ୍ ଏବଂ ଦୁନିଆ ସୁଧୁରିଯିବ । ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହିଲେ କି ଆମ ୱଜିଫା ହେଉଛି ଏହା ଅର୍ଥାତ୍ ନମାଜକୁ ମନ ଲଗାଇ ପାଠ କର, ଇସ୍‌ତେଗ୍‌ଫାର ବହୁଳ ଭାବେ ପାଠ କର । ପରେ ପୁଣି ଆଉଥରେ ଏହିପରି ପାଦଦବାଇ ସେ ପୁନର୍ବାର ଏକଥା କହିଲେ । ଏଥିରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ତାଙ୍କୁ ବତାଇଲେ କି ଇସ୍‌ତେଗ୍‌ଫାର୍ ଏବଂ ଦରୁଦ୍ ଶରିଫ୍ ବହୁତ ମାତ୍ରାରେ ପଢ଼ନ୍ତୁ । ସୁତରାଂ ସେ ସାରାଜୀବନ ଏକଥା ଉପରେ ଅମଳ କଲେ । ହଜ୍‌ରତ୍ ମିର୍ଜା ବଶିର୍ ଅହେମଦ୍ ସାହେବ୍ ମଧ୍ୟ ଏହି ରିୱାୟତ୍ ଲେଖିଛନ୍ତି । ଏହି ପ୍ରଥମ କଥା ତାଙ୍କ ଜେଜେବାପା ବତାଇଥିଲେ ଯାହା ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ପ୍ରସଙ୍ଗରେ ଥିଲା । ମୋକରମ୍ ଚୌଧୁରୀ ଖାଲିଦ୍ ସୈଫୁଲ୍ଲାଃ ସାହେବ୍‌ଙ୍କ ସମ୍ବନ୍ଧରେ ଏପରି ଅଛି କି ନିଜ ରୋଜଗାର କରିବା ବାବଦରେ ଯେଉଁଠି ମଧ୍ୟ ରୁହନ୍ତି ସେଠାରେ ଜମାତ୍‌ର ଖିଦ୍‌ମତ୍ (ସେବା) କରନ୍ତି । ସେ ସଦର୍ ମେମ୍ବର୍ ଷ୍ଟାଣ୍ଡିଂ କମିଟି ବରାଏ ସଦ୍‌ସାଲା ଜୁବୁଲି ମଧ୍ୟ ରହିଛନ୍ତି । ଖୁଦାମୁଲ୍ ଅହେମଦୀୟାର ମର୍କଜି ଶୁରାର ଦସ୍ତୁରେ କମିଟିର ସଭାପତି ମଧ୍ୟ ରହିଛନ୍ତି । ଜମାତ୍ ଅହେମଦୟା ଫୈସଲାବାଦ୍‌ର ଜେନେରାଲ୍ ସେକ୍ରେଟାରୀ ମଧ୍ୟ ରହିଛନ୍ତି । କେନ୍ଦ୍ରୀୟ ଫାଇନାନ୍‌ସିଆଲ୍ ସେକ୍ରେଟାରୀ ମର୍କଜୀ ଅହେମଦୀୟା ଇଞ୍ଜିନିୟରିଂ ଆସୋସିଏସନ୍ ମଧ୍ୟ ରହିଛନ୍ତି । ହଲ୍‌କା ସିଭିଲ୍ ଲାଇନ୍ ଲାହୋର୍ ଏବଂ ତର୍‌ବିଲାର ସଦର ମଧ୍ୟ ରହିଛନ୍ତି । ବେନ୍‌ଗାଜି ଲିବିୟାର ଅମୀର୍ ଜମାତ୍ ମଧ୍ୟ ରହିଛନ୍ତି । ଅଷ୍ଟ୍ରେଲିଆର ଅନ୍‌ସାରୁଲ୍ଲାଃ ସଦର୍ ମଧ୍ୟ ରହିଛନ୍ତି । ନାଏବ୍ ଅମୀର୍ ଜମାତ୍ ଅହେମଦୀୟା ଅଷ୍ଟ୍ରେଲିଆ ରୂପେ ମଧ୍ୟ କାର୍ଯ୍ୟ କରିଛନ୍ତି ଏବଂ ମେହ୍‌ମୁଦ୍ ବଙ୍ଗାଳୀ ସାହେବ୍‌ଙ୍କ ଦେହାନ୍ତ ପରେ କିଛି ସମୟ ପାଇଁ ତାଙ୍କୁ ମୁଁ କାର୍ଯ୍ୟନିର୍ବାହୀ ଅମୀର୍ ଜମାତ୍ ଅଷ୍ଟ୍ରେଲିଆ ରୂପେ ମଧ୍ୟ ନିଯୁକ୍ତି ଦେଇଥିଲି । ସେ ଏହି ଡ୍ୟୁଟି ମଧ୍ୟ ବହୁତ ସୁନ୍ଦର ରୂପେ ତୁଲାଇବାର ସୌଭାଗ୍ୟ ପାଇଛନ୍ତି । ଖିଲାଫତ୍ ସହିତ ତାଙ୍କର ଅସାଧାରଣ ଭକ୍ତି ଓ ଇତାଅତ୍ (ଆଜ୍ଞାବହତା)ର ସମ୍ପର୍କ ଥିଲା । ଆହୁରି ବହୁ ଖିଦ୍‌ମତ୍ ତାଙ୍କର ଅଛି । ଯାହା ହେଉ ସେ ବହୁତ ଭଲ ଜୀବନ ବିତାଇଲେ, ବହୁତ ଶିକ୍ଷିତ ଲୋକ ଥିଲେ । ଜମାତ୍‌ର ମାଗାଜିନ୍ ଓ ଲିଟ୍‌ରେଚର୍‌ରେ ତାଙ୍କ ଲିଖିତ ବିଷୟଗୁଡିକ ଛପା ଯାଉଥିଲା । କିନ୍ତୁ ସେ ଅତ୍ୟନ୍ତ ସାଧା ମିଜାଜ୍‌ର ଥିଲେ । ସର୍ବଦା ହସହସ ମୁଖ ଓ ସୁଲାହ୍‌ଜୁ ବ୍ୟକ୍ତି ଥିଲେ । ଅଲ୍ଲାଃତାଲା ତାଙ୍କ ପଦମର୍ଯ୍ୟାଦାକୁ ଉଚ୍ଚରୁ ଉଚ୍ଚତମ କରିଚାଲନ୍ତୁ, ମଗ୍‌ଫିରତ୍ କରନ୍ତୁ । ମରହୁମ୍ ମୁସି ଥିଲେ । ତାଙ୍କ ଅନ୍ତେ ତାଙ୍କର ତିନିଜଣ ଝିଅ ଓ ଦୁଇଜଣ ପୁଅ ସ୍ମୃତିରୂପେ ଅଛନ୍ତି ଏବଂ ତାଙ୍କର ବଡପୁତ୍ର ମୁହମ୍ମଦ୍ ଉମର ଖାଲିଦ୍ ସାହେବ୍ ଏଠି ୟୁ.କେ ରେ ଅଛନ୍ତି । ମର୍ଡନ୍ ସହରର ସଦର୍ ହଲ୍‌କା ଅଛନ୍ତି, ଛୋଟ ପୁଅ ଅହମ୍ମଦ୍ ଉମର୍ ଖାଲିଦ୍ ଅଷ୍ଟ୍ରେଲିଆରେ ନ୍ୟାସ୍‌ନାଲ୍ ସେକ୍ରେଟାରୀ ୱକ୍‌ଫେ ଯଦିଦ୍ ରୂପେ ଖିଦ୍‌ମତ୍ କରୁଛନ୍ତି । ବାକି ତାଙ୍କର ଝିଅମାନେ ମଧ୍ୟ ଅଛନ୍ତି । ଅଲ୍ଲାଃତାଲା ତାଙ୍କ ସମସ୍ତ ସନ୍ତାନସନ୍ତତିଙ୍କୁ ତାଙ୍କ ପୁଣ୍ୟଗୁଡିକୁ ଜାରି ରଖିବା ପାଇଁ ଶକ୍ତି ପ୍ରଦାନ କରନ୍ତୁ ।

ଜମାତ୍ ଅହେମଦୀୟା ବ୍ରିଟେନ୍ ଆନୁକୁଲ୍ୟରେ ତାହେର୍ ହଲ୍ ବୈତୁଲ୍ ଫତୁହ୍ ଲଣ୍ଡନ୍ଠାରେ ୧୭ ମାର୍ଚ୍ଚ ୨୦୧୮ ତାରିଖ ଦିନ

# ୧୫ ତମ ବାର୍ଷିକ ପିସ୍ ସିମ୍ପୋଜିୟମ୍‌ର ସଫଳ ଆୟୋଜନ

**୫୫୦ରୁ ଅଧିକା ଅଣ ଜମାତ୍ ଏବଂ ଅଣ ମୁସ୍‌ଲିମ୍ ଅତିଥିମାନେ ଉତ୍ସବରେ ସାମିଲ୍, ଅତିଥି ମାନଙ୍କ ମଧ୍ୟରେ ବ୍ରିଟେନ୍‌ର ମନ୍ତ୍ରୀଗଣ, ପାର୍ଲିଆମେଂଟ୍‌ରକ କାର୍ଯ୍ୟକର୍ତ୍ତା, ବିଭିନ୍ନ ଦେଶର ରାଜଦୂତଗଣ, ବିଭିନ୍ନ ସହରର ମେୟର୍‌ମାନେ ଏବଂ ଅନେକ ରାଜନୈତିଜ୍ଞ ଓ ସାମାଜିକ କ୍ଷେତ୍ର ସହିତ ସମ୍ପର୍କ ରଖିଥିବା ସମ୍ମାନୀୟ ବ୍ୟକ୍ତିବିଶେଷ ସାମିଲ୍ ହୋଇଥିଲେ ।**

ହଜ୍‌ରତ୍ ଅମିରୁଲ୍ ମୁମିନୀନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅଙ୍କ ବସିରତ୍ ଅଫରୋଜ୍ (ଅନ୍ତଦୃଷ୍ଟି ଜ୍ଞାନସମ୍ପନ୍ନ) ଭାଷଣ

ଜମାତ୍ ଅହେମଦୀୟା ବ୍ରିଟେନ୍ ବିଗତ କେତେବର୍ଷ ହେବ ପ୍ରତ୍ୟେକ ବର୍ଷ ଗୋଟିଏ ପିସ୍ ସିମ୍ପୋଜିୟମ୍ ଅନୁଷ୍ଠିତ କରୁଅଛି । ସେଥିରେ ମୁଖ୍ୟ ଅଭିଭାଷଣ ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ପ୍ରଦାନ କରିଥାନ୍ତି । ଏହି ଉତ୍ସବରେ ବିଭିନ୍ନ ରାଜନୈତିଜ୍ଞ, ସାମାଜିକ କାର୍ଯ୍ୟକର୍ତ୍ତା ଏବଂ ବିଭିନ୍ନ ଧର୍ମ ସହିତ ସମ୍ପର୍କ ରଖିଥିବା ବ୍ୟକ୍ତିବିଶେଷ ଓ ଅନେକ କାର୍ଯ୍ୟାଳୟ ସହିତ ସମ୍ପର୍କ ରଖିଥିବା ସଦସ୍ୟମାନେ ସାମିଲ୍ ହୋଇଥାନ୍ତି । ଏତଦ୍‌ବ୍ୟତୀତ ଏହି ଅବସରରେ ଗୋଟିଏ ପିସ୍ ଆୱାର୍ଡ୍ ମଧ୍ୟ ଜମାତ୍ ଅହେମଦୀୟା ୟୁ.କେ ତରଫରୁ ପ୍ରଦାନ କରାଯାଏ । ଏବର୍ଷ ୧୭ ମାର୍ଚ୍ଚ ୨୦୧୮ରେ ୧୫ତମ ପିସ୍ ସିମ୍ପୋଜିୟମ୍ ତାହେର୍ ହଲ୍ ବଇତୁଲ୍ ଫତୁହ୍‌ଠାରେ ଅନୁଷ୍ଠିତ ହେଲା । ସେଥିରେ ସାଢ଼େ ପାଂଚଶହରୁ ଅଧିକା ଅତିଥି ସାମିଲ୍ ହୋଇଥିଲେ ।

ଉତ୍ସବର ଶୁଭାରମ୍ଭ ତିଲାଓ୍ୱତେ କୋରାନ୍ କରିମ୍‌ରୁ ହିଁ କରାଗଲା । ଏହାପରେ ଅମୀର୍ ଜମାତ୍ ଅହେମଦୀୟା ବ୍ରିଟେନ୍ ମୋକରମ୍ ରଫିକ୍ ଅହେମଦ୍ ହୟାତ୍ ସାହେବ୍ ଅତିଥିମାନଙ୍କୁ ସ୍ୱାଗତ ଜଣାଇଲେ ଓ ନିଜର ସଂକ୍ଷିପ୍ତ ଅଭିଭାଷଣରେ କହିଲେ କି ଚରମପନ୍ଥୀ ଓ ସନ୍ତ୍ରାସବାଦ କଦାପି ସଫଳ ହୋଇପାରିବେ ନାହିଁ । ଏକତା ହିଁ ସମସ୍ତ କଠିନ ପରିସ୍ଥିତିର ସମାଧାନ ଖୋଜିବାରେ ସାହାଯ୍ୟ କରିପାରିବ ।

ଏହାପରେ କିଛି ସମ୍ମାନୀୟ ଅତିଥିମାନଙ୍କୁ ନିମନ୍ତ୍ରଣ କରାଗଲା କି ସେମାନେ ଆସି ନିଜ ନିଜର ମନୋଭାବକୁ ବ୍ୟକ୍ତ କରନ୍ତୁ ।

Dr. Aaron Rhodes ଯିଏ ହେଉଛନ୍ତି ମାନବିକ ଅଧିକାର ଓ ଧର୍ମୀୟ ସ୍ୱାଧୀନତାର ବିଭିନ୍ନ କାର୍ଯ୍ୟାଳୟର ମୁଖ୍ୟ । ସେ ଏକଥା ବହୁତ ଦୁଃଖର ସହିତ ପ୍ରକାଶ କଲେ କି ଜମାତ୍ ଅହେମଦୀୟା ମାନବିକ ଅଧିକାର ଓ ଧର୍ମୀୟ ସ୍ୱାଧୀନତା ସ୍ଥାପନ କରିବା ପାଇଁ ଦିନ ରାତି ଚେଷ୍ଟା କରି ଚାଲିଛି ଅଥଚ ଚରମପନ୍ଥୀ ଲୋକେ ଓ ସରକାରଙ୍କ ତରଫରୁ ମୁଖାଲିଫତ୍‌ର ସମ୍ମୁଖୀନ ହେଉଛନ୍ତି ଓ ଏମାନଙ୍କ ଉପରେ ଅତ୍ୟାଚାର କରାଯାଉଛି ଓ ଏମାନଙ୍କ ଅଧିକାରକୁ କ୍ଷୁର୍ଣ୍ଣ କରାଯାଉଛି ।

Dr. Luigi de Salvia ଯିଏ ହେଉଛନ୍ତି ଆଲମୀ କନ୍‌ଫରେନ୍‌ସ୍ ବରାଏ ଅମନ୍ (ବିଶ୍ୱଶାନ୍ତି ଉତ୍ସବର) ୟୁରୋପୀୟ ବିଭାଗର ସଭାପତି । ସେ କହିଲେ କି ଦୀର୍ଘ ୧୫ବର୍ଷ ହେବ ଜମାତ୍ ଅହେମଦୀୟା ପିସ୍ ସିମ୍ପୋଜିୟମ୍ ଅନୁଷ୍ଠିତ କରୁଅଛି । ତାହା ହେଉଛି ଆମର ଏହି ମହାଦେଶର ଗୋଟିଏ ଗୁରୁତ୍ୱପୂର୍ଣ୍ଣ ଇଜ୍‌ଲାସ୍, ଯେଉଁଥିରେ ମାନବ ଜାତି ସମ୍ମୁଖୀନ ହେଉଥିବା ଗୁରୁତ୍ୱପୂର୍ଣ୍ଣ ସମସ୍ୟା ଗୁଡିକ, ଆଶଙ୍କା ଓ ଭୟର ସମାଧାନର ରାସ୍ତା ଉପସ୍ଥାପନ କରାଯାଏ ।

Mrs. Angelina Alekseeva ସାହିବା ମଧ୍ୟ ଏହି ପିସ୍ ସିମ୍ପୋଜିୟମ୍‌ରେ ସାମିଲ୍ ହୋଇଥିଲେ । ସେ ଏବର୍ଷ ଅହେମଦୀୟା ଶାନ୍ତି ପୁରସ୍କାର ହାସଲ କରିବା ବାଲା Dr. Leonid Roshall ଙ୍କ ପ୍ରତିନିଧିତ୍ୱ କରୁଥିଲେ । ସେ ସଭାକୁ ବତାଇଲେ କି ଡାଃ ରୋଶାଲ୍ ଏ ଫଇସଲା କରିଛନ୍ତି କି ସେ ଶାନ୍ତି ପୁରସ୍କାରର ସମସ୍ତ ଅର୍ଥ ଏପରି ଗୋଟିଏ ଉନ୍ନତି ମୂଳକ କାର୍ଯ୍ୟ କରୁଥିବା କାର୍ଯ୍ୟାଳୟକୁ ଦେବେ ଯେଉଁଠି ସ୍ନାୟୁ ସମ୍ବନ୍ଧୀୟ ଏବଂ ମେରୁଦଣ୍ଡ ହାଡରେ ତ୍ରୁଟି ଥିବା ଯୋଗୁ ଯେଉଁ ପିଲାମାନେ କଷ୍ଟ ଉଠାଉଛନ୍ତି, ସେମାନଙ୍କର ଚିକିତ୍ସା ନିମନ୍ତେ ଏହା ଖର୍ଚ୍ଚ କରାଯିବ । ସେ ପୁଣି କହିଲେ କି ପ୍ରତ୍ୟେକ ବ୍ୟକ୍ତି ବର୍ତ୍ତମାନ ସମୟରେ ଏ ସଂସାରରେ ଶାନ୍ତି ସ୍ଥାପନ କରିବା ପାଇଁ ଚେଷ୍ଟା କରିବାକୁ ଉଦ୍ୟମ କରିବା ଉଚିତ୍ ଓ ଏହା ବର୍ତ୍ତମାନ ସବୁଠାରୁ ଜରୁରୀ ଓ ଆବଶ୍ୟକ ବିଷୟ ଅଟେ ।

ଏହାପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ସଭାକୁ ଇଂରାଜୀ ଭାଷାରେ ଅଭିଭାଷଣ ପ୍ରଦାନ କଲେ । ହଜୁର୍ ସର୍ବପ୍ରଥମେ ଉପସ୍ଥିତ ସଜ୍ଜନ ମଣ୍ଡଳୀଙ୍କୁ ଅସ୍‌ସଲାମୋ ଆଲୈକୁମ୍ ଓ୍ୱ ରହମତୁଲ୍ଲାହି ଓ୍ୱ ବରକାତୁହୁ ର ଉପହାର ପ୍ରଦାନ କଲେ । ଏହାପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ସର୍ବପ୍ରଥମେ ମୁଁ ସମସ୍ତ ଅତିଥିମାନଙ୍କୁ ଧନ୍ୟବାଦ ଅର୍ପଣ କରୁଛି କି ସେମାନେ ଆମର ଏହି ପିସ୍ ସିମ୍ପୋଜିୟମ୍‌ରେ ଯୋଗଦେବା ପାଇଁ ଏଠାକୁ ଆସିଛନ୍ତି ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ କି ବିଗତ ୧୫ ବର୍ଷ ହେବ ଅହେମଦୀୟା ମୁସ୍‌ଲିମ୍ ଜମାତ୍ ଏହି ପିସ୍ ସିମ୍ପୋଜିୟମ୍‌କୁ ଆୟୋଜନ କରିଆସୁଛି । ଯଦି କାହା ମନରେ ଏପରି ଭାବନା ସୃଷ୍ଟି ହେଉଥିବ କି ପ୍ରତ୍ୟେକ ବର୍ଷ ଏହି ସିମ୍ପୋଜିୟମ୍ ଆୟୋଜନ କରିବା ଦ୍ୱାରା କଣ ଲାଭ ହେଉଛି । ଯେବେ କି ମୁସଲ୍‌ମାନ୍ ଦେଶଗୁଡିକରେ ଓ ଅଣ ମୁସ୍‌ଲିମ୍ ଦେଶଗୁଡିକରେ ଶାନ୍ତି ଅବସ୍ଥାରେ କୌଣସି ଉଚିତ୍ ଫରକ ପଡୁନାହିଁ ବରଂ ପରିସ୍ଥିତି ଦିନକୁ ଦିନ ଖରାପ ହୋଇ ଚାଲିଛି । ଦୁନିଆର ଅଧିକାଂଶ ଭାଗ ମନମାଳିନ୍ୟତା, ଘୃଣା ଓ ଅନ୍ୟାୟ ଦ୍ୱାରା ଆଚ୍ଛାଦିତ । ସମାଜ, ଶକ୍ତିର ବିଭିନ୍ନ ଦିଗ ଆଡକୁ ଟାଣି ହୋଇ ଖଣ୍ଡ ଖଣ୍ଡ ହୋଇ ବିଭାଜନ ହୋଇଗଲାଣି । ଯୁଦ୍ଧ କରାଯାଉଛି ଓ ଗୋଟିଏ ଜାତି ଆଉଗୋଟିଏ ଜାତିକୁ ଡରାଉଛି ଓ ଧମକାଉଛି, ଉନ୍ନତିଶୀଳ ରାଷ୍ଟ୍ର ଏବଂ ଅନୁନ୍ନତଶୀଳ ରାଷ୍ଟ୍ର ମଧ୍ୟରେ ଅସମାନତାର ବ୍ୟବହାର ଦିନକୁ ଦିନ ବଢ଼ିଚାଲିଛି ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ କି ଏହିଭଳି ପରିସ୍ଥିତିକୁ ଦେଖି ଆପଣମାନଙ୍କ ମନରେ ଆଶଙ୍କା ସୃଷ୍ଟି ହେଉଛି ତେବେ ଆପଣ ଠିକ୍ ଭାବୁଛନ୍ତି କିନ୍ତୁ ଆମ ଧର୍ମ ଆମକୁ ଏ ଶିକ୍ଷା ଦେଉଛି କି ଆମେ ଏ ସଂସାରରେ ରହୁଥିବା ସମସ୍ତ ମାନବଜାତିକୁ ଶାନ୍ତି ଓ ନ୍ୟାୟ ଆଡକୁ ଡାକିଚାଲିବୁ । ସେ ଧନୀ ହୁଅନ୍ତୁ ବା ଗରୀବ, ଶକ୍ତିଶାଳୀ ହୁଅନ୍ତୁ ବା ଦୁର୍ବଳ ହୁଅନ୍ତୁ, ଧାର୍ମିକ ହୁଅନ୍ତୁ ବା ଅଧର୍ମୀ ହୁଅନ୍ତୁ । ତେଣୁ ଯେଉଁଭଳି ପରିସ୍ଥିତି ହେଉପଛେ, ନିଜର ଦାୟିତ୍ୱକୁ ତୁଲାଇ ଚାଲିବୁ କି ଆମେ ଏ ସଂସାରକୁ ଆମେ ଉଚ୍ଚତମ ମାନବିକ ଅଧିକାରର ପଦମର୍ଯ୍ୟାଦା ଓ ମହାନତାକୁ ଚିହ୍ନିବା ଏବଂ ଆପଣାଇନେବାର ଦାୟିତ୍ୱର ଅନୁଭବ ଦେଇଚାଲିବେ । ଇସ୍‌ଲାମ୍‌ର ମୂଳ ଶିକ୍ଷା ହେଉଛି ଏହା କି ଅଲ୍ଲାଃତାଲାଙ୍କ ହକ୍ ଏବଂ ତା ଭକ୍ତଙ୍କର ହକ୍‌କୁ ପ୍ରଦାନ କରାଯାଉ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ କି ଏହି ସଂକ୍ଷିପ୍ତ ପ୍ରାରମ୍ଭିତ ଶବ୍ଦ କହିବା ପରେ ମୁଁ ଆଜି କିଛି ବହୁତ ଗୁରୁତ୍ୱପୂର୍ଣ୍ଣ କଥା ପ୍ରତି ଆପଣଙ୍କ ଧ୍ୟାନ ଆକର୍ଷଣ କରାଇବାକୁ ଚାହିଁବି ଯାହା ଆଜିର ଏ ସଂସାରରେ ବହୁତ ଭୀଷଣ ଅଶାନ୍ତି ସୃଷ୍ଟି କରୁଅଛି ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ କି ବର୍ତ୍ତମାନ ସଂସାରରେ ଆମେ ଅଧିକାଂଶ ସମୟ ଏହା ଦେଖୁଅଛୁ କି କିଛି ବଡ ବଡ ଶକ୍ତିଶାଳୀ ରାଷ୍ଟ୍ର ଏବଂ ଜାତିସଂଘ କାର୍ଯ୍ୟାଳୟ ଏପରି ଯୋଜନା ବନାଉଛନ୍ତି ଯଦ୍ୱାରା ସେମାନେ ସାରା ପୃଥିବୀରେ ମଣିଷର ଜୀବନଧାରାକୁ ଉନ୍ନତ କରିବାକୁ ଚାହୁଁଛନ୍ତି । ବର୍ତ୍ତମାନ ସମୟରେ ଗୋଟିଏ ସମସ୍ୟା ଉପୁଜିଛି ଯାହା ବିଷୟରେ ବହୁତ ରାଜନୈତିଜ୍ଞ ଏବଂ ଚିନ୍ତା ନାୟକମାନେ ଏକାଠି ହୋଇ ସ୍ୱର ଉତୋଳନ କରୁଛନ୍ତି ଏବଂ ଭାବନାକୁ ଜାଗ୍ରତ କରୁଛନ୍ତି । ତାହା ହେଉଛି ବର୍ତ୍ତମାନ ପୃଥିବୀରେ ରୁତୁଚକ୍ରର ପରିବର୍ତ୍ତନ ଏବଂ ବିଶେଷ ରୂପେ ପରିବେଶର ବାତାବରଣରେ କାର୍ବନ୍‌ର ଅଧିକ ମାତ୍ରାରେ ନିଷ୍କାସନ ହେବା ଯୋଗୁ ସୃଷ୍ଟି ହେଉଥିବା ସମସ୍ୟା ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ କି ନିଶ୍ଚିତ ରୂପେ ରୁତୁଚକ୍ରର ପରିବର୍ତ୍ତନ ଯୋଗୁ ଯେଉଁ ଅସୁବିଧା ସୃଷ୍ଟି ହେଉଛି ସେଥିଯୋଗୁ ଏହି ପୃଥିବୀକୁ ସୁରକ୍ଷିତ ରଖିବା ବହୁତ ଗୁରୁତ୍ୱପୂର୍ଣ୍ଣ କଥା । କିନ୍ତୁ ଏହା ସହିତ ଉନ୍ନତଶୀଳ ରାଷ୍ଟ୍ରଗୁଡିକ ବିଶେଷ ରୂପେ ଆନ୍ତର୍ଜାତିୟ ନେତାମାନେ ଏ କଥା ମଧ୍ୟ ଚିନ୍ତା କରନ୍ତୁ କି ବର୍ତ୍ତମାନ ଦୁନିଆରେ ଅନ୍ୟାନ୍ୟ ଆହୁରି କିଛି ସମସ୍ୟା ଗୁଡିକ ମଧ୍ୟ ରହିଛି ଯାହାପ୍ରତି ଯଥାଶିଘ୍ର ଧ୍ୟାନ ଦିଆଯିବା ଉଚିତ୍ ।

ପୃଥିବୀର ଗରିବ ଓ ଅଭାବରେ ପ୍ରପିଡୀତ ଅଗଣତି ଲୋକେ ପରିବେଶ ଓ କାର୍ବନ୍‌ର ନିଷ୍କାସନ ସମ୍ବନ୍ଧରେ ଚିନ୍ତା କରିପାରିବେ ନାହିଁ । କାରଣ ପ୍ରତ୍ୟେକ ଦିନ ସକାଳେ ଆଖି ଖୋଲିବା ସଙ୍ଗେ ତାଙ୍କୁ ଏ ଚିନ୍ତା ଘାରୁଛି କି ସେମାନେ ନିଜ ପିଲାମାନଙ୍କ ପାଇଁ ଗୋଟିଏ ବେଳାର ରୁଟି କିପରି ଆୟୋଜନ କରିପାରିବେ ବା କରିପାରିବେ ନାହିଁ ? ସେମାନଙ୍କର ସାମାଜିକ ଅବ୍ୟବସ୍ଥା ଭୟଙ୍କର ପରିସ୍ଥିତି ସୃଷ୍ଟି କରିଚାଲିଛି ଯେଉଁ କଷ୍ଟକୁ ବୁଝିବା ଓ ଜାଣିବା ପାଇଁ ଅସମର୍ଥ । ଉଦାହରଣ ସ୍ୱରୂପ ଏ ପୃଥିବୀର ଅନେକ ଦେଶ ଏପରି ଅଛନ୍ତି ଯେଉଁଠି ନାଗରିକ ମାନଙ୍କୁ ପିଇବାର ସଫାପାଣି ମିଳୁନାହିଁ ସେମାନେ ଖରାପ ଗୋଳିଆପାଣି ପିଉଛନ୍ତି, ଯେବେକି ସେହି ପାଣି ମଧ୍ୟ ତାଙ୍କୁ ସହଜରେ ଉପଲବ୍ଧ ହେଉନାହିଁ । ମହିଳାମାନେ ଓ ପିଲାମାନେ ପ୍ରତ୍ୟେକ ଦିନ ଅନେକ ମାଇଲ୍ ପାଦରେ ଚାଲିଚାଲି ପାଣିପାତ୍ରଗୁଡିକ ମୁଣ୍ଡରେ ଉଠାଇ ପାଣିଗୁଡିକ ବୋହିଆଣି ନିଜ ଘରଲୋକଙ୍କ ପାଖରେ ପହଂଚାଉଛନ୍ତି ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ କି ଆମେ ଏହି ସବୁ ସମସ୍ୟା ଉପରେ ଗୋଟିଏ ଦୃଷ୍ଟି ପକାଇ ଏକଥା ଭାବିବା ଉଚିତ୍ ହେବନାହିଁ କି ଏହା ଅନ୍ୟମାନଙ୍କର ସମସ୍ୟା ବୋଲି ବରଂ ଆମେ ଏହା ଜାଣିବା ଉଚିତ୍ କି ଏହି ଗରିବ ଓ ଅଭାବ ଫଳରେ ସାରା ସଂସାର ପ୍ରଭାବିତ ହେଉଛି ଏବଂ ସେମାନଙ୍କର ପ୍ରତ୍ୟକ୍ଷ ସମ୍ପର୍କ ସମଗ୍ର ସଂସାରର ଶାନ୍ତି ଓ ସୌହାର୍ଦ୍ଦ୍ୟ ସହିତ ଯୋଡିହୋଇ ରହିଛି । ଯେଉଁ ପିଲାମାନଙ୍କର ଦିନଟିଯାକ ବହୁତ କଷ୍ଟର ସହିତ ଚାଲିଚାଲି ନିଜ କୁଟୁମ୍ବର ଲୋକମାନଙ୍କ ନିମନ୍ତେ ପାଣି ବହିବାରେ ବିତିଯାଉଛି, ଏଥିରୁ ସ୍ୱଷ୍ଟ ହେଉଛି ସେ ସ୍କୁଲ୍ ଯାଇପାରିବ ନାହିଁ ଓ ନା କୌଣସି ପ୍ରକାରର ଶିକ୍ଷା ହାସଲ କରିପାରିବ ନାହିଁ । ସେମାନେ ଏପରି ଏକ କାଦୁଅରେ ଫସିଯାଇଛନ୍ତି ଯେଉଁଠି ମୁର୍ଖତା ଓ ଦରିଦ୍ରତା ସେମାନଙ୍କୁ ନିଜର ଶେଷ ହେଉନଥିବା ପଞ୍ଝାରେ ବାନ୍ଧି ରଖିଛି । ଏହା ଏପରି ଏକ ଚକ୍ର, ଯାହା ସମାଜ ପାଇଁ ଭୀଷଣ କ୍ଷତି ପହଂଚାଇବାର କାରଣ ଅଟେ । ଆଜିର ଏହି ଦୁନିଆରେ ଏହି ଦରିଦ୍ର ଓ ଅଭାବ ଗ୍ରସ୍ତଙ୍କ ଦୁଃଖ କଷ୍ଟ ଏ ଯୁଗର ଉନ୍ନତି ମୂଳକ ସାଧନ ଗୁଡିକ ଯୋଗୁ ବଢ଼ିଚାଲିଛି, କାରଣ ଯୁଦ୍ଧର ବିଧ୍ୱଂସଲୀଳା ଏବଂ ଦରିଦ୍ରତାର ଚକିରେ ପେଶି ହୋଇଥିବା ସାଧାରଣ ଲୋକମାନେ ମଧ୍ୟ ଏହା ଦେଖିପାରୁଛନ୍ତି କି ଧନୀ ଓ ଶକ୍ତିଶାଳୀ ରାଷ୍ଟ୍ରଗୁଡିକର ସାଧାରଣ ଲୋକମାନେ କିପରି ଆରାମ ଓ ଭୋଗବିଳାସ ସହିତ ଜୀବନ ବିତାଉଛନ୍ତି । ଯେବେ ସେମାନେ ଅନ୍ୟମାନଙ୍କୁ ଏହିପରି ଜୀବନ ବିତାଇବାର ଦେଖୁଛନ୍ତି ସେତେବେଳେ ସମାଜରେ ମାନବିକ ଅଧିକାରରେ ଦେଖାଯାଉଥିବା ଭିନ୍ନତା ମନଭିତରେ ପ୍ରତିକ୍ରିୟା ସୃଷ୍ଟି କରୁଛି ଏବଂ ତା ଉପରେ ପୁଣି ଲୁଣ ପକାଉଥିବା ଚରମପନ୍ଥୀ ତତ୍ୱ ଅଛନ୍ତି ଯେଉଁମାନେ ମନୋଭାବକୁ ଉଭାରୁଛନ୍ତି ଏବଂ ଆର୍ଥିକ ସାହାଯ୍ୟ ଓ ସ୍ତ୍ରୀ ପିଲାଙ୍କ ପାଇଁ ଉତମ ଓ ସୁଖ ସ୍ୱଚ୍ଛନ୍ଦର ଜୀବନର ନା କେବଳ ସ୍ୱପ୍ନ ଦେଖାଉଛନ୍ତି ବରଂ ସେଗୁଡିକ ହାସଲ କରିବା ପାଇଁ ପ୍ରତିଶ୍ରୃତି ମଧ୍ୟ ଦେଉଛନ୍ତି । ଏହିପରି ଅଶିକ୍ଷିତ ଯୁବକମାନେ ଉକ୍ତ ତତ୍ୱଙ୍କ ହାତରେ ଆସିଯାଉଛନ୍ତି । ସେମାନେ ତାଙ୍କର ମନ ଓ ବୁଦ୍ଧିର ଡୋରକୁ ନିଜ ହାତରେ ନେଇ ସେମାନଙ୍କ ମୁଣ୍ଡକୁ ଚରମପନ୍ଥୀ କାର୍ଯ୍ୟକଳାପ ପ୍ରତି ନିୟୋଜିତ କରୁଛନ୍ତି । ଏହି ଚରମପନ୍ଥୀ ତତ୍ୱ ଅଧିକାଂଶ ସମୟ ଏଥିରୁ ଲାଭ ଉଠାଉଛନ୍ତି କି ସେମାନଙ୍କ ରାଷ୍ଟ୍ରମୁଖ୍ୟ ସାଧାରଣ ଜନତାର ଅଧିକାରକୁ ପଛରେ ପକାଇଦେଇ ନିରାଶାର ପରିସ୍ଥିତି ସୃଷ୍ଟି କରୁଛନ୍ତି ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ କି ସବୁଠାରୁ ଅଧିକ ଦୁଃଖର ବିଷୟ ହେଉଛି ଏହା କି ଏହି ଯୁଦ୍ଧ ଗୁଡିକରେ ଯେଉଁ ଧ୍ୱଂସଲୀଳା ହୋଇଛି, ଗରିବ ଓ ଦରିଦ୍ରତାର ଚକିରେ ପେଶା ଯାଇଥିବା ଜାତିର ନେତାମାନେ ନିଜ ଜନତାଙ୍କ ଉନ୍ନତି ବିଷୟରେ ଭାବିବା ପରିବର୍ତ୍ତେ ଓ ସେମାନଙ୍କ ଦୁଃଖ କଷ୍ଟକୁ ଦୂରକରିବା ପାଇଁ ଚେଷ୍ଟା କରିବା ପରିବର୍ତ୍ତେ ଅଧିକାଂଶ ନିଜର ଧନସମ୍ପତି ଉଚ୍ଚ ଚୌକି ଓ ଶକ୍ତିକୁ ତିଷ୍ଠି ରଖିବାର ସାଧନ ପ୍ରତି ଧ୍ୟାନ ଆକର୍ଷଣ କରୁଛନ୍ତି । ଫଳତଃ ଏହା ହେଉଛି ସାଧାରଣ ଲୋକଙ୍କ ହୃଦୟରେ ନିଜ ଲିଡର୍‌ଙ୍କ ପାଇଁ କ୍ରୋଧ ଓ ଘୃଣା ଭାବ ସୃଷ୍ଟି ହେଉଛି ଏବଂ ସେମାନେ ପୃଥିବୀର ବଡ ବଡ ଶକ୍ତିଶାଳୀ ରାଷ୍ଟ୍ରମାନଙ୍କୁ ନିଜର ଶତ୍ରୁ ରୂପେ ବିବେଚନା କରୁଛନ୍ତି । ଏହା ଏପରି ସଂକଟ ଯାହାର ଭୟଙ୍କର ରୂପ ଆମକୁ ମୁସଲ୍‌ମାନ ଦେଶଗୁଡିକରେ ମଧ୍ୟ ଦୃଷ୍ଟିଗୋଚର ହେଉଛି । ନିଜ

ମାତୃଭୁମିରେ ଏପରି ଭୀଷଣ ଦୁଃଖ କଷ୍ଟକୁ ଦେଖି କିଛି ମୁସଲ୍‌ମାନ୍‌ମାନେ, ଯେଉଁମାନେ ବାହାର ଦେଶଗୁଡ଼ିକରେ ଲାଳନ ପାଳନ ହୋଇଛନ୍ତି ଏବଂ ଚରମପନ୍ଥୀ ତତ୍ତ୍ୱଙ୍କ ଅନ୍ତର୍ଗତ ଆସି ନିଜର ମନରେ ବିରକ୍ତିଭାବ ଓ ବ୍ୟତିବ୍ୟସ୍ତର ଶିକାର ହେଉଛନ୍ତି ଏବଂ ସେମାନେ ପାଶ୍ଚାତ୍ୟ ଦେଶଗୁଡ଼ିକ ଉପରେ ଭୟଙ୍କର ଆକ୍ରମଣ କରିଛନ୍ତି ।

ହଜୁର୍ ଅନୁୱର୍ ଅ:ବ:ଅ କହିଲେ- ସୁତରାଂ ମୁଁ ଏକଥା ଦୃଢ଼ତାର ସହିତ କହିପାରିବି କି ଯଦି ଆମେ ସଚ୍ଚା ହୃଦୟର ସହିତ ନିଜ ସଂସାରକୁ ସୁରକ୍ଷା କରିବା ପାଇଁ ଚାହୁଁଅଛେ ଏବଂ ଆମେ ଏହା ଚାହୁଁଅଛେ କି ଆସନ୍ତା ପିଢ଼ୀ ପାଇଁ ଗୋଟିଏ ସୁରକ୍ଷିତ ସମାଜ ଆମେ ଛାଡିକରି ଯିବା ତେବେ ଆମକୁ ଭରପୁର ଚେଷ୍ଟା କରିବାକୁ ହେବ କି ଥାର୍ଡ୍ ୱାର୍ଲଡ୍ (ତୃତୀୟ ସଂସାରର ଲୋକ)ର ଲୋକମାନଙ୍କର ଜୀବନ ଶୈଳୀ ନ୍ୟାୟପୁର୍ଣ୍ଣ ଶୈଳୀରେ ପ୍ରତିଷ୍ଠା ହେଉ । ଗରିବ ଜାତିକୁ ଘୃଣ୍ୟ ଚକ୍ଷୁରେ ଦେଖିବା ପରିବର୍ତେ ଆମେ ସେମାନଙ୍କୁ ସାମାଜିକ ଭାଇ ବୋଲି ଭାବିବା ଉଚିତ୍ ଅର୍ଥାତ୍ ସେମାନେ ହେଉଛନ୍ତି ଆମର ଭାଇଭଉଣୀ । ଉନ୍ନତଶୀଳ ରାଷ୍ଟ୍ରଗୁଡ଼ିକୁ ନିଜ ଗୋଡରେ ଛିଡା ହେବାପାଇଁ ଆମେ ଯେଉଁ ସାହାଯ୍ୟ ଯୋଗାଇଦେବୁ ଓ ସମାନତା ସୃଷ୍ଟି କରିବା ପାଇଁ ଆମେ ଯେଉଁ ସାହାଯ୍ୟ କରିବୁ ତାହା ବାସ୍ତବରେ ଆମ ନିଜର ସାହାଯ୍ୟ ହେବ, ଯାହା ମାଧ୍ୟମରେ ଆମେ ପୃଥିବୀର ଶାନ୍ତି ସମ୍ଭବ କରିପାରିବା ନଚେତ୍ ଆମେ ଏହା ଦେଖୁଅଛୁ କି ଉନ୍ନତଶୀଳ ରାଷ୍ଟ୍ରଗୁଡ଼ିକରେ ଦାରିଦ୍ର୍ୟତାର ବିଯୁକ୍ତାତ୍ମକ ପ୍ରଭାବ ବାକି ସମସ୍ତ ସଂସାରକୁ ମଧ୍ୟ ସାଥିରେ ଗୁଡାଇ ନେଇଯାଉଛି ।

ହଜୁର୍ ଅନୁୱର୍ ଅ:ବ:ଅ କହିଲେ କି ପୁଣି ବର୍ତମାନ ଯେଉଁ ସନ୍ତ୍ରାସବାଦ ଆକ୍ରମଣର ଘଟଣା ଏବଂ ପାଶ୍ଚାତ୍ୟ ଦେଶଗୁଡ଼ିକୁ ବହୁ ସଂଖ୍ୟାରେ ଲୋକମାନଙ୍କର ହିଜ୍‌ରତ୍ କରିବା ଏବଂ ଜାତୀୟତାବାଦର ଭାବନା ପାଶ୍ଚାତ୍ୟ ଦେଶଗୁଡ଼ିକର ବ୍ୟାପକ ଅଂଚଳରେ ପ୍ରସାର ଲାଭ କରିଯିବା ହେଉଛି ଏପରି ତତ୍ତ୍ୱ ଯଦ୍ୱାରା ପୃଥିବୀରେ ଗୋଟିଏ ଅନ୍ଧକାର ଯୁଗର ସ୍ମୃତି ଓ ଭୟ ସୃଷ୍ଟି କରୁଛି । ଏକଥା ମଧ୍ୟ ଚିନ୍ତାର ବିଷୟ କି ଦକ୍ଷିଣପନ୍ଥୀମାନଙ୍କ ଚରମପନ୍ଥୀ ସଂଗଠନର ସ୍ୱର ଶୁଣିବାକୁ ମିଳିଲାଣି ଏବଂ ରାଜନୈତିକ ମାହୋଲରେ ମଧ୍ୟ ସେମାନଙ୍କର ପ୍ରଭାବ ବଢ଼ିବାକୁ ଲାଗିଲାଣି । ଯେଉଁମାନେ ବିଭିନ୍ନ ଜାତି,ବର୍ଣ୍ଣ ବା ବିଭିନ୍ନ ପ୍ରଥାକୁ ପାଳନ କରୁଥିବା ଲୋକମାନଙ୍କ ଖିଲାଫ୍ ସମାଜରେ ବିଷ ଓଗାଳୁଛନ୍ତି ସେମାନେ ମଧ୍ୟ ହେଉଛନ୍ତି ସନ୍ତ୍ରାସବାଦ ।

ହଜୁର୍ ଅନୁୱର୍ ଅ:ବ:ଅ କହିଲେ ଏହା ବି ଗୋଟିଏ ସତ୍ୟ ଅଟେ କି ଶକ୍ତିଶାଳୀ ଦେଶଗୁଡ଼ିକର କିଛି ନେତା ନିଜ ବୟାନ୍‌ରେ ଜାତୀୟତାବାଦ ଉପରେ ଜୋର୍ ଦେଉଛନ୍ତି କାରଣ ସେମାନେ ନିଜ ଦେଶର ନାଗରିକଙ୍କ ସହିତ ଏ ପ୍ରତିଶୃତି କରିଛନ୍ତି କି ସେମାନେ ଅନ୍ୟ ପ୍ରତ୍ୟେକ ବସ୍ତୁ ଉପରେ ତାକୁ ଅଗ୍ରାଧିକାର ଦେବେ । ମୁଁ ଏଥିରେ କୌଣସି ମତଭେଦ ରଖୁନାହିଁ କି ସରକାର ନେତାମାନଙ୍କର ପ୍ରଥମ କର୍ତବ୍ୟ ହେଉଛି ନିଜ ନାଗରିକମାନଙ୍କର ଅଧିକାରକୁ ସୁରକ୍ଷା ପ୍ରଦାନ କରାଇବା । ଏକଥା ଗୋଟିଏ ସୀମା ଭିତରେ ଠିକ୍ ଅଛି । କିନ୍ତୁ ଯେପର୍ଯ୍ୟନ୍ତ ଏହି ନେତାମାନେ ନ୍ୟାୟ ଉପରେ ତିଷ୍ଠି ରହିଛନ୍ତି ଓ ଅନ୍ୟର ଅଧିକାରକୁ କ୍ଷୁର୍ଣ୍ଣ କରୁନାହାଁନ୍ତି ସେପର୍ଯ୍ୟନ୍ତ ନିଜ ନାଗରିକମାନଙ୍କ ଜୀବନ ସ୍ତରକୁ ଉନ୍ନତ କରିବା ତାଙ୍କ ପାଇଁ ବହୁତ ଭଲ କଥା କିନ୍ତୁ ଯେଉଁ ଆଧାରରେ ଏହି କାର୍ଯ୍ୟଶୈଳୀ ବନାଯାଉଛି ଯେଉଁଥିରେ ଲୋଭ, ମୋହ ଓ ଅନ୍ୟର ଅଧିକାରକୁ କ୍ଷୁର୍ଣ୍ଣ କରିବାର ଆକାଂକ୍ଷା ଥିବ ତାହା ଭୁଲ୍ କାର୍ଯ୍ୟ ଶୈଳୀ ଅଟେ ଓ ଏହାଦ୍ୱାରା ଦୁନିଆରେ ଗୋଷ୍ଠୀ କନ୍ଦଳ ଓ ବିଦ୍ୱେଷଭାବର ମଞ୍ଜୀ ବୁଣାହୋଇଥାଏ ।

ହଜୁର୍ ଅନୁୱର୍ ପୁଣି କହିଲେ କି ବର୍ତମାନ ମୁଁ ଆଉଗୋଟିଏ ବିଷୟ ଆଡକୁ ଆସୁଛି । ତାହା ହେଉଛି ଆନ୍ତର୍ଜାତୀୟ ସ୍ତରରେ ଯୁଦ୍ଧାସ୍ତ୍ରର ବେପାର । ବର୍ତମାନ ଏ ଦୁନିଆ ନିଜକୁ ଅତୀତର ସମସ୍ତ ଯୁଗଠାରୁ ବଳି ସଭ୍ୟ ବୋଲାଉଛି । ଏହା ସତ୍ୱେ ମଧ୍ୟ ୨୦୧୮ ମସିହାର ଅବସ୍ଥା ହେଉଛି ଏହା କି ଏପରି ଯୁଦ୍ଧାସ୍ତ୍ରର ବ୍ୟବହାର କରାଯାଉଛି ଯାହାର ବ୍ୟବହାର ଆମେ କେବଳ ମନୁଷ୍ୟ ଜାତିକୁ ଧ୍ୱଂସ କରିବା ପାଇଁ କରିପାରିବା । ଯାହାଫଳରେ ଏପରି ଦେଶଗୁଡ଼ିକ ଅଛନ୍ତି ଯାହା ସମ୍ପୂର୍ଣ୍ଣ ରୂପେ ଧ୍ୱଂସ ହୋଇସାରିଛନ୍ତି । ଶିରିଆ, ଇରାକ୍, ୟମନ୍ ଭଳି ଦେଶଗୁଡ଼ିକରେ ନିଜ ସରକାରଙ୍କ ଶକ୍ତି ଓ ବିଦ୍ରୋହୀ ଗୋଷ୍ଠୀମାନଙ୍କର ଶକ୍ତି ଏବଂ ସନ୍ତ୍ରାସବାଦ ଗୋଷ୍ଠୀ ଜଣେ ଅନ୍ୟଜଣକ ସହିତ ଯୁଦ୍ଧ କରୁଅଛନ୍ତି । ସେମାନଙ୍କର ଭିନ୍ନଭିନ୍ନ ଦୃଷ୍ଟିକୋଣ ଓ ଭିନ୍ନଭିନ୍ନ ଲାଭ ଏଥିରେ ନିହିତ ଅଛି କିନ୍ତୁ ଏହା ସତ୍ୱେ ମଧ୍ୟ ଗୋଟିଏ କଥା ଆପୋଷରେ ଏକାଭଳି ଦୃଷ୍ଟିଗୋଚର ହେଉଅଛି ଓ ତାହା ହେଉଛି ଯୁଦ୍ଧାସ୍ତ୍ର ଯାହା ଉନ୍ନତ ରାଷ୍ଟ୍ରଗୁଡ଼ିକରେ ପ୍ରସ୍ତୁତ କରାଯାଇଛି । ବହୁତ ଅହଂକାର ସହିତ ଓ ଖୋଲାଖୋଲି ରୂପେ ଶକ୍ତିଶାଳୀ ରାଷ୍ଟ୍ରଗୁଡ଼ିକ ଏହି ଯୁଦ୍ଧାସ୍ତ୍ରର ବେପାର କରୁଛନ୍ତି ଓ ସେହି ଯୁଦ୍ଧାସ୍ତ୍ରର ବ୍ୟବହାର ଯୋଗୁ ନିରୀହ ଲୋକମାନଙ୍କର ଜୀବନ ଶେଷ କରିବା, ପଙ୍ଗୁକରିବା ଓ ନିର୍ମମତାର ଗାଢ଼ ଭିତରକୁ ଫିଙ୍ଗିଦେବାର କାର୍ଯ୍ୟ ନିଆଯାଉଛି ।

ହଜୁର୍ ଅନୁୱର୍ ପୁଣି କହିଲେ କି ଦୁଃଖର କଥା ହେଉଛି ଏହା ଯେ ଏହି ପ୍ରକାରର ସରକାର ନିଜର ସମସ୍ତ ଧ୍ୟାନ ଏହା ଉପରେ କେନ୍ଦ୍ରୀଭୁତ କରିଛନ୍ତି କି କିପରି ସେମାନଙ୍କର ଆର୍ଥିକ ଅବସ୍ଥାର ଉନ୍ନତି ହେବ ଏବଂ ସେମାନଙ୍କ ଦେଶର ଧନସମ୍ପତି ବୃଦ୍ଧି ଘଟିବ । ଏହି କାର୍ଯ୍ୟଶୈଳୀକୁ ଆପଣେଇବା ଦ୍ୱାରା ଦୁନିଆରେ କଣ ସବୁ ସମସ୍ୟ ଉପୁଜିବ ତା ଉପରେ ଏମାନେ କିଛି କ୍ଷଣ ପାଇଁ ମଧ୍ୟ ଚିନ୍ତା କରୁନାହାଁନ୍ତି । ସେମାନେ ବହୁତ ଉତ୍ସାହିତ ହୋଇ ଓ ନିଜର ସମସ୍ତ ସାମର୍ଥ୍ୟକୁ ବିନିଯୋଗ କରି ଏପରି ଚୁକ୍ତି ନିର୍ଦ୍ଧାରିତ କରୁଛନ୍ତି ଯଦ୍ୱାରା ବିଧ୍ୱଂସକାରୀ ଅସ୍ତ୍ରଶସ୍ତ୍ରଗୁଡ଼ିକୁ ଭଲ ଓ ଉଚିତ୍ ମୂଲ୍ୟରେ ବିକାଯାଇପାରିବ ଯେବେକି ସେହି ଅସ୍ତ୍ରଶସ୍ତ୍ର ଗୁଡ଼ିକରୁ ଯଦି ଗୋଟିଏ ଅସ୍ତ୍ର ମଧ୍ୟ ବ୍ୟବହାର କରାଯିବ ତେବେ ତାହା ଜଣେ ନିରୀହ ବା ପାପୀ ମଧ୍ୟରେ ଫରକ କରିବନାହିଁ । କିନ୍ତୁ ସେମାନେ ଅତ୍ୟନ୍ତ ଗର୍ବର ସହିତ ଏହିଭଳି ଅସ୍ତ୍ରଶସ୍ତ୍ର ବିକ୍ରି କରୁଛନ୍ତି, ଯାହା ଛୋଟଛୋଟ ପିଲା, ମହିଳା ବା ଭିନ୍ନକ୍ଷମଙ୍କ ମଧ୍ୟରେ ତିଳେମାତ୍ର ଫରକ କରେନାହିଁ । ଲଜ୍ଜାହୀନ ଭାବେ ଏହିସବୁ ଅସ୍ତ୍ରଶସ୍ତ୍ର ଗୁଡ଼ିକ ବିକ୍ରି କରାଯାଉଛି, ଯାହା ଲୋକମାନଙ୍କର ଆବାଦୀ ଓ ସହର ଗୁଡ଼ିକୁ ଧ୍ୱଂସ କରିଦେଉଛି । ଏହି ଅସ୍ତ୍ରଶସ୍ତ୍ରଗୁଡ଼ିକୁ ବିକ୍ରି କରୁଥିବା ଦେଶଗୁଡ଼ିକର ଆର୍ଥିକ ଅବସ୍ଥାକୁ ସାମୟିକ ଲାଭ ତ ମିଳୁଛି କିନ୍ତୁ ଲକ୍ଷ ଲକ୍ଷ ମଣିଷଙ୍କର ରକ୍ତରେ ସେମାନଙ୍କର ହାତ ରଙ୍ଗାୟିତ ହେଉଛି । ଅଗଣତି ନିରୀହ ପିଲା ନିଜ ମା'ବାପାକୁ ଏଭଳି ବର୍ବରତାର ସହିତ ନିଜ ଆଖି ସମ୍ମୁଖରେ ମରୁଥିବାର ଦେଖୁଛନ୍ତି ଓ ସେମାନେ କେବଳ ବିବଶତାର ସହିତ ଏହାକୁ ଅନାଇ ରହିଛନ୍ତି । ସେମାନଙ୍କ ନିକଟରେ କୌଣସି ଉତର ନାହିଁ କି ସେମାନଙ୍କର ମା'ବାପା କାହିଁକି ତାଙ୍କଠାରୁ ଛଡାଇ ନିଆଗଲେ । ହଜାର ହଜାର ସଂଖ୍ୟାରେ ମହିଳାମାନେ ବେୱା ଅବସ୍ଥାରେ ରହିଯାଉଛନ୍ତି, ଯାହାଙ୍କ ଜୀବନର ସମସ୍ତ ଆଶାକୁ ଧୂଳିସାତ୍ କରିଦିଆଯାଉଛି । ଫଳତ ସେମାନେ ଏ ସଂସାରର ବିଭିନ୍ନ ଦୁଃଖ କଷ୍ଟର ଶିକାର ହେଉଛନ୍ତି ।

ହଜୁର୍ ଅନୁୱର୍ କଥାକୁ ବୁଝାଇବା ଶୈଳୀରେ କହିଲେ କି ଏହି ସମସ୍ତ ଧ୍ୱଂସ ବିଧ୍ୱଂସରୁ କଣ ଲାଭ ମିଳିପାରିବ ? ମୁଁ ତ ଏହିପରି ଅବସ୍ଥାରୁ ବାହାରି ଯିବାପାଇଁ ଏପରି ଗୋଟିଏ ପିଲାର ଚିନ୍ତା କରୁଅଛି ଯିଏ ବୋଧହୁଏ ଏହିଭଳି ତତ୍ତ୍ୱଙ୍କ ହାତରେ ଆସିଯିବ, ଯେଉଁମାନେ ଏ ସଂସାରର ଶାନ୍ତିକୁ ବର୍‌ବାଦ୍ କରିବା ପାଇଁ ଚାହୁଁଛନ୍ତି ।

ହଜୁର୍ ଅନୁୱର୍ କହିଲେ- ଯେତେବେଳେ ଗୋଟିଏ ଛୋଟପିଲା ବା ଯୌବନର ପ୍ରାରମ୍ଭରେ ପାଦ ଥାପୁଥିବା ପିଲା ଏହି ଦୃଶ୍ୟଗୁଡ଼ିକୁ ନିଜ ଆଖିରେ ଦେଖେ କି ତାର ବାପ ମା' ଭୀଷଣ ବର୍ବରତାର ସହିତ ତା ଠାରୁ ଛଡାଇ ନିଆଯାଉଛି ତେବେ ତା ପରେ ତାର ପ୍ରତିକ୍ରିୟା ଦେଖାଇବାରେ କିଏ ଅଛି ତା ଉପରେ ଆରୋପ ଲଗାଇପାରିବ । ମୁଁ ଏହାପୂର୍ବରୁ କହିସାରିଛି କି ଏହି ଚରମପନ୍ଥୀ କାର୍ଯ୍ୟକଳାପ ସେହି ପିଲାମାନଙ୍କୁ ଓ ଯୁବକମାନଙ୍କୁ ନିଜର ଶିକାର ବନାଉଛି, ଯେଉଁମାନେ ଦରିଦ୍ରର ଖାଇ ଭିତରେ ପଡ଼ିଛନ୍ତି ଏବଂ ଯୁଦ୍ଧର ଧ୍ୱଂସଲୀଳା ଯାହାଙ୍କ ମନକୁ ଛିନ୍‌ଭିନ୍ କରିଦେଇଛି । ଏହି ଚରମପନ୍ଥୀ ଗୋଷ୍ଠୀମାନେ ଏପରି ଯୁବକମାନଙ୍କୁ ଫସାଇବାରେ ସଫଳ ହୋଇଯାଉଛନ୍ତି ଯାହାଙ୍କ ବିଷୟରେ ସେ ଜାଣିବାକୁ ପାଉଛନ୍ତି କି ସେମାନଙ୍କୁ ଭାବନାକୁ ସହଜରେ ଉକ୍‌ସାଇ ଦିଆଯାଇପାରିବ । ଫଳତଃ ସେମାନଙ୍କୁ ପ୍ରତିଶୋଧ ନେବାପାଇଁ ଓ ରକ୍ତପାତ କରିବା ପାଇଁ ପ୍ରୋତ୍ସାହିତ କରି ସନ୍ତ୍ରାସବାଦ କାର୍ଯ୍ୟକଳାପ ଯୋଜନାରେ ବ୍ୟବହାର କରାଯାଇପାରିବ । ସେହି ପିଲାମାନେ ସ୍କୁଲ୍ ଯାଇଥାଆନ୍ତେ, ଶିକ୍ଷା ହାସଲ କରିଥାଆନ୍ତେ ଓ ଭଲ ନାଗରିକ ହୋଥାନ୍ତେ, ଯେଉଁମାନେ କାନୁନ୍ ମାନି ଚଳିଥାଆନ୍ତେ କିନ୍ତୁ ଏହା ପରିବର୍ତେ ସେହି ପିଲାମାନଙ୍କୁ କେବଳ ଏହି ତର୍‌ବିୟତ୍ ମିଳୁଅଛି କି କିପରି ଗ୍ରେନେଡ୍, ମିଜାଇଲ୍ ଏବଂ ଆତ୍ମଘାତି ଆକ୍ରମଣ କରାଯିବ ଯଦ୍ୱାରା ଏ ସଂସାରର ଶାନ୍ତି ବର୍‌ବାଦ୍ ହେବ । ପୁଣି କିଛି ଦେଶମାନେ ବିନା କାରଣରେ ହଜାର ହଜାର ମାଇଲ୍ ଦୂରରେ ଥିବା ଝଗଡ଼ାରେ ସଂପୃକ୍ତ ହେଉଛନ୍ତି ଓ ନିଜର ସେନାମାନଙ୍କ ଜରିଆରେ ବା ଆକାଶ ମାର୍ଗରୁ ହମ୍‌ଲା କରି ଦୂର ଦୂରାନ୍ତ ଦେଶଗୁଡ଼ିକ ଉପରେ ଆକ୍ରମଣ କରୁଛନ୍ତି ।

ହଜୁର୍ ଅନୁୱର୍ ପୁଣି କହିଲେ କି ଅନେକ ଘଟଣାରୁ ଏ ସାକ୍ଷ ମିଳୁଛି କି ବର୍ତମାନ ଏ ଦୁନିଆ ନିଜର ବିଗତ ଭୁଲ୍ ତୃଟିଗୁଡ଼ିକରୁ କିଛି ଶିକ୍ଷା ହାସଲ କରିନାହିଁ । ବଡ ପରିସରରେ ଏକଥାକୁ ସ୍ୱୀକାର କରାଯାଉଛି କି ୨୦୦୩ ମସିହାରେ ଲଢ଼ାଯାଇଥିବା ଇରାକ୍ ଯୁଦ୍ଧ ଅନ୍ୟାୟ ଉପରେ ପର୍ଯ୍ୟବେଶିତ ଥିଲା ଓ ଭୁଲ୍ ସାକ୍ଷ ଉପରେ ଆଧାରିତ ଥିଲା । ସେହିପରି ଲିବିୟା ଯେଉଁପ୍ରକାରର ବିଭ୍ରାଟ ଭିତରେ ଘେରିହୋଇଗଲା ଓ ଚରମପନ୍ଥୀ ତତ୍ତ୍ୱକୁ ବଢ଼ିବା ପାଇଁ ଗୋଟିଏ ସ୍ଥାନ ହୋଇଗଲା । ଏପରି ଅବସ୍ଥା କିଛି ବର୍ଷ ପୂର୍ବେ ସୃଷ୍ଟି ହୋଇଛି । ଯେତେବେଳେ ପାଶ୍ଚାତ୍ୟ ଶକ୍ତିଗୁଡ଼ିକ ଲିବିୟାରେ ନିଜର ସିଦ୍ଧାନ୍ତ ମୁତାବକ ପଦକ୍ଷେପ ଉଠାଇଲେ । ଏହି ପ୍ରକାରର ଫଳ ହେବା ସତ୍ୱେ ବଡ ଶକ୍ତିଶାଳୀ ରାଷ୍ଟ୍ରଗୁଡ଼ିକ ଏଥିରୁ କିଛି ଶିକ୍ଷା ହାସଲ କଲେନାହିଁ । ବଡ ବଡ ସହର ଓ ଲୋକମାନଙ୍କର ଆବାଦୀ ଏକାବେଳକେ ମାଟି ଭିତରେ ମିଶିଗଲା । ଓ ହଜାର ହଜାର ସୌଦ୍ଧ ମାଟିରେ ମିଶାଇ ଦିଆଗଲା ।

ହଜୁର୍ ଅନୁୱର୍ ଅ:ବ:ଅ ପୁଣି କହିଲେ ପ୍ରାରମ୍ଭରେ ମୁଁ ଚର୍ଚ୍ଚା କରି ଆସିଛି ଯେ ଜାତିସଂଘର ଧ୍ୟାନର କେନ୍ଦ୍ର ବର୍ତମାନ ଋତୁଚକ୍ରର ପରିବର୍ତନ ଉପରେ ରହିଛି ଏବଂ ଏ ଆଶା ରହିଛି କି ଯେଉଁ ପରିବେଶରେ ଆମେ ନିଃଶ୍ୱାସ ନେଉଛୁ ତାହା କିପରି ସ୍ୱଚ୍ଛ ଓ ସ୍ୱସ୍ଥ ରହୁ । କଣ ଏପରି କୌଣସି ବ୍ୟକ୍ତି ଅଛନ୍ତି ଯିଏ ଏକଥା ଭାବୁଥିବ କି ଏତେ ମାତ୍ରାରେ ଭୀଷଣ ବମ୍ବାଡ୍‌ମେଂଟ୍ ହେବାଦ୍ୱାରା ପରିବେଶ ଉପରେ ଏହାର ପ୍ରଭାବ ପଡ଼ିବ ନାହିଁ ? ଯଦି କେବେ ଯୁଦ୍ଧରେ ଧ୍ୱଂସ ହୋଇଯାଇଥିବା ଦେଶଗୁଡ଼ିକରେ ଶାନ୍ତି ସ୍ଥାପନ ସମ୍ଭବ ହୋଇପାରେ ତେବେ ସେମାନଙ୍କ ସହର ଓ ଗୃହ ଗୁଡ଼ିକୁ ମୂଳଦୁଆଠାରୁ ନୂତନ ରୂପେ ନିର୍ମାଣ କରିବାକୁ ପଡ଼ିବ । ଏବଂ ଏହା ଏପ୍ରକାର ମହାନ୍ ନିର୍ମାଣ କାର୍ଯ୍ୟ ହେବ ସେ ସମୟରେ କ୍ଷତିକାରକ ଡିଜେଲ୍ ଇତ୍ୟାଦିରୁ ନିର୍ଗତ ଧୁଆଁ ପରିବେଶକୁ ଖରାପ କରିବ । ଗୋଟିଏପଟେ ତ ଆମେ ଏହି ପୃଥିବୀକୁ ସୁରକ୍ଷିତ ରଖିବା ପାଇଁ ଚେଷ୍ଟା କରୁଛୁ, ଯେବେ କି ଅନ୍ୟ ହାତରେ ଆମେ କ୍ରୁରତାର ସହିତ ସେହି ପୃଥିବୀକୁ ଧ୍ୱଂସ କରିବା ପାଇଁ ପଦକ୍ଷେପ ନେଉଅଛୁ । ଏ ସମସ୍ତ ସାକ୍ଷର ଆଲୋକରେ ମୋର ବିଶ୍ୱାସ ଅଛି କି ଏ ଦୁନିଆର ବଡ ଶାକ୍ତିଶାଳୀ ରାଷ୍ଟ୍ରଗୁଡ଼ିକର ନ୍ୟୂନ ଦୃଷ୍ଟିକୋଣ ସେମାନଙ୍କ ଆଖି ଉପରେ ପରଦା ପକାଇ ଦେଇଛି ।

ହଜୁର୍ ଅନୁୱର୍ କହିଲେ ଅସ୍ତ୍ରଶସ୍ତ୍ରକୁ ପ୍ରୋତ୍ସାହନ ଦେବାପାଇଁ ସବୁଠାରୁ ବଡ ଦଲିଲ୍ ଏହା ଦିଆଯାଉଛି କି ଅସ୍ତ୍ରଶସ୍ତ୍ର ହାସଲ କରିବା ଦ୍ୱାରା ଆକ୍ରମଣକାରୀଙ୍କ ସାହସ ଦୁର୍ବଳ ପଡ଼ିଯାଉଛି ଓ ଏହିପରି ଶାନ୍ତି ସ୍ଥାପନ ହୋଇପାରିବ । କିନ୍ତୁ ବାସ୍ତବରେ ଯେଉଁକ୍ଷଣି ନିଜ ଟେଲିଭିଜନ୍‌କୁ ଅନ୍ କରୁଛୁ ଓ କିଛି କ୍ଷଣ ପାଇଁ ଖବର ଦେଖିଥାଉ, ଯଥାଶିଘ୍ର ଏହି ବାସ୍ତବିକତା ପରିପ୍ରକାଶ ହୋଇଯାଉଅଛି କି ଏହିପ୍ରକାରର ଦଲିଲ୍ ହେଉଛି ଭୁଲ୍ ଓ ଏହା ଆଖିର ଏକ ଧୋକା । ପ୍ରକୃତ କଥା ହେଉଛି ଏହା କି ସେହି ସବୁ ହଜାର ହଜାର ନିରୀହ ପିଲାମାନେ, ଯେଉଁମାନେ ଏହି ବିଧ୍ୱଂସକାରୀ ଅସ୍ତ୍ରଶସ୍ତ୍ର ବ୍ୟବହାର କରିବା ସମୟରେ ନିଜ ମା'ବାପାଙ୍କ ଠାରୁ ବିଚ୍ଛିନ୍ନ ହୋଇଗଲେ ବା ସେମାନଙ୍କର ହାତ,ଗୋଡ ବା ଅନ୍ୟାନ୍ୟ ଅଙ୍ଗ ନଷ୍ଟ ହୋଇଗଲା, ସେମାନଙ୍କୁ ଏହି ଯୁକ୍ତି କଦାପି ଗ୍ରହଣୀୟ ଉପଯୋଗୀ ହେବନାହିଁ ନା ଏହି ଦଲିଲ୍ ସେହି ସବୁ ହଜାର ହଜାର ମହିଳାମାନଙ୍କୁ ମନାଇପାରିବ, ଯେଉଁମାନେ ଏହି ଯୁଦ୍ଧ ସମୟରେ ବେୱା ହୋଇଯାଇଛନ୍ତି ଏବଂ ନା ହିଁ ସେହି କୋଟିକୋଟି ଲୋକମାନଙ୍କୁ ମନାଇପାରିବ, ଯେଉଁମାନଙ୍କ ହସଖୁସିର ଘରକୁ ନଷ୍ଟ କରିଦିଆଗଲା । ଯଦି ଆମେ ଏ ମନୋଭାବ ରଖିଛେ କି ନିଜ ପିଲାମାନଙ୍କ ପାଇଁ ଆଶାର ସଂସାର ଛାଡିକରି ଯିବା ଓ ନିଜ ଆସନ୍ତା ପିଢ଼ୀମାନଙ୍କୁ ଗୋଟିଏ ଶାନ୍ତିପୁର୍ଣ୍ଣ ସଂସାର ରହିବା ପାଇଁ ଦେଇପାରିବା ତେବେ ଆମେ ନିଜର ଧର୍ମ, ପ୍ରଥାକୁ ଗୋଟିଏପଟେ ରଖି ଆଉଗୋଟିଏ ପଟେ ଏ ସଂସାରକୁ ପରିବର୍ତନ କରିବା ପାଇଁ ଚେଷ୍ଟା କରିବା ଉଚିତ୍ । ଯଦିଚ ଭୌତିକବାଦ ଓ ଶକ୍ତି ହାସଲ କରିବା ଆମ ମନୋଭାବ ଉପରେ ପ୍ରଭୁତ୍ୱ ବହନ କରିଛି, ପ୍ରତ୍ୟେକ ଦେଶ ଓ ଜାତି, ସେ ଧନୀ ହୋଇଥାଉ କି ଗରୀବ, ତାକୁ ସମଗ୍ର ସଂସାରର ଶାନ୍ତି ଓ ସୌହାର୍ଦ୍ଦ୍ୟ ପାଇଁ ଅନ୍ୟ ସମସ୍ତ ବସ୍ତୁଙ୍କ ଉପରେ ଅଗ୍ରାଧିକାର ଦେବାକୁ ହେବ । ଯୁଦ୍ଧାସ୍ତ୍ର ହାସଲ କରିବା ଦୌଡରେ ସାମିଲ୍ ହେବା ପରିବର୍ତେ, ଯାହା ଧ୍ୱଂସର କାରଣ ଅଟେ, ଆମକୁ ମାନବ ଜାତିର ସୁରକ୍ଷା ନିମନ୍ତେ ଥିବା ଦୌଡରେ ସାମିଲ୍ ହେବା ଉଚିତ୍ ।

ହଜୁର୍ ଅନୁୱର୍ ଅ:ବ:ଅ କହୁଛନ୍ତି- ଯୁଦ୍ଧକୁ ପ୍ରୋତ୍ସାହନ ଦେବା, ଦେଶର ସୀମାଗୁଡ଼ିକୁ ଓ ବନ୍ଦର ଗୁଡ଼ିକୁ ବନ୍ଦ୍ କରିବା, ଯାହାଫଳରେ ନିରୀହ ପିଲାମାନେ ଭୋକିଲାର ଦଣ୍ଡରେ ଘାଂଟିହେବେ ଏବଂ ରୋଗୀମାନଙ୍କୁ ଚିକିତ୍ସାରୁ ବଂଚିତ ରଖିବା

ପରିବର୍ତ୍ତେ ଆମକୁ ନିଜର ହୃଦୟ ଓ ମନକୁ ଜଣେ ଅନ୍ୟଜଣଙ୍କ ପାଇଁ ଖୋଲିଦେବା ଉଚିତ୍ । ଆମକୁ ବିଭାଜନ କରୁଥିବା ପ୍ରାଚୀରକୁ ଭାଙ୍ଗିଦେବାକୁ ହେବ । ଭୋକଶୋଷର କଷ୍ଟ ପ୍ରପୀଡିତ ଲୋକମାନଙ୍କ ପାଇଁ ଆମେ ସାହାଯ୍ୟକାରୀ ହେବା ଉଚିତ୍ ।

ହଜୁର୍ ଅନୁୱର୍ କହିଲେ- ଯେଉଁଠି ରାଜନୈତିକ ଶତୃତାର ସମ୍ବନ୍ଧ ରହିଛି ଆମେରିକା ଏବଂ ଉତରକୋରିଆ ମଧ୍ୟରେ କୌଣସି ମଧ୍ୟ ଝଗଡା ଏ ସଂସାରର ଶାନ୍ତିକୁ ସଦାବେଳପାଇଁ ବିପଦ ମୁହଁକୁ ଠେଲିଦେବ ଓ ଦୁଇଜଣଙ୍କ ମଧ୍ୟରେ କୌଣସି ଏକ ବିବାଦ ମଧ୍ୟ ଦକ୍ଷିଣକୋରିଆ, ଚୀନ୍ ଏବଂ ଜାପାନ୍ ଉପରେ ଭୀଷଣ ପ୍ରଭାବ ପକାଇପାରେ ।

ହଜୁର୍ ଅନୁୱର୍ ଆମେରିକା ଏବଂ ଉତରକୋରିଆର ରାଷ୍ଟ୍ରପତିଙ୍କ ମଧ୍ୟରେ ଯୋଗାଯୋଗର ଯେଉଁ ଚେଷ୍ଟା ଚାଲିଛି ସେ ପ୍ରସଙ୍ଗରେ କହିଲେ କି ସେମାନଙ୍କ ମଧ୍ୟରେ ଯଦି କୌଣସି ଚୁକ୍ତ ଧାର୍ଯ୍ୟ ହୁଏ ତେବେ ଇଶ୍ୱର ହିଁ ଠିକ୍ ଜାଣିଛନ୍ତି କି ଏହା କେତେଦୂର ତିଷ୍ଠି ରହିବ କାରଣ ଦୁଇପକ୍ଷଙ୍କ ମଧ୍ୟରେ ଭୀଷଣ ଶତୃତାଭାବର ଚେର ଲାଗିରହିଛି, ଯେପରିକି କିଛି ବର୍ଷ ପୂର୍ବେ ଇରାନ୍ ସହିତ ସବୁଜ ଶକ୍ତିପାଇଁ ଯେଉଁ ଚୁକ୍ତି କରାଯାଇଥିଲା ସେଥିରେ ଇରାନ୍ ଏବଂ ପାଶ୍ଚାତ୍ୟ ରାଷ୍ଟ୍ରଗୁଡିକ ଆପୋଷରେ ରାଜି ହୋଇଥିଲେ କିନ୍ତୁ କିଛି ବର୍ଷ ବିତିଯିବା ପରେ ବର୍ତମାନ ଅବସ୍ଥା ଏହା କି ଉକ୍ତ ଚୁକ୍ତିର ଅବସ୍ଥା ମଧ୍ୟ କ୍ଷୀଣ ହୋଇଯାଇଛି ।

ହଜୁର୍ ଅନୁୱର୍ ଅ:ବ:ଅ କହିଲେ କି ଏହିପରି ବହୁତ ଗୁଡିଏ ବିବାଦ ରହିଛି, ଯାହାର ଲାଭା ଧୀରେଧୀରେ କୁହୁଳୁଛି ଓ ତାହା କୌଣସି ସମୟରେ ମଧ୍ୟ ଫାଟିଯିବାର ସମ୍ଭାବନା ଅଛି । ଯାହାର ଭୟଙ୍କର ଫଳାଫଳକୁ ଭାବିବା କଷ୍ଟକର ।

ହଜୁର୍ ଅନୁୱର୍ ଅ:ବ:ଅ କହିଲେ କି ଏଠାରେ ଏକଥାର ଧ୍ୟାନ ଦେବା ଉଚିତ୍ କି ଇସ୍ଲାମ୍ ଏ ଶିକ୍ଷା ଦେଇଥାଏ କି ଶାନ୍ତି ପ୍ରତିଷ୍ଠା କେବଳ ସେହି ଅବସ୍ଥାରେ ସମ୍ଭବ, ଯେବେ ହୃଦୟର ବିଦ୍ୱେଷ ଓ ଘୃଣାଭାବକୁ ବାହାର କରି ଫୋପାଡି ଦିଆଯାଏ ଓ ତା ସ୍ଥାନରେ ଗୋଟିଏ କ୍ଷମାପ୍ରଦାନକାରୀ ଆତ୍ମା ସୃଷ୍ଟି କରାଯାଉ ଓ ଆପୋଷ ପ୍ରେମ ଓ ଭଲପାଇବାର ଯୋଗାଯୋଗକୁ ଜଣେ ଅନ୍ୟଜଣଙ୍କ ସହିତ ପ୍ରତିଷ୍ଠା କରାଯାଉ ।

ହଜୁର୍ ଅନୁୱର୍ ଅ:ବ:ଅ କହିଲେ କି ଇସ୍ଲାମ୍‌କୁ ସାଧାରଣ ଚରମପନ୍ଥୀ ଓ ସନ୍ତ୍ରାସବାଦର ଧର୍ମ ରୂପେ ବିବେଚନା କରାଯାଉଛି ଓ ଏ ଆରୋପ ମଧ୍ୟ ଲଗାଯାଉଛି କି ମୁସଲ୍‌ମାନ୍‌ମାନଙ୍କର ଗୋଟିଏ ବହୁତ ବଡ ସଂଖ୍ୟା ଯେଉଁ ଦେଶଗୁଡିକରେ ରହୁଛନ୍ତି ସେ ଦେଶର ସେମାନେ ୱଫାଦାର୍ (ରାଷ୍ଟ୍ରଭକ୍ତ) ନୁହଁନ୍ତି ବା ସମାଜରେ ପ୍ରେମ ଓ ଶାନ୍ତି ପରିବର୍ତ୍ତେ ଅଶାନ୍ତି ପ୍ରସାର କରିବାର କାରଣ ହେଉଛନ୍ତି । ମୁଁ ଏହି ଆରୋପଗୁଡିକୁ ଭୁଲ୍ ଏବଂ ଅନ୍ୟାୟ ରୂପେ ବିବେଚନା କରୁଛି । ଏହା ସତ୍ୱେ ମଧ୍ୟ ମୁସଲ୍‌ମାନ୍ ବୋଲାଉଥିବା ସନ୍ତ୍ରାସବାଦ, ଇସ୍ଲାମ୍‌ର ନାମକୁ ବ୍ୟବହାର କରି ନିଜର କୁକାର୍ଯ୍ୟ କରୁଛନ୍ତି, ମୁଁ ଏହା ବିବେଚନା କରୁନାହିଁ କି ଆମେ ଏହିପରି ପରିସ୍ଥିତିରେ (କୌଣସି) ଧର୍ମ ଯୁଦ୍ଧର ସମ୍ମୁଖୀନ ହେଉଅଛୁ ବରଂ ଯେଉଁଯୁଦ୍ଧ ଲଢ଼ାଯାଉଛି ଓ ଯେଉଁ ଅତ୍ୟାଚାର ହେଉଅଛି ତାହା ସବୁ ସ୍ଥାନୀୟ ରାଜନୀତି ଓ ନିଜସ୍ୱ ଲାଭ ଉପରେ ନିହିତ । ତଥାକଥିତ ଜିହାଦି ସନ୍ତ୍ରାସବାଦୀ ଏବଂ ଚରମପନ୍ଥୀ ମୌଲବୀମାନେ ଇସ୍ଲାମ୍‌ର ନାମରେ ଦାଗ ଲଗାଉଛନ୍ତି ଓ ମୁସଲ୍‌ମାନ୍ ମାନଙ୍କ ମଧ୍ୟରୁ ଅଧିକାଂଶ ଲୋକେ, ଯେଉଁମାନେ ଶାନ୍ତିପ୍ରିୟ ଓ କାନୁନ୍‌କୁ ମାନିବା ବାଲା ନାଗରିକ ଅଛନ୍ତି, ସେମାନଙ୍କର ସମସ୍ତ ଚେଷ୍ଟାକୁ ଏମାନେ ହାନି ପହଂଚାଇବାର କାରଣ ସାଜୁଛନ୍ତି । ଇସ୍ଲାମୀୟ ଦୃଷ୍ଟିକୋଣରେ କୌଣସି ପ୍ରକାରେ ମଧ୍ୟ ଚରମପନ୍ଥୀର ସ୍ଥାନ ନାହିଁ ଓ ଏହାର କୌଣସି ପ୍ରକାରର ମଧ୍ୟ ସ୍ଥାନ ନାହିଁ । ପବିତ୍ର କୋରାନ୍‌ର ଯେଉଁ ଆୟତଗୁଡିକ ଆଜି ଏହି ସଭାର ପ୍ରାରମ୍ଭରେ ପାଠ କରାଗଲା ସେଗୁଡିକରେ ସ୍ୱଷ୍ଟ ରୂପେ ଏକଥା ବର୍ଣ୍ଣନା କରାଯାଇଛି । ଏହି ଆୟତଗୁଡିକରୁ ଆମକୁ ଏହା ଜଣାପଡୁଛି କି ଇସ୍ଲାମ୍‌ର ପ୍ରାରମ୍ଭିକ ଯୁଗରେ ଯେଉଁ ଯୁଦ୍ଧ ଲଗାଯାଇଥିଲା ତାର ଉଦ୍ଦେଶ୍ୟ ସମସ୍ତ ଧର୍ମକୁ ପ୍ରତିରକ୍ଷା କରିବା ପାଇଁ ଥିଲା ଏବଂ ନିଜ ନିଜର ପ୍ରଥା ଉପରେ ପରିଚାଳିତ ହେବାପାଇଁ ସ୍ୱାଧୀନତା ଓ ସତ୍ୟର ସୁରକ୍ଷା ପାଇଁ କରାଯାଇଥିଲା । ସେହି ଆୟତଗୁଡିକରେ ଅତ୍ୟନ୍ତ ସ୍ୱଷ୍ଟ ରୂପେ ଏହା କୁହାଯାଇଛି କି ଗିର୍ଜା, ୟୁହୁଦୀମାନଙ୍କର ଉପାସନା ପୀଠ, ମନ୍ଦିର ଏବଂ ମସ୍‌ଜିଦ୍ ଗୁଡିକୁ ସୁରକ୍ଷା ପ୍ରଦାନ କରାଯାଉ । ଏହା ସେହି ଗୁରୁତ୍ୱପୁର୍ଣ୍ଣ ଟିପ୍ପଣୀ ଯାହାକୁ ମୁଁ ବାରମ୍ବାର ଉପସ୍ଥାପନ କରିଛି । ବର୍ତମାନ ମଧ୍ୟ ତାହା ପୁନର୍ବାର କହୁଅଛି କି ଯେଉଁ ବ୍ୟକ୍ତି ମଧ୍ୟ ମାନବିକ ସ୍ୱାଧୀନତାର ସିଦ୍ଧାନ୍ତ, ପ୍ରଥା ପାଳନ କରିବାର ସ୍ୱାଧୀନତା ଏବଂ ବିବେକ ସ୍ୱାଧୀନତାର ଖିଲାଫ୍ କରୁଛି ସେ ଇସ୍ଲାମ୍‌ରୁ ବହୁତ ଦୂରରେ ଯାଇ ପଡ଼ିଛି । ପାଶ୍ଚାତ୍ୟ ଦେଶଗୁଡିକର କିଛି ଗଣମାଧ୍ୟମ ମଧ୍ୟ ଏପରି ଅଛନ୍ତି, ଯେଉଁମାନେ ଏହି ମତକୁ ମାନୁଛନ୍ତି ଓ ଏହା ସଠିକ୍ ବୋଲି ସ୍ୱର ଉତୋଳନ ମଧ୍ୟ କରୁଛନ୍ତି । ମୁଁ ସେମାନଙ୍କର ନ୍ୟାୟ ଓ ଦିଆନତ୍‌ଦାରୀର ସିଦ୍ଧାନ୍ତ ଉପରେ ଥିବା କାର୍ଯ୍ୟକଳାପକୁ ପ୍ରଶଂସା କରୁଛି । ଉଦାହରଣ ସ୍ୱରୂପ ଗାର୍‌ଡେନ୍ ଖବରକାଗଜର ବର୍ତମାନ ପ୍ରକାଶନରେ ଗୋଟିଏ ଆର୍ଟିକିଲ୍ ପ୍ରକାଶ ପାଇଛି । ଯେଉଁଥିରେ ପ୍ରାବନ୍ଧିକ ଜଣକ ଲେଖିଛନ୍ତି ‘‘ମୁସଲ୍‌ମାନ୍ ମାନଙ୍କ ମଧ୍ୟରେ ସନ୍ତ୍ରାସବାଦ ନା ତ ପୂର୍ବରୁ ନା ବର୍ତମାନ ଇସ୍ଲାମ୍‌କୁ ବଢ଼ିବାର ମାଧ୍ୟମ ସାବ୍ୟସ୍ତ ହେଉଛି । ଏହା ପଛରେ ସର୍ବଦା ସ୍ଥାନୀୟ ଅଧିକାରକୁ ହାତେଇବା, ପ୍ରାକୃତିକ ଏବଂ ଆର୍ଥିକ ସାଧନ ଗୁଡିକ ଚୋରି କରିବା ଏବଂ ଆନ୍ତର୍ଜାତୀୟ ଆର୍ଥିକ ପଲିସି ଗୁଡିକର ହାତ ରହିଛି । ଯାହାଫଳରେ ଦେଶ ଭିତରେ ମୁସଲ୍‌ମାନ୍ ସର୍ବସାଧାରଣଙ୍କୁ ଦରିଦ୍ରତା ଓ କୁଅବସ୍ଥା ଭିତରେ ଠେଲି ଦିଆଯାଉଛି’’ ।

ହଜୁର୍ ଅନୁୱର୍ ଅ:ବ:ଅ କହିଲେ କି ଏହି ବାକ୍ୟରେ ତଥାକଥିତ ମୁସଲ୍‌ମାନମାନଙ୍କ ସନ୍ତ୍ରାସବାଦ କାର୍ଯ୍ୟକଳାପ ପଛରେ ପ୍ରକୃତ ହାତ କାହାର ଅଛି ତାହାର ସଠିକ୍ ପରିପ୍ରକାଶ କରାଯାଇଛି । ଏତଦ୍‌ବ୍ୟତୀତ ଗୋଟିଏ ଜାତିୟ ଖବରକାଗଜର ସାମ୍ବାଦିକ ପିଟର୍ ଔସବୁରନ୍ ଏପରି ଏକ ବାସ୍ତବିକତା ଉପରେ ଆଲୋକପାତ କରିଛନ୍ତି ତାର ବିରୋଧ କରିବା କଠିନ ଅଟେ । ସେ କହୁଛନ୍ତି କି ବହୁ ସଂଖ୍ୟାରେ ମୁସଲ୍‌ମାନ୍‌ମାନେ ପାଶ୍ଚାତ୍ୟ ଗୁପ୍ତଚରମାନଙ୍କ ହସ୍ତକ୍ଷେପ କରିବା ଫଳରେ ସନ୍ତ୍ରାସବାଦ କାର୍ଯ୍ୟକଳାପରେ ଲିପ୍ତ ହେଉଛନ୍ତି । ଯଦି ସମସ୍ତେ ନୁହେଁ ତେବେ ସେମାନଙ୍କ ଭିତରୁ ବହୁତ ବଡ ସଂଖ୍ୟା ଏଥିପ୍ରତି ଢ଼ଳିଯାଉଛନ୍ତି । ଏହି ସିଲ୍‌ସିଲାରେ ସେହି ସାମ୍ବାଦିକ ଜଣକ ଗୋଟିଏ ବ୍ରିଟେନ୍ ଗୁପ୍ତଚର ବିଭାଗର ପୂର୍ବତନ ଅଫିସର୍‌ଙ୍କ ବୟାନ୍‌ର ରିଫରେନ୍‌ସ୍ ଦେଉଛନ୍ତି । ଯିଏ କହିଛନ୍ତି କି ‘‘ଏହା ଠିକ୍ ନୁହେଁ ଯେ ଗୋଟିଏ ପଟେ ତ ପୋଲିସ୍ ନିଜର ସମସ୍ତ ଶକ୍ତି ଓ ସାମର୍ଥ୍ୟକୁ ଆମ ସମାଜର ସୁରକ୍ଷା ପାଇଁ ସନ୍ତ୍ରାସବାଦ ସହିତ ଲଢୁଛନ୍ତି ଯେବେ କି ଅନ୍ୟପଟେ ଆମେରିକା ଓ ଆମ ମଧ୍ୟରେ ପ୍ରତିରକ୍ଷା ଏଜେନ୍‌ସି ଗୁଡିକର କିଛି ତତ୍ୱ ଜିହାଦିମାନଙ୍କୁ ପ୍ରଶିକ୍ଷଣ କରୁଛନ୍ତି ଓ ସେମାନଙ୍କୁ ଯୁଦ୍ଧାସ୍ତ୍ର ଯୋଗାଇ ଦେଉଛନ୍ତି ଓ ସେମାନଙ୍କୁ କିଛି ସନ୍ତ୍ରାସବାଦ କାର୍ଯ୍ୟକଳାପ କରିବାରେ ସାହାଯ୍ୟ ସହଯୋଗ କରୁଛନ୍ତି ।

ଏତଦ୍‌ବ୍ୟତୀତ ଦି ବୋଷ୍ଟୋନ୍ ଗ୍ଲୋବ୍ ରେ ପ୍ରକାଶିତ ହୋଇଥିବା ଗୋଟିଏ ନିବନ୍ଧରେ କଲମ୍ବିଆ ୟୁନିଭର୍‌ସିଟିର ସେଂଟର୍ ଫର୍ ସଷ୍ଟେନେବୁଲ୍ ଡିପ୍ଲମେଂଟ୍‌ର ଡିରେକ୍ଟର୍, ପ୍ରଫେସର Jeffry Sachs ଲେଖୁଛନ୍ତି ‘‘ଅନେକ ଅବସରରେ ସି.ଆଇ.ଏ ମଧ୍ୟପ୍ରାଚ୍ୟର ସରକାର ଗୁଡିକର ସ୍ଥାୟିତ୍ୱକୁ ଭାଙ୍ଗି ଚୁର୍‌ମାର୍ କରିଦେଇଛନ୍ତି ଓ ଏହାଫଳରେ ଉପୁଜୁଥିବା ସଂକଟାପନ୍ନ ପରିସ୍ଥିତିରେ ଆମେରିକାର ଯେଉଁ ଅଭିନୟ ରହିଛି ସେଗୁଡିକରୁ ଗଣ ମାଧ୍ୟମ ଗୁଡିକ ଆଖି ଫେରାଇ ନେଇଛନ୍ତି’’ ।

ପ୍ରଫେସର୍ Jeffry Sachs ଉପୁଜିଥିବା ବିବାଦ ଗୁଡିକର ସମାଧାନ ଆପୋଷରେ ମିଳିମିଶି ବାହାର କରିବା ପାଇଁ ଲେଖୁଛନ୍ତି ‘‘ଆମେରିକାକୁ ତତ୍‌କ୍ଷଣାତ୍ ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଶେଷ କରିଦେବା ଉଚିତ୍ ଏବଂ ଜାତିର ସୁରକ୍ଷା ଓ ବିବାଦ ଗୁଡିକର ସମାଧାନ ଜାତିସଂଘର ପ୍ରଭାବି ବ୍ୟକ୍ତିବିଶେଷଙ୍କ ମାଧ୍ୟମରେ ଧାର୍ଯ୍ୟ ହେବା ଉଚିତ୍’’ ।

ହଜୁର୍ ଅନୁୱର୍ ଅ:ବ:ଅ କହିଲେ କି ଅଣ ମୁସଲ୍‌ମାନ୍ ମାନଙ୍କ ଦ୍ୱାରା ଲେଖାଯାଇଥିବା ବହୁତ ଆର୍ଟିକିଲ୍ ବର୍ତମାନ ସମୟରେ ପ୍ରକାଶ ହୋଇଛି, ଯେଉଁମାନେ ଏହି ସତ୍ୟତାକୁ ସ୍ୱୀକାର କରିଛନ୍ତି କି ଦାଇଶ୍‌ଙ୍କ ପରି ସଂଗଠନ ବାହ୍ୟ ସାହାଯ୍ୟ ବିନା ତିଷ୍ଠିପାରିନଥାନ୍ତେ । ମୁଁ ଏହା କହୁନାହିଁ କି ହସ୍ତକ୍ଷେପ କରିବା ସର୍ବଦା ଭୁଲ୍ ହୋଇଥାଏ ବୋଲି । କିନ୍ତୁ ପ୍ରତ୍ୟେକ ପଦକ୍ଷେପ ନ୍ୟାୟ ସଂଗତ ଓ ଉଚିତ୍ ହେବା ଦରକାର ଓ ନିଜସ୍ୱ ଲାଭକୁ ପଛରେ ପକାଇଦେବା ଉଚିତ୍ ।

ପବିତ୍ର କୋରାନ୍‌ର ସୁରା ନଂ-୪୯ ଅଲ୍‌ହୁଜୁରାତ୍ ଆୟତ ନଂ-୧୦ରେ ବର୍ଣ୍ଣନା କରାଯାଇଛି କି କୌଣସି ପ୍ରକାର ହସ୍ତକ୍ଷେପର ଉଦ୍ଦେଶ୍ୟ ସର୍ବଦା ଶାନ୍ତି ସ୍ଥାପନ କରିବା ପାଉଁ ହେବା ଉଚିତ୍ ଓ ମୁସଲ୍‌ମାନ୍‌ମାନଙ୍କୁ ଏ ନିର୍ଦ୍ଦେଶ ଦିଆଯାଇଛି କି ସେମାନେ ସର୍ବଦା ନିଜ ଶତୃଙ୍କ ସହିତ ମଧ୍ୟ ନ୍ୟାୟ କରନ୍ତୁ । ସୁତରାଂ ଯେଉଁଠି ଇସ୍ଲାମ୍ ଶେଷ ଶସ୍ତ୍ର ରୂପେ ପ୍ରାରମ୍ଭିକ ଯୁଗରେ ମୁସଲ୍‌ମାନ୍ ମାନଙ୍କୁ ପ୍ରତିରୋଧ ମୁଳକ ଯୁଦ୍ଧ କରିବା ପାଇଁ ଅନୁମତି ଦେଇଥିଲା ସେଠାରୁ ତାଙ୍କୁ ଏ ନିର୍ଦ୍ଦେଶ ମଧ୍ୟ ଦେଇଥିଲା କି ଯେତେବେଳେ ଶାନ୍ତି ସ୍ଥାପନ ହୋଇଯିବ ସେତେବେଳେ ନ୍ୟାୟ ଉପରେ ତିଷ୍ଠି ରହିବ ଓ କଦାପି ମଧ୍ୟ ନିଜ ହିତ ପ୍ରତି ଢ଼ଳିବ ନାହିଁ ବା ସୀମାରୁ ଆଗକୁ ବଢ଼ିବ ନାହିଁ ।

ଇସ୍ଲାମୀୟ ଶିକ୍ଷା ଦୃଷ୍ଟିକୋଣରେ ହଜୁର୍ ଅନୁୱର୍ ଅ:ବ:ଅ କହିଲେ କି ନିଶ୍ଚିତ ରୂପେ ଏହି ବୁନିଆଦୀ ଓ ସମ୍ପୂର୍ଣ୍ଣ ମାର୍ଗଦର୍ଶନକାରୀ ସିଦ୍ଧାନ୍ତ ଆଜି ମଧ୍ୟ ମୁସଲ୍‌ମାନ୍ ଓ ଅଣ ମୁସଲ୍‌ମାନଙ୍କ ପାଇଁ ସେହି ଫଳପ୍ରଦ ରହିଛି । ଯେଉଁଠି ଅତ୍ୟାଚାରୀର ହାତକୁ ଅତ୍ୟାଚାର କରିବାରୁ ରୋକିଦେବା ପାଇଁ କଠୋର ଆଚରଣ କରିବାର ଆବଶ୍ୟକ ରହିଛି ସେଠାରେ ଶକ୍ତି ପ୍ରୟୋଗ କରିବା ଉଚିତ୍ କିନ୍ତୁ ଏ ମୌକାରେ ପ୍ରତିଶୋଧ ନେବା ବା ଅଧିନସ୍ଥଙ୍କ ଧନସମ୍ପତି ଲୁଟିନେବାର ନିୟତ୍ ସାମିଲ୍ ନହେଉ । ଯେବେ ଥରେ ଅତ୍ୟାଚାରୀ ଶାନ୍ତି ଆଡକୁ ଫେରିଆସେ ତେବେ ଇସ୍ଲାମୀୟ ଶିକ୍ଷା ହେଉଛି ଏହା କି ତାକୁ ତା ଅଧିକାର ଗୁଡିକରୁ ବଂଚିତ କରାନଯାଉ ଏବଂ ନା କୌଣସି ପ୍ରକାରେ ତା ପରିସ୍ଥିତିରୁ ଲାଭ ଉଠାଇବା ପାଇଁ ଅନୁମତି ରହିଛି ।

ହଜୁର୍ ଅନୁୱର୍ ଅ:ବ:ଅ କହିଲେ କି ନବୀ କରିମ୍ ସ:ଆ:ସ ନିଜର ସମ୍ପୂର୍ଣ୍ଣ ଜୀବନ ଲୋକମାନଙ୍କୁ ଶାନ୍ତି ଓ ସୌହାର୍ଦ୍ଦ୍ୟର ସହିତ ଏକାଠି ଯୋଡି ରଖିବା ପାଇଁ ଚେଷ୍ଟା କରିଛନ୍ତି ଓ ସର୍ବଦା ଅନ୍ୟଙ୍କ ମୁକାବିଲାରେ ନିଜର ଅଧିକାରକୁ କୁର୍ବାନୀ (ବଳିଦାନ) ଦେଇଛନ୍ତି । ଅନେକ ଅଣମୁସଲ୍‌ମାନ୍ ଲେଖକ ବୁଦ୍ଧିଜୀବିମାନେ, ଯେଉଁମାନେ ବହୁତ ଗଭୀରତାର ସହିତ ଇସ୍ଲାମ୍‌କୁ ଅଧ୍ୟୟନ କରିଛନ୍ତି, ଏକଥାକୁ ତସ୍‌ଦିକ୍ କରୁଛନ୍ତି କି ହଜ୍‌ରତ୍ ମୁହମ୍ମଦ୍ ରସୁଲୁଲ୍ଲାଃ ସ:ଆ:ସ ଜାତି ଜାତି ମଧ୍ୟରେ ଏକତା ସୃଷ୍ଟି କରିଛନ୍ତି ଓ ଧର୍ମୀୟ ସ୍ୱାଧୀନତାର ବାନା ଉଡାଇଛନ୍ତି । ଉଦାହରଣ ସ୍ୱରୂପ ଅକ୍‌ସଫୋର୍ଡ୍ ୟୁନିଭର୍‌ସିଟିର ଜଣେ ବରିଷ୍ଠ ଗବେଷକ Peter Francopan ନିଜର ପୁସ୍ତକ The Silk Roads ରେ ନବୀ କରିମ୍ ସ:ଆ:ସଙ୍କର ଚର୍ଚ୍ଚା କରିଛନ୍ତି । ସେଥିରେ ଲେଖକ ବର୍ଣ୍ଣନା କରିଛନ୍ତି କି କିପରି ମୁହମ୍ମଦ୍ ମୁସ୍ତଫା ସ:ଆ:ସ ଭିନ୍ନ ଭିନ୍ନ ବିଶ୍ୱାସ ରଖିଥିବା ଲୋକମାନଙ୍କ ମଧ୍ୟରେ ଏକତା ଏବଂ ଆପୋଷ ବୁଝାମଣାକୁ ପ୍ରୋତ୍ସାହନ ଦେଇଛନ୍ତି ଓ ସେ ସମୟରେ ଇସାଇ ଓ ୟୁହୁଦୀ ଗୋଷ୍ଠୀମାନଙ୍କ ସହିତ ମିଳିମିଶି କାମ କରିଛନ୍ତି ।

ସେ ସେ ସମୟର ଧର୍ମୀୟ ଗୋଷ୍ଠୀମାନଙ୍କ ମଧ୍ୟରେ ଥିବା ଏକତା ବିଷୟରେ ଚର୍ଚ୍ଚା କରି କହୁଛନ୍ତି କି କିପରି ରସୁଲୁଲ୍ଲା ସ:ଆ:ସଙ୍କ ଶିକ୍ଷାଗୁଡିକ ସୁଲାହ୍ (ନ୍ୟାୟ) ଉପରେ ପରିବେଷ୍ଟିତ ଥିଲା । ଗୋଟିଏ ସ୍ଥାନରେ ଲେଖକ ସେ ସମୟର ଚର୍ଚ୍ଚା କରି କହୁଛନ୍ତି- ଯେବେ ରସୁଲୁଲ୍ଲାଃ ସ:ଆ:ସ ମଦିନା ସହରର ବ୍ୟବସ୍ଥାକାରୀ ରୂପେ ନେତୃତ୍ୱ ନେଇଥିଲେ ।

ସେ ପୁଣି ଲେଖୁଛନ୍ତି ‘‘(ମଦିନା)ସହର ୟୁହୁଦୀ ନେତାମାନେ (ହଜ୍‌ରତ୍) ମୁହମ୍ମଦ୍ (ସ:ଆ:ସ)ଙ୍କ ସହିତ ଆପୋଷି ପ୍ରତିରକ୍ଷା ବଦଳରେ ସାହାଯ୍ୟ କରିବା ପାଇଁ ଚୁକ୍ତି କରିଥିଲେ । ସେହି ଚୁକ୍ତିନାମାକୁ ଗୋଟିଏ ଲିଖିତ ଦସ୍ତାବିଜ୍‌ରେ ଦରଜ କରାଯାଇଥିଲା, ଯେଉଁଥିରେ ଲେଖାଯାଇଥିଲା କି ମୁସଲ୍‌ମାନ୍‌ମାନେ ବର୍ତମାନ ଓ ଆସନ୍ତାରେ ସେମାନଙ୍କ ବିଶ୍ୱାସ ଓ ସେମାନଙ୍କ ସମ୍ପତିର ସମ୍ମାନ କରିବେ’’ ।

ଆଗକୁ ପୁଣି ସେ ଲେଖୁଛନ୍ତି:- ‘‘ଧିରେଧିରେ ମୁସଲ୍‌ମାନ୍ ମାନଙ୍କର ଶକ୍ତି ଯେତେବେଳେ ବଢ଼ିଚାଲିଲା (ହଜ୍‌ରତ୍) ମୁହମ୍ମଦ୍ (ସ:ଆ:ସ) ଏବଂ ତାଙ୍କ ସାହାବୀମାନେ ନିଜ ଚେଷ୍ଟାରେ ଅବହେଳା କଲେନାହିଁ କି ୟୁହୁଦୀ ଓ ଇସାଇମାନଙ୍କୁ ପ୍ରତ୍ୟେକ ପ୍ରକାରର ଭୟ କରିବାରୁ ସ୍ୱାଧୀନତା ହାସଲ ହେଉ’’ ।

ହଜୁର୍ ଅନୁୱର୍ ପୁଣି କହିଲେ କି ପ୍ରକୃତ କଥା ଏହା ହେଉଛି କି ଇସ୍ଲାମ୍ ସର୍ବଦା ଅତ୍ୟନ୍ତ ଭୀଷଣ ରୂପେ ସନ୍ତ୍ରାସବାଦ କାର୍ଯ୍ୟକଳାପ ଓ ଚରମପନ୍ଥୀର ବିରୋଧ କରିଥାଏ । ପୁଣି ହଜୁର୍ ଅନୁୱର୍ ଅ:ବ:ଅ କହିଲେ କି ମୁଁ ଏକଥାକୁ ସ୍ୱୀକାର କରୁଛି ଯେ କିଛି ମୁସଲ୍‌ମାନ୍‌ଙ୍କ ଦୁଷ୍ଟାମୀ ଓ ଖଳ ପଦକ୍ଷେପ ଦ୍ୱାରା ସମାଜକୁ ଭୀଷଣ କ୍ଷତି ପହଂଚିଛି କିନ୍ତୁ ମୁଁ ଏକଥା ମାନିବି ନାହିଁ କି ବର୍ତମାନ ପୃଥିବୀରେ ଯେଉଁ ସବୁ ଅଶାନ୍ତି ସୃଷ୍ଟି ହୋଇଛି ତାର ଜିମେଦାର୍ କେବଳ ମୁସଲ୍‌ମାନ୍ ବୋଲି । ଅନେକ ବୁଦ୍ଧିଜୀବି ଏବେ ଖୋଲାଖୋଲି ରୂପେ ଏହା କହୁଛନ୍ତି କି କିଛି ବିଶେଷ ଅଣମୁସ୍‌ଲିମ୍ ଶକ୍ତି ବା ସଂଗଠନ

**ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।**

ଶାନ୍ତିକୁ କ୍ଷୁର୍ଣ୍ଣ କରିବା ଏବଂ ସମାଜର ଏକତାକୁ ନଷ୍ଟ କରିବାର ଜିମେଦାର୍ ଅଛନ୍ତି ।

ହଜୁର୍ ଅନ୍ୱର୍ ଅ:ବ:ଅ କହିଲେ କି ଏତିକି କହିବା ଯଥେଷ୍ଟ ହେବ ଯେ ବର୍ତ୍ତମାନ ସେହି ସମୟ ଆସିଯାଇଛି କି ସାରା ପୃଥିବୀର ଲୋକେ ଏହି ଚିନ୍ତାଧାରାକୁ ନିଜ ମନ ଭିତରୁ ବାହାର କରିଦିଅନ୍ତୁ କି ସମଗ୍ର ପୃଥିବୀର ସମସ୍ୟା ଗଡିକର ଜିମେଦାର୍ କେବଳ ମୁସଲମାନ୍ ଅଟନ୍ତି । ପୁଣି ଆମେ ବର୍ତ୍ତମାନ ଏପରି ସ୍ଥାନରେ ପହଂଚିସାରିଛେ ଯେ ଆମ ନେତାମାନଙ୍କୁ ନିଜର ରାଜନୈତିକ ସଂଗଠନ ଓ ସରକାରର ଉନ୍ନତିକୁ ପ୍ରୋତ୍ସାହନ କରିବା ପରିବର୍ତ୍ତେ ତାଙ୍କୁ ଏହା ମଧ୍ୟ କରିବା ଉଚିତ୍ ହେବ କି ସେମାନେ ଏ ପୃଥିବୀରେ ଶାନ୍ତି ସ୍ଥାପନା ଓ ମାନବ ଜାତିର ଉନ୍ନତିକୁ ଅଗ୍ରାଧିକାର ଦେବେ ।

ହଜୁର୍ ଅନ୍ୱର୍ ବହୁତ ଦୃଢ଼ ଶବ୍ଦରେ ଏହା କହିଲେ କି ବର୍ତ୍ତମାନ ପୃଥିବୀରେ ଶାନ୍ତି ସ୍ଥାପନ କରିବା ପାଇଁ କେବଳ ଏହା ହିଁ ହେଉଛି ଗୋଟିଏ ମାର୍ଗ ।

ସଭାକୁ ସମ୍ବୋଧନ କରି ହଜୁର୍ ଅନ୍ୱର୍ ଅ:ବ:ଅ କହିଲେ ଜାତିସଂଘ ଏହାକୁ ବ୍ୟାପକ ରୂପେ ଅନୁଧ୍ୟାନ କରିବା ଉଚିତ୍ । ଆମେ ଏହି ସତ୍ୟତାକୁ ମାନିନେବା ଉଚିତ୍ ହେବ କି ଶକ୍ତି ପ୍ରୟୋଗ ଦ୍ୱାରା ବୋଧହୁଏ କିଛି ସ୍ଥାୟୀ ଲାଭ ହୋଇପାରେ । ସୁତରାଂ ଉତର କୋରିଆ, ଇରାନ୍ ବା ଅନ୍ୟ କୌଣସି ଦେଶ ସହିତ ଯୋଗାଯୋଗ ହେବା ସମୟରେ ଶକ୍ତିଶାଳୀ ରାଷ୍ଟ୍ରଗୁଡିକୁ ବହୁତ ସତର୍କତାର ସହିତ ଓ ବୁଦ୍ଧିମତାର ସହିତ କାମ ନେବା ପାଇଁ ଚେଷ୍ଟା କରିବା ଉଚିତ୍ କି ପ୍ରତ୍ୟେକଙ୍କ ସୁରକ୍ଷା ନିମନ୍ତେ ସନ୍ଧି କରିବା ପାଇଁ ଚିନ୍ତା କରାଯାଉ । ଯେପରିକି ଜଣେ ସ୍ତମ୍ଭକାର, ଯାହାଙ୍କ ଚର୍ଚ୍ଚା ମୁଁ ଉପରେ କରିଆସିଛି ସେ ମଧ୍ୟ କହିଛନ୍ତି କି ଆନ୍ତର୍ଜାତିୟ ଶକ୍ତିକୁ ଦୂତାବାସର ମାଧ୍ୟମକୁ ବ୍ୟବହାର କରି ଆପୋଷ କନ୍ଦଳ ଦ୍ୱାରା ବଢୁଥିବା ଚାପକୁ କମ୍ କରିବା ପାଇଁ ଅଗ୍ରାଧିକାର ଦେବା ଉଚିତ୍ । ସେମାନଙ୍କୁ ଶାନ୍ତି ସ୍ଥାପନା ନିମନ୍ତେ ଏପରି ବାର୍ତ୍ତା ଓ ଚୁକ୍ତି କରିବା ଉଚିତ୍ ଯାହା ଗୋଟିଏ ପକ୍ଷ ଆଡକୁ ଢ଼ଳୁନଥିବ ବରଂ ସମସ୍ତ ପକ୍ଷର ସମସ୍ୟା ଗୁଡିକୁ ସମାଧାନ କରୁଥିବ । ଏତଦ୍‌ବ୍ୟତୀତ ଯେବେ ଶାନ୍ତି ସ୍ଥାପନ ହୋଇଯାଏ, ସେତେବେଳେ ଆମେ ବିଗତ ଶତୃତା ଓ ଘୃଣାଭାବକୁ ଭୁଲାଇ ଦେଇ ଜଣେ ଅନ୍ୟଜଣଙ୍କର ଭାବନାର ସମ୍ମାନକୁ କାଏମ୍ ରଖି ଆଗକୁ ପାଦ ବଢ଼ାଇବା ଉଚିତ୍ ।

ହଜୁର୍ ଅନ୍ୱର୍ ଅ:ବ:ଅ କହିଲେ ମୋର ଏହା ଦୃଢ଼ ବିଶ୍ୱାସ କି ମାନବ ଜାତିର ଇତିହାସରେ କ୍ଷମା, ଅତ୍ୟାଚାର ବରଦାସ୍ତ କରି ପୁଣ୍ୟ ଓ କରୁଣାର ମହାନ୍ ଦୃଷ୍ଟାନ୍ତକୁ ଇସଲାମ୍‌ର ପ୍ରତିଷ୍ଠାତା ମୁହମ୍ମଦ୍ ମୁସ୍ତଫା ସ:ଆ:ସ ଦେଖାଇଛନ୍ତି । ୧୩ବର୍ଷ ପର୍ଯ୍ୟନ୍ତ ଆପଣ ସ:ଆ:ସ ଏବଂ ଆପଣଙ୍କ ସାହାବାମାନଙ୍କ ଉପରେ ଏପରି ଭୟଙ୍କର ଅତ୍ୟାଚାର କରାଯାଇଥିଲା, ଯାହାକୁ ଭାବିବା କଷ୍ଟକର । ସେମାନଙ୍କୁ ତାଙ୍କ ଘରୁ ବାହାର କରିଦିଆଗଲା ଓ ଜୋର୍ ଜବରଦସ୍ତି ମକା ସହରରୁ ହିଜରତ୍ କରିବା ପାଇଁ ବିବସ କରିଦିଆଗଲା । ଏହି ଅବଧିରେ ମୁସଲମାନ୍ ମାନଙ୍କୁ ନୃଶଂସତାର ସହିତ ଶହିଦ୍ କରିଦିଆଗଲା । ଶାରିରୀକ ଓ ମାନସିକ କଷ୍ଟ ଦିଆଗଲା । ଜଳୁଥିବା କୋଇଲା ଉପରେ ଅଧିକ ସମୟ ପର୍ଯ୍ୟନ୍ତ ଲଟକାଇ କଷ୍ଟ ଦିଆଯାଉଥିଲା ଓ ଭୀଷଣ ସାମାଜିକ ପ୍ରତିବନ୍ଧକ କରାଯାଇ କଷ୍ଟ ଦିଆଯାଉଥିଲା । ମହିଳା ମୁସଲମାନ୍ ମାନଙ୍କ ଦୁଇଗୋଟି ଗୋଡରେ ଦୁଇଟି ଓଟକୁ ବାନ୍ଧିଦେଇ ବିପରୀତ ଦିଗରେ ଦୌଡାଇ ଦୁଇଖଣ୍ଡ କରି ଚିରି ଦିଆଯାଉଥିଲା । ଏହି ପାଶବିକ ଶୈଳୀକୁ ପ୍ରୟୋଗ କରି ତାଙ୍କ ଶରୀରକୁ ଚିରି ଦିଆଯାଉଥିଲା । ପୁଣି ମଧ୍ୟ ଯେବେ ମୁହମ୍ମଦ୍ ରସୁଲୁଲ୍ଲାଃ ସ:ଆ:ସ ବିଜୟୀ ହୋଇ ମକାରେ ପ୍ରବେଶ କଲେ ସେତେବେଳେ ଆପଣ ସ:ଆ:ସ ଉପରୋକ୍ତ ପାଶବିକ ଅତ୍ୟାଚାରର ପ୍ରତିବଦଳରେ ରକ୍ତର ଗୋଟିଏ ବୁନ୍ଦା ମଧ୍ୟ ବୁହାଇଲେ ନାହିଁ ବରଂ ଈଶ୍ୱରଙ୍କ ନିର୍ଦ୍ଦେଶ ମୁତାବକ ଆପଣ ସ:ଆ:ସ ଏ ଫରମାନ୍ ଜାରି କଲେ କି ସମସ୍ତ ବିରୋଧିମାନଙ୍କୁ କ୍ଷମା କରିଦିଆଯାଉ । ଯେବେ କି ସେମାନେ ଭୀଷଣ ଅତ୍ୟାଚାର କରିଥିଲେ ଓ ଇସଲାମ୍‌ର ଭୀଷଣ ଶତୃତା କରୁଥିବା ଲୋକେ ଥିଲେ । ଆପଣ ସ:ଆ:ସ କହିଲେ କି ଇସ୍‌ଲାମୀୟ କାନୁନ୍ ଅନ୍ତର୍ଗତ ସବୁଜାତି ଓ ଧର୍ମର ଲୋକମାନଙ୍କୁ ନିଜ ଧର୍ମ, ପ୍ରଥା ଓ ବିଶ୍ୱାସ ଉପରେ ବିନା କୌଣସି ପ୍ରତିବନ୍ଧକରେ ପରିଚାଳିତ ହେବାପାଇଁ ସ୍ୱାଧୀନ ଦିଆଯିବ । କେବଳ ଗୋଟିଏ ସର୍ତ୍ତ ଜରୁରୀ ଥିଲା ଓ ତାହା ହେଉଛି ଏହା କି ପ୍ରତ୍ୟେକ ବ୍ୟକ୍ତିକୁ ସମାଜ ଭିତରେ ଶାନ୍ତିର ସହିତ ବସବାସ କରିବାକୁ ହେବ ।

ଆପଣ ସ:ଆ:ସ ଏ ନିର୍ଦ୍ଦେଶ ମଧ୍ୟ ଦେଇଥିଲେ କି ଜାତି, ବର୍ଣ୍ଣ ଓ ଧର୍ମ ନିର୍ବିଶେଷରେ ପ୍ରତ୍ୟେକ ଲୋକର ଅଧିକାରକୁ ସୁରକ୍ଷା ଦିଆଯାଉ ଓ ପ୍ରତ୍ୟେକ ବ୍ୟକ୍ତିର ସମ୍ମାନକୁ ଅକ୍ଷୁର୍ଣ୍ଣ ରଖାଯାଉ । ଏହା ରସୁଲୁଲ୍ଲାଃ ସ:ଆ:ସଙ୍କ ଏ ସଂସାର ରହିବା ପର୍ଯ୍ୟନ୍ତ ମହାନ୍ ଦୃଷ୍ଟାନ୍ତ । ଏହି ଦୟା, କ୍ଷମା ଓ ମାନବ ଜାତି ପାଇଁ କରୁଣା ହେଉଛି ଏପରି ଯାହାକୁ ପ୍ରତ୍ୟେକ ମୁସଲମାନ୍ ଓ ଅଣ ମୁସଲମାନ୍‌ମାନେ ବର୍ତ୍ତମାନ ଏ ସଂସାରରେ ଗ୍ରହଣ କରିବା ଉଚିତ୍ । ଏହି ଦୟା କ୍ଷମା ଓ ଭଦ୍ର ବ୍ୟବହାର ହେଉଛି ସେହି ଆତ୍ମା ଯାହାକୁ ସମସ୍ତ ଜାତି ସେ ଛୋଟ ଜାତି ହେଉ ବା ବଡ ଜାତି ହେଉ, ଧନୀ ହେଉ ବା ଗରୀବ ହେଉ ନିଜ ଭିତରେ ସୃଷ୍ଟି କରିବା ଉଚିତ୍ । ତେବେ ଯାଇ ପ୍ରକୃତ ଶାନ୍ତି ହାସଲ ହେବା ସମ୍ଭବ ହୋଇପାରିବ ।

ଶେଷରେ ହଜୁର୍ ଅନ୍ୱର୍ ଅ:ବ:ଅ କହିଲେ କି ମୁଁ ହୃଦୟର ଗଭୀରତମ ପ୍ରଦେଶରୁ ଏ ପ୍ରାର୍ଥନା କରୁଅଛି କି ମାନବଜାତିଙ୍କ ଉପରେ ଜଣେ ଅନ୍ୟଜଣଙ୍କ ପାଇଁ ଯେଉଁ ଦାୟିତ୍ୱ ବହନ କରିଛି, ତାଙ୍କୁ ସେ ଚିହ୍ନୁ, ଯଦ୍ୱାରା ଆମ ପରେ ଆସନ୍ତା ପିଢ଼ୀ ଆମପାଇଁ ଗର୍ବ କରିବ ଓ ଆମର କୃତଜ୍ଞତା ଜ୍ଞାପନ କରିବ । ଆସନ୍ତୁ ଆସନ୍ତା କାଲି ପାଇଁ ଆମେ ଭାବିବା ନା କେବଳ ଆଜି ଭିତରେ ସିମୀତ ରହିବା । ଆସନ୍ତୁ ଆମେ ଆମର ଆସନ୍ତା ପିଢ଼ୀକୁ ବଂଚାଇବା । ଇଶ୍ୱର ଆମକୁ ଜ୍ଞାନ, ବୁଦ୍ଧି, ନ୍ୟାୟ ଓ ଉତମ ଚରିତ୍ର ପ୍ରକାଶ କରିବା ପାଇଁ ଶକ୍ତି ପ୍ରଦାନ କରନ୍ତୁ ।

ପରିଶେଷରେ ହଜୁର୍ ଅନ୍ୱର୍ ସଭା ସଜ୍ଜନ ମଣ୍ଡଳୀକୁ ଧନ୍ୟବାଦ ଅର୍ପଣ କରି କହିଲେ ମୁଁ ଆପଣମାନଙ୍କର କୃତଜ୍ଞତା ଜ୍ଞାପନ କରୁଛି ଯେ ଆପଣମାନେ ଆମର ଏହି ଉତ୍ସବରେ ସାମିଲ୍ ହେଲେ । ତେଣୁ ଆପଣମାନଙ୍କୁ ବହୁତ ବହୁତ ଧନ୍ୟବାଦ'' ।

ଉତ୍ସବର ଶେଷରେ ହଜୁର୍ ଅନ୍ୱର୍ ଦୁଆ (ନୀରବ ପ୍ରାର୍ଥନା) କରାଇଲେ । ଏଥିରେ ଉପସ୍ଥିତ ଲୋକେ ନିଜ ନିଜ ଶୈଳୀରେ ସାମିଲ୍ ହେଲେ । ଏହାପରେ ସମସ୍ତ ଅତିଥି ରାତ୍ରିଭୋଜନ ଗ୍ରହଣ କଲେ । ପରେ ଅନେକ ଅତିଥି ହଜୁର୍ ଅନ୍ୱର୍‌ଙ୍କ ସହିତ ଜଣଜଣ ହୋଇ ପିସ୍ ସିମ୍ପୋଜିୟମ୍ ସମ୍ବନ୍ଧରେ ନିଜର ଶୁଭ କାମନା ପ୍ରକାଶ କଲେ ।

(ରିପୋର୍ଟ - ସଂକଳନ
ହାମ୍‌ଦା ସନ୍‌ୱରି ଫାରୁକି, ଲଣ୍ଡନ୍)
(ଅଖବାର୍ ଅଲଫଜଲ୍ ଇଂଟର ନ୍ୟାସ୍‌ନାଲ୍ ୨୦ ଜୁଲାଇ ୨୦୧୮ଙ୍କ ଧନ୍ୟବାଦ ସହିତ)

ପୃଷ୍ଠା- ୧୨ ର ଅବଶିଷ୍ଟାଂଶ ...

ଜଏନବ୍ ଅହେମଦ୍ ସାହିବା (ଜର୍ମାନୀ)
Bachelor of Arts in Social work

ଫରହ୍ ମେହମୁଦ୍ ଅହେମଦ୍ ସାହିବା (ଜର୍ମାନୀ)
Bachelor of Education in Education for Secondary School

ଫାତିମା ତାହିରା ବାବର୍ ସାହିବା (ଜର୍ମାନୀ)
Bachelor of Science in Medical Physics

ସମିରା ଅହେମଦ୍ ସାହିବା (ଜର୍ମାନୀ)
Bachelor of Arts in Education Science

ଅମତୁଲ୍ ନୁର୍ ଅହେମଦ୍ ସାହିବା (ଜର୍ମାନୀ)
Bachelor of Arts in Education Science

ମଲିହା ଗୌହର୍ ରାଣା ସାହିବା (ଜର୍ମାନୀ)
Bachelor of Science in Psychology

ନବିଲା ଅହେମଦ୍ ସାହିବା (ଜର୍ମାନୀ)
Bachelor of Arts in Islamic Science and Gender Studies

ସଜିଲା ହୁସେନ୍ ସାହିବା (ଜର୍ମାନୀ)
Bachelor of Arts in Sociology and Cultural Anthropology

ସୁଲ୍‌ତାନା କାହାଲୁଁ ସାହିବା (ଜର୍ମାନୀ)
Bachelor of Arts in Social Work

ନାଏଲା ଓ୍ୱହାବ୍ ସାହିବା (ଜର୍ମାନୀ)
Bachelor of Arts in Social work

କୁରରତୁଲ୍ ଅଏନ୍ ଖାଲିଦ୍ ସାହିବା (ଜର୍ମାନୀ)
Bachelor of Arts in Childhood Studies

ଲୁବ୍‌ନା ରାଥୋର୍ଡ଼ ରଜାକ୍ ସାହିବା (ଜର୍ମାନୀ)
Bachelor of Science in Teaching

ସମିନା ଶାହ୍ ସାହିବା (ଜର୍ମାନୀ)
A-Levels (Abitur)

ସଲ୍‌ମାନା ଅହେମଦ୍ କାହଲୁଁ ସାହିବା (ଜର୍ମାନୀ)
A-Levels (Abitur)

ରୁଖ୍‌ଶାନ୍ଦା ଗଫାର ସାହିବା (ଜର୍ମାନୀ)
A-Levels (Abitur)

ହୁରମୈନ୍ ଅହେମଦ୍ ସାହିବା (ଜର୍ମାନୀ)
A-Levels (Abitur)

ଡାଃ ଜେନିଇନ୍ ଖାନ୍ ସାହିବା (ସୁରଜରଲାଣ୍ଡ)
Ph.D in Educational Psychology and Didactics

ଡାଃ ମୁସୱ୍‌ର୍ ଅହେମଦ୍ ସାହିବା (କାନାଡା)
Ph.D in Medical

ନୁରୁଲ୍ ଆସିଫା ମନୱ୍‌ର୍ ସାହିବା (ଇଣ୍ଡୋନେସିଆ)
Master of Science in Occupational Health, safefy and the environment

ଫଜା ଆମିର୍ ସାହିବା (ନାଇଜେରିଆ)
Master of Science in Medicine

ଶାଇସ୍ତା ସମ୍ବଲ୍ ଅହେମଦ୍ ସାହିବା (ଡେନ୍‌ମାର୍କ)
Master in Communication Marketing

ହାଫ୍‌ଜା ଅଞ୍ଜୁମ୍ ସାହିବା (ପାକିସ୍ତାନ୍)
BS (Honours) in Zoology

ସାକିୟା ନସିର୍ ସାହିବା (ପାକିସ୍ତାନ୍)
BS (Honours) in Microbiology

ଅନିସା ଆବିଦ୍ ସାହିବା (ନାଇଜେରିଆ)
Bachelor of Agricultural Technology in Food Science and Nutrition

ଆମେନା ମେହମୁଦ୍ ସାହିବା (ସୁରଜରଲାଣ୍ଡ)
Bachelor of Medicine in Human Medicine

ନିଦା କାହଲୁଁ ସାହିବା (ଫ୍ରାନ୍ସ୍)
Primary School Teaching

ସାଦକା ବେଶାରତ୍ ସାହିବା (ଡେନ୍‌ମାର୍କ)
Gymnasium

ନବା ମୁହେମିନ୍ ସାହିବା (ସ୍ୱିଡେନ୍)
Secondary School

ମଲିହା ନବାହତ୍ ଜଫର୍ ସାହିବା (କେନିଆ)
Secondary School

ନଓ୍ୱାଲ୍ ମୁବଶିର୍ ସାହିବା (ସାଉଦିଆରବ)
Secondary School

ମଲିହା ସୟଦ୍ ସାହିବା (ଜର୍ମାନୀ)
High School

ପୁରସ୍କାର ବିତରଣୀ ଉତ୍ସବ ପରେ ୧୨:୫୦ରେ ହଜୁର୍ ଅନ୍ୱର୍ ଅ:ବ:ଅ ଭାଷଣ ପ୍ରଦାନ କଲେ । (କ୍ରମଶଃ...)

(ବହଓ୍ୱାଲା ଅଖବାର୍ ବଦର, ୧୧ ଅକ୍ଟୋବର୍ ୨୦୧୮)

____________

EDITOR
Qamarul Haque Khan
Sub-Editor : Maqsood Ali Khan
Mob : (+91) 9437128786
e-mail :odiabadar@gmail.com

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750

The Weekly Qadian **BADAR** ସାପ୍ତାହିକ ବଦର କାଦିଆନ

Distt: Gurdaspur (Pb.) INDIA Qadian - 143516

Postal Reg. No.GDP-40/2017-2019 Vol.3 Thursday 18 October 2018 Issue No.42

MANAGER
NAWAB AHMAD
Tel : +91 -1872-224757
Mobile. : +91 - 94170-20616
e-mail :managerbadrqnd@gmail.com

**ANNUAL SUBSCRIPTION:**Rs.500/- (Per Issue:Rs.9/-) (**WEIGHT** - 20-50gms/issue)

# ସୟଦ୍ନା ହଜ୍ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଙ୍କ ଜର୍ମାନୀ ଗସ୍ତ - (ସେପ୍ଟେମ୍ବର ୨୦୧୮)

**୮ ସେପ୍ଟେମ୍ବର ୨୦୧୮ (ଶନିବାର)**

ସୟଦ୍ନା ହଜ୍ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ୫:୫୦ ରେ ପୁରୁଷମାନଙ୍କର ଜଲ୍ସାଗାଃ ଠାରେ ପହଂଚି ଫଜର୍ ନମାଜ ପଢ଼ାଇଲେ । ନମାଜ ପାଠ ପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ । ସକାଳ ସମୟରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଡାକ ନିରୀକ୍ଷଣ କଲେ ଓ ବିଭିନ୍ନ ଦଫ୍ତରି କାର୍ଯ୍ୟ ସମ୍ପାଦନ କରିବାରେ ଲିପ୍ତ ରହିଲେ । ଆଜି ପ୍ରୋଗ୍ରାମ୍ ମୁତାବକ ଲଜ୍ନା ଜଲ୍ସାଗାଃଠାରେ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କର ଲଜ୍ନାଙ୍କ ନିମନ୍ତେ ଅଭିଭାଷଣ ପ୍ରଦାନ କରିବାର ଥିଲା ।

ଆଜି ଲଜ୍ନା ଜଲ୍ସାଗାଃ ଠାରେ ସକାଳବେଳାର ଇଜ୍ଲାସ୍ର ଶୁଭାରମ୍ଭ ଠିକ୍ ୧୦ବେଳେ ହଜ୍ରତ୍ ବେଗମ୍ ସାହିବା ମଦଜିଲ୍ଲହଲ୍ ଆଲିଙ୍କ ସଭାପତିତ୍ୱରେ ହେଲା ଯାହା ୧୧:୪୦ ପର୍ଯ୍ୟନ୍ତ ଜାରି ରହିଲା । ଏହି ଶେସନ୍ରେ ତିଲାଓ୍ୱତେ କୁର୍ଆନ୍ କରିମ୍ ପାଠ, ଏହାର ଉର୍ଦ୍ଦୁ ଓ ଜର୍ମାନୀ ଭାଷାରେ ଅନୁବାଦ ପାଠ କରିବା ବ୍ୟତୀତ ଗୋଟିଏ ଉର୍ଦ୍ଦୁ ନଜମ୍ ଓ ଚାରିଗୋଟି ତକ୍ରୀର୍ ଉପସ୍ଥାପନ କରାଗଲା । ସେଥିମଧ୍ୟରୁ ଦୁଇଟି ଉର୍ଦ୍ଦୁ ଭାଷାରେ ଓ ଦୁଇଟି ତକ୍ରିର୍ ଜର୍ମାନୀ ଭାଷାରେ ଥିଲା ।

ପ୍ରୋଗ୍ରାମ୍ ମୁତାବକ ଠକ ଦିନ ୧୨ଟା ବେଳେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଲଜ୍ନା ଜଲ୍ସାଗାଃରେ ପହଂଚିଲେ । ନାଜିମା ଆଲାତ୍ ଏବଂ ନ୍ୟାସ୍ନାଲ୍ ସଦର୍ ଲଜ୍ନା ଇମାଇଲ୍ଲାଃ ଜର୍ମାନୀ ନିଜ ନିଜର ନାଏବ୍ ନାଜିମାତ୍ ଆଲାଙ୍କ ସହିତ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କୁ ସ୍ୱାଗତ ଜଣାଇଲେ ଓ ମହିଳାମାନେ ବହୁତ ଉତ୍ସାହର ସହିତ ନାରା ଲଗାଇ ନିଜ ପ୍ରିୟ ଆକାଙ୍କୁ ସ୍ୱାଗତ ଜଣାଇଲେ ।

ଜର୍ମାନୀର କାନୁନ୍ ମନ୍ତ୍ରୀ ମୋହ୍ତରମା କଟ୍ରିନା ବାର୍ଲି ସାହିବା ମଧ୍ୟ ଏହି ଇଜ୍ଲାସ୍ରେ ଯୋଗ ଦେବାପାଇଁ ଆସିଥିଲେ । ଇଜ୍ଲାସ୍ର ନିୟମିତ ଶୁଭାରମ୍ଭ ପୂର୍ବରୁ ସେ ନିଜର ଅଭିଭାଷଣ ଉପସ୍ଥାପନ କରି କହିଲେ ଜର୍ମାନୀର ଜାତୀୟ ପତାକା ସହିତ ଜମାତ୍ ଅହେମଦୀୟାର ପତାକା ମଧ୍ୟ ଲଗାଯାଇଛି । ଏହା ବହୁତ ଗୁରୁତ୍ୱପୁର୍ଣ୍ଣ କଥା ଅର୍ଥାତ୍ ଏଠାରେ ଦୁଇଜଣଙ୍କ ପାଇଁ ସ୍ଥାନ ରହିଛି । ଆପଣମାନଙ୍କର ଏହି ଶୈଳୀ କି ଆପଣମାନେ ଲୋକମାନଙ୍କ ସହିତ ମିଶୁଛନ୍ତି, ବାର୍ତାଳାପ କରୁଛନ୍ତି ଏବଂ ଲୋକମାନଙ୍କୁ ଏଥିରେ ଭାଗ ନେବା ପାଇଁ ନିମନ୍ତ୍ରଣ ଦେଉଛନ୍ତି । ଫଳତଃ କୁଧାରଣା ଓ ଆଶଙ୍କାର ସମ୍ଭାବନା ଦୂର ହେଉ । ଏହା ବହୁତ ସଠିକ୍ ଶୈଳୀ ଅଟେ ଧର୍ମୀୟ ସ୍ୱାଧୀନତା ଆମ ପ୍ରଥାର ଅଂଶବିଶେଷ । ବର୍ତମାନ ଜର୍ମାନୀରେ ଏକଥାର ଆବଶ୍ୟକ ରହିଛି କି ଆମେ ହିଁ ସ୍ୱାଧୀନତାକୁ କିପରି ସୁରକ୍ଷିତ କରିବା । ଏହି ଧର୍ମୀୟ ସ୍ୱାଧୀନତା ପ୍ରତ୍ୟେକ ସ୍ଥାନରେ ନାହିଁ, ସଂସାରର ବିଭିନ୍ନ ଦେଶଗୁଡିକରେ ଆପଣଙ୍କ ଜମାତ୍ ଏ ବିଷୟ ଜାଣିଛନ୍ତି କି ସେଠାରେ ଧର୍ମୀୟ ସ୍ୱାଧୀନତା ଦିଆଯାଉନାହିଁ ଓ କେଉଁଠାରେ ଯଦି ଲିଖିତ ଆକାରରେ ଦିଆଯାଉଛି ସେଠାରେ ବାସ୍ତବିକ ରୂପେ କାର୍ଯ୍ୟ କରାଯାଉନାହିଁ । ଅନେକ ଦେଶରେ ଆପଣଙ୍କ ଜମାତ୍ ଉପରେ ପ୍ରତିବନ୍ଧକ ଲାଗିଛି । ଜମାତ୍ର ସଦସ୍ୟମାନଙ୍କୁ ଭିନ୍ନ ବ୍ୟବହାରର ସମ୍ମୁଖୀନ ହେବାକୁ ପଡୁଛି ବରଂ ଜମାତ୍ ଉପରେ ଅତ୍ୟାଚାର ମଧ୍ୟ କରାଯାଉଛି । ଆପଣଙ୍କ ଜମାତ୍ର ବାର୍ତାଳାପ, ବିଶାଳ ହୃଦୟ ଏବଂ ଏ ଯେଉଁ ମୋଟୋ ରହିଛି କି ''ମହବତ୍ ସବ୍ସେ, ନଫ୍ରତ୍ କିସିସେ ନେହିଁ'' ଏହା ବହୁତ ଗୁରୁତ୍ୱପୁର୍ଣ୍ଣ । ଏହି ଯୁଗରେ ଆମକୁ ଆପଣଙ୍କ ପରି ଲୋକେ ଏ ଜର୍ମାନୀରେ ପୂର୍ବାପେକ୍ଷା ଅଧିକାର ଆବଶ୍ୟକ ରହିଛି ।

ତାଙ୍କ ଅଭିଭାଷଣ ଦେବା ପରେ ଏହି ଇଜ୍ଲାସ୍ର ନିୟମିତ ଶୁଭାରମ୍ଭ ପବିତ୍ର କୋରାନ୍ର ପାଠ ଦ୍ୱାରା କରାଗଲା, ଯାହାକୁ ଅଜିଜା ଦୁର୍ରେ ଅଜମ୍ ହୁବୁଶ୍ ସାହିବା ପାଠ କଲେ । ଏହାପରେ ଏହାର ଉର୍ଦ୍ଦୁ ଓ ଜର୍ମାନୀ ଭାଷାରେ ଅନୁବାଦ ଉପସ୍ଥାପନ କରାଗଲା । ଏହାପରେ ଅଜିଜା ଅନିକା ଶାକିର୍ ବାଜୁଆ ସାହିବା ହଜ୍ରତ୍ ମୁସ୍ଲେହ୍ ମଉଦ୍ ର:ଅଙ୍କ ମଞ୍ଜୁମ୍ କଲାମ୍ -

*ଖୁଦାସେ ଚାହିଏ ହେ ଲଓ ଲଗାନି*
*କେ ସବ୍ ଫାନି ହୈ ପର ୱହ୍ ଗଏର୍ ଫାନି*
*ୱହି ହୈ ରାହତୋ ଆରାମ୍ ଦିଲ୍କା*
*ଉସିସେ ରୁହ୍କୋ ହୈ ଶାଦ୍ମାନି*

ର ନିର୍ବାଚିତ ପଦଗୁଡିକ ବହୁତ ସୁନ୍ଦର ସ୍ୱରରେ ପଢ଼ି ଶୁଣାଇଲେ ।

ଏହାପରେ ପ୍ରୋଗ୍ରାମ୍ ମୁତାବକ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଶିକ୍ଷା କ୍ଷେତ୍ରରେ ସଫଳ କୃତି ହାସଲ କରିଥିବା ୬୨ଜଣ ଛାତ୍ରୀଙ୍କୁ ସାର୍ଟିଫିକେଟ୍ ପ୍ରଦାନ କଲେ ଏବଂ ହଜ୍ରତ୍ ବେଗମ୍ ସାହିବା ମଦଜିଲ୍ଲହଲ୍ ଆଲି ଏହି ଛାତ୍ରୀମାନଙ୍କୁ ମେଡାଲ୍ ପିନ୍ଧାଇଲେ । ତାଲିମ୍ ଆଓ୍ୱାର୍ଡ୍ (ଶିକ୍ଷା ପୁରସ୍କାର) ହାସଲ କରିଥିବା ସେହି ସୌଭାଗ୍ୟବତି ଛାତ୍ରୀମାନଙ୍କ ନାମ ନିମ୍ନରେ ଦିଆଯାଉଅଛି ।

ପ୍ରଫେସର୍ ଡାଃ ମଦିହା ରାଣା ସାହିବା (ଜର୍ମାନୀ)
Habilitation in Psychology

ଡାଃ ସାଏରା ଅଫ୍ଜଲ୍ ସାହିବା (ଜର୍ମାନୀ)
Ph.D in Bio-Science

ଡାଃ ରିଦା ଇନ୍ଆମ୍ ସାହିବା (ଜର୍ମାନୀ)
Ph.D in English Language and Literature Studies

ସଫୁରା ଚିମା ସାହିବା (ଜର୍ମାନୀ)
State Examination in Human Medicine

ସାଏମା ଇନ୍ଆମ୍ ସାହିବା (ଜର୍ମାନୀ)
State Examination in Human Medicine

ଗଜାଲା ଅହେମଦ୍ ସାହିବା (ଜର୍ମାନୀ)
Second State Examination in Teaching

ତଲ୍ଅତ୍ ଜୁବେର୍ ସାହିବା (ଜର୍ମାନୀ)
Magistra Artium in Political Science and German Language and Literature

ତଲ୍ଅତ୍ ଜୁବେର୍ ସାହିବା (ଜର୍ମାନୀ)
1st State Examination in Teaching

ସାଇକା ରୁବିନା ଅଖ୍ତର୍ ସାହିବା (ଜର୍ମାନୀ)
1st State Examination in Teaching

ନାଏଲା ଅର୍ଶଦ୍ ସାହିବା (ଜର୍ମାନୀ)
1st State Examination in Teaching

ଅଫିଫା ଶବିର୍ ଅହେମଦ୍ ସାହିବା (ଜର୍ମାନୀ)
1st State Examination in Teaching

ଅମ୍ମାରାଃ ଭଟ୍ଟି ସାହିବା (ଜର୍ମାନୀ)
1st State Examination in Teaching

ନିଦା ହିନା ଅହେମଦ୍ ସାହିବା (ଜର୍ମାନୀ)
1st State Examination in Teaching

ସମନ୍ ମାଜିଦ୍ ଶେଖ୍ ସାହିବା (ଜର୍ମାନୀ)
1st State Examination in Teaching

ସଲ୍ମା ଅହେମଦ୍ ସାହିବା (ଜର୍ମାନୀ)
1st State Examination in Teaching

ମଦିହା ଅହେମଦ୍ ସାହିବା (ଜର୍ମାନୀ)
1st State Examination in Teaching

ନିଦା ରାଞ୍ଝା ସାହିବା (ଜର୍ମାନୀ)
1st State Examination in Teaching

ଇଫତ୍ ଅହେମଦ୍ ସାହିବା (ଜର୍ମାନୀ)
1st State Examination in Teaching

ନୌଶିନ ଅହେମଦ୍ ସାହିବା (ଜର୍ମାନୀ)
1st State Examination in Teaching

ମଛି ଶଫିକ୍ ସାହିବା (ଜର୍ମାନୀ)
Master of Science in Health Science

ଉଜ୍ମା ହନିଫ୍ ସାହିବା (ଜର୍ମାନୀ)
Master of Arts in Research in Social work

ମାରିଆ ୱହିଦ୍ ସାହିବା (ଜର୍ମାନୀ)
Master of Arts in Sociology

ବୁଶ୍ରା ନୁର୍ ଅହେମଦ୍ ସାହିବା (ଜର୍ମାନୀ)
Master of Arts in Anglophone Literatures, Cultures and Media

ସାଇରା ଅହେମଦ୍ ସାହିବା (ଜର୍ମାନୀ)
Master in Economics and Finance Sociology

ମାରିଆ ଅବ୍ବାସ୍ ସାହିବା (ଜର୍ମାନୀ)
Master of Education in Teaching

ଆଇଶା ମନୋଓ୍ୱର୍ ଘମନ୍ ସାହିବା (ଜର୍ମାନୀ)
Master of Science in Cardiovascular Science

ଅନିଲା ଅଖ୍ତର୍ ଅହେମଦ୍ ସାହିବା (ଜର୍ମାନୀ)
Master of Science in Mechanical Engineering

ସବିହା ଅହେମଦ୍ ସାହିବା (ଜର୍ମାନୀ)
Master of Education in Teaching

ମନ୍ସୁରା ସଇଦ୍ ସାହିବା (ଜର୍ମାନୀ)
Master of Education in Teaching

ଅନ୍ଅମ୍ ହୈଦର୍ ସାହିବା (ଜର୍ମାନୀ)
Master of Education in Teaching

ତମ୍ସିଲା ମେହ୍ମୁଦ୍ ସାହିବା (ଜର୍ମାନୀ)
Bachelor of Arts in Teaching master in Aeronautical Engineering

*ଅବଶିଷ୍ଟାଂଶ ପୃଷ୍ଠା-୧୧ ରେ ଦେଖନ୍ତୁ...*

Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of the Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan